
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୯ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 August 2025

Vol.No. 36 ■ No.209 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ପୁଟିନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ,୮/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ରମାଗତ ଭାବେ ଭାରତ ବିରୋଧୀ ଆଭିମୁଖ୍ୟକୁ ବଢ଼ାଇ ଚାଲିଛନ୍ତି। ଟ୍ରମ୍ପ ଭାରତ ଉପରେ ୫୦% ଟାରିଫ ଲଗାଇଥିବାରୁ ଏହାର ମୁକାବିଲା କରିବାକୁ ଅଣ୍ଟା ଭିଡ଼ିଛି ନୂଆଦିଲ୍ଲୀ। ଟ୍ରମ୍ପଙ୍କ ସହ ବିବାଦ ଚାଲିଥିବା ବେଳେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନରେ କଥା ହୋଇଛନ୍ତି। ସେ ପୁଟିନଙ୍କ ସହ ବେଶ ଭଲ ଓ ବିସ୍ତୃତ ଭାବେ ସବୁ ପ୍ରସଙ୍ଗରେ କଥା ହେବା ସହ ଦୁଇ ଦେଶ ମଧ୍ୟରେ ଥିବା ରଣନୀତିକ ଭାଗିଦାରୀ ପ୍ରତି ଭାରତ ପ୍ରତିବଦ୍ଧ ରହିଥିବା ମୋଦି ଜଣାଇଛନ୍ତି। ଚଳିତ ବର୍ଷ ଭାରତ-ରୁଷ ୨୩ତମ ବାର୍ଷିକ ସମ୍ମିଳନୀ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏହି ସମୟରେ ପୁଟିନଙ୍କୁ ସ୍ୱାଗତ କରିବା ପାଇଁ ମୋଦି ଅପେକ୍ଷା କରିବେ ବୋଲି ଏକ୍ସରେ ସୂଚନା ଦେଇଛନ୍ତି। ୟୁକ୍ରେନ ଯୁଦ୍ଧ ସମ୍ପର୍କରେ ପୁଟିନ ତାଙ୍କୁ ବିସ୍ତୃତ ତଥ୍ୟ ଦେଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି। ଏକ୍ସରେ ମୋଦି କହିଛନ୍ତି, "ଗୋଟିଏ ସକାରାତ୍ମକ ଓ ବିସ୍ତୃତ ଆଲୋଚନା ମୋ ବନ୍ଧୁ ରାଷ୍ଟ୍ରପତି ପୁଟିନଙ୍କ ସହ କରିଛି। ୟୁକ୍ରେନ ଯୁଦ୍ଧ ସହ ଜଡ଼ିତ ସଦ୍ୟତମ ତଥ୍ୟ ଦେଇଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଜଣାଇଛି। ଆମେ ଦ୍ୱିପାକ୍ଷିକ ଏଜେଣ୍ଡାର ସମୀକ୍ଷା କରିଛୁ। ଭାରତ-ରୁଷ ମଧ୍ୟରେ ଥିବା ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀକୁ ଆହୁରି ନିବିଡ଼ କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ। ଚଳିତ ବର୍ଷ ରାଷ୍ଟ୍ରପତି ପୁଟିନଙ୍କୁ ଭାରତର ସ୍ୱାଗତ କରିବାକୁ ମୁଁ ଅପେକ୍ଷାରତ।" ମୋଦି ଓ ପୁଟିନଙ୍କ ଫୋନ ଯୋଗେ ଆଲୋଚନା କରେ ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ଆଭିମୁଖ୍ୟକୁ ପ୍ରଧାନମନ୍ତ୍ରୀ ଦୋହରାଇଛନ୍ତି। ବିବାଦ ସମାଧାନ ପାଇଁ ଭାରତ ପକ୍ଷରୁ ରୁଷ ଓ ୟୁକ୍ରେନକୁ ଆଲୋଚନା କରିବାକୁ ଆହ୍ୱାନ କରାଯାଇଛି। ଯୁଦ୍ଧ ଏବେ ୪ର୍ଥ ବର୍ଷରେ ପ୍ରବେଶ କଲାଣି। ଏହାବାଦ ଦୁଇ ନେତା ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଓ ପରସ୍ପର ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ମଜବୁତ କରିବା ପାଇଁ ପ୍ରତିବଦ୍ଧ ଥିବା ଜଣାଇଛନ୍ତି।

## ଅପାରଗ ଅଧିକାରୀ ତାଲିକା ଦେଲେନି




ଭୁବନେଶ୍ୱର, ୦୮/୮ (ନି.ପ୍ର): ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକୁ ଅବମାନନା । ଅପାରଗ ବାବୁମାନଙ୍କ ତାଲିକା ପ୍ରସ୍ତୁତ କରି ପଠାଇବାକୁ ସମସ୍ତ ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଯେଉଁ ସରକାରୀ ଅଧିକାରୀମାନେ ସେମାନଙ୍କୁ ଦିଆଯାଇଥିବା ଦୟିତ୍ୱକୁ ଠିକ୍ ଭାବେ ତୁଲାଉନାହାନ୍ତି, ଯେଉଁମାନଙ୍କର ନିଷ୍ଠା, ସାଧୁତା ସନ୍ଦେହଜନକ, କାମ କରିବାକୁ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ନାହାନ୍ତି, ଏକାଧିକ ଭିଜିଲାନ୍ସ ମାମଲା ଅଛି, ଦୁର୍ନୀତିଗ୍ରସ୍ତ ଅଧିକାରୀ ବୋଲି ପ୍ରମାଣିତ ହୋଇଛନ୍ତି, ବାରମ୍ବାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି, ଅଫିସରେ ଦିଆଯାଉଥିବା କାର୍ଯ୍ୟକୁ ଠିକ୍ ଭାବେ ତୁଲାଉନାହାନ୍ତି; ଏହିଭଳି ଅପାରଗ ବାବୁମାନଙ୍କ ତାଲିକା ପ୍ରସ୍ତୁତ କରି ପଠାଇବାକୁ ସମସ୍ତ ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଉଦ୍ଦେଶ୍ୟ ଥିଲା ଯିଏ ଅପାରଗ ସେମାନଙ୍କୁ ଚାକିରିରୁ ବିଦା କରିଦିଆଯିବ। ଯେଉଁ ପଦବି ଖାଲି ପଡ଼ିବ ସେଥିରେ ନୂଆ ନିଯୁକ୍ତି ଦିଆଯିବ । ଖୋଦ୍ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମାର୍ଚ୍ଚ ୨୪ରେ ବସିଥିବା ସଚିବସ୍ତରୀୟ ବୈଠକରେ ଏହି ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବି ବିଭିନ୍ନ ବିଭାଗର ସଚିବମାନେ ତାଲିକା ଦେଲେନି । ଏପ୍ରିଲ, ମେ', ଜୁନ୍, ଜୁଲାଇରେ ବସିଥିବା ସଚିବସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଥିଲା । ଏହାପରେ ଅଗଷ୍ଟ ୪ରେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ସଚିବଙ୍କୁ ଲେଖାଯାଇଥିବା ୟୁଓଆଇ ନୋଟ୍‌ରେ ବିଭାଗଗୁଡ଼ିକୁ ୧୨ଟି ପଏଣ୍ଟରେ ତଥ୍ୟ ମଗାଯାଇଥିବାବେଳେ ଏଥିରେ ବି ଅପାରଗ କର୍ମଚାରୀଙ୍କୁ ଆଗୁଆ ଅବସର ଦେବା ନେଇ ତଥ୍ୟ ମଗାଯାଇଥିଲା । ଏଥିରେ କେଉଁ ବିଭାଗରେ କେତେ ଜଣ ସରକାରଙ୍କ ମାନଦଣ୍ଡ ଅନୁଯାୟୀ ଅପାରଗ ଅଛନ୍ତି ତା'ର ତାଲିକା ମଗାଯାଇଥିଲା ।

▶▶ପୃଷ୍ଠା ୭

## ଭୁବନେଶ୍ୱର ଏମ୍ସରେ ସିବିଆଇ ଚଢ଼ାଉ




ଭୁବନେଶ୍ୱର, ୦୮/୮ (ନି.ପ୍ର): ନିଯୁକ୍ତି ଦୁର୍ନୀତି ଅଭିଯୋଗ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ଏମ୍ସ ଭୁବନେଶ୍ୱର ସମେତ ରାଜଧାନୀ ଭୁବନେଶ୍ୱରର ଏକାଧିକ ସ୍ଥାନରେ ଚଢ଼ଉ କରିଛି। ସିବିଆଇର ଏକାଧିକ ଟିମ୍ ଏମ୍ସ ଭୁବନେଶ୍ୱର ସମେତ ଅନ୍ୟ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାଯାଇଛି। ସିବିଆଇର ଏହି ଚଢ଼ଉ ଅଭିଯାନରେ ଭୁବନେଶ୍ୱରର କଳ୍ପନା ଅଂଚଳ ଓ ଜଗତସିଂହପୁରଜିଲ୍ଲା ମଧ୍ୟ ସାମିଲ ରହିଛି। ଏହି ଚଢ଼ଉ ସମୟରେ ସିବିଆଇ ଟିମ୍ କୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହସ୍ତଗତ ହୋଇଥିବା ଜଣାଯାଇଛି।

## ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ମାମଲା: ମୁଖ୍ୟ ଅଭିଯୁକ୍ତକୁ ଚେନ୍ନାଇରୁ ଧରିଲା ପୁଲିସ



କେନ୍ଦ୍ରାପଡ଼ା, ୦୮/୮ (ନି.ପ୍ର): ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ମୁଖ୍ୟ ଅଭିଯୁକ୍ତ ହେଲା ଗଣେଶ୍ୱର ବେହେରାଙ୍କ ପୁଅ ପ୍ରମୋଦ ବେହେରା। ତାର ଘର ବିଲିକଣା ପଞ୍ଚାୟତ ତେରୋଇ ଗାଁରେ ବୋଲି ଜଣାଯାଇଛି। ତାକୁ ଚେନ୍ନାଇରୁ ଧରି କେନ୍ଦ୍ରାପଡ଼ା ଆଣୁଛି ପୁଲିସ୍। ସୂଚନାଯୋଗ୍ୟ, ବୁଧବାର ଦିନ ଜଣେ ଯୁବତୀ ତାଙ୍କ ପୂର୍ବତନ ପ୍ରେମିକଙ୍କ ବାରମ୍ବାର ଧମକର ଶିକାର ହେବା ପରେ ନିଜ ଦେହରେ କିରାସିନି ଢାଳି ନିଆ ଲଗାଇ ନିଜ ଜୀବନ ନେଇଥିଲେ। ରିପୋର୍ଟ ଅନୁଯାୟୀ, ପ୍ରେମିକ ଜଣକ ତାଙ୍କର ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ପ୍ରସାରିତ କରିଥିଲେ ଏବଂ ତାଙ୍କ ସହିତ ସମ୍ପର୍କ ଭାଙ୍ଗିବା ପରେ ତାଙ୍କୁ ବ୍ଲାକମେଲ୍ କରିଥିଲେ। ବୁଧବାର ଦିନ, ଜଣେ ଯୁବତୀ ତାଙ୍କ ପୂର୍ବତନ ପ୍ରେମିକଙ୍କ ବାରମ୍ବାର ଧମକର ଶିକାର ହେବା ପରେ ନିଜ ଦେହରେ କିରାସିନି ଢାଳି ନିଆ ଲଗାଇ ନିଜ ଜୀବନ ନେଇଥିଲେ। ରିପୋର୍ଟ ଅନୁଯାୟୀ, ପ୍ରେମିକ ଜଣକ ତାଙ୍କର ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ପ୍ରସାରିତ କରିଥିଲେ ଏବଂ ତାଙ୍କ ସହିତ ସମ୍ପର୍କ ଭାଙ୍ଗିବା ପରେ ତାଙ୍କୁ ବ୍ଲାକମେଲ୍ କରିଥିଲେ। ଏହା ପରେ ଯୁବତୀ ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ସଦସ୍ୟ ଯୁବକଙ୍କ ବିରୁଦ୍ଧରେ ଅଭିଯୋଗ ଦାଏର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଫଆଇଆର ଦାଖଲ କରିବା ପରିବର୍ତ୍ତେ, ଏଏସଆଇ

▶▶ପୃଷ୍ଠା ୭

## ଗୁଣ୍ଡା ଭଳି କାମ କରିପାରିବ ନାହିଁ ଇଡି: ଆଇନର ସୀମା ଭିତରେ ରହିବାକୁ ତାଗିଦ୍




ନୂଆଦିଲ୍ଲୀ,୮/୮ : ବିଭିନ୍ନ ମାମଲାରେ ଇଡିର ଭୂମିକା ଏବେ ସନ୍ଦେହ ଘେରକୁ ଆସିଛି । ଅନେକ ହାଇପ୍ରୋଫାଇଲ୍ ମାମଲାରେ ଗିରଫଦାରୀ ଓ ପରେ ବିନା ପ୍ରମାଣ ପାଇଁ ଅପଦସ୍ତ ହେଉଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଯାହାକୁ ନେଇ ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି ।

▶▶ପୃଷ୍ଠା ୭

## ସ୍ଥିର ରହିବ ଏଲପିଜି ଦର: ୩ ତେଲ କମ୍ପାନୀକୁ ୩୦ ହଜାର କୋଟିର ସବସିଡି



ନୂଆଦିଲ୍ଲୀ,୮/୮ : ସରକାରୀ ଅଧିକୃତ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ପାଇଁ କେନ୍ଦ୍ର କ୍ୟାବିନେଟ ୩୦ ହଜାର କୋଟିର ସବିସିଡିକୁ ଅନୁମୋଦନ କରିଛି। ବର୍ଦ୍ଧିତ ଦର ସତ୍ତ୍ୱେ ଗ୍ରାହକଙ୍କୁ ଶସ୍ତାରେ ଏଲପିଜି ଯୋଗାଇ କମ୍ପାନୀଗୁଡ଼ିକ ସହିଥିବା କ୍ଷତିକୁ ଭରଣା କରିବା ସରକାର ଏପରି ବ୍ୟବସ୍ଥା କରିଛନ୍ତି। ଏହି ସବସିଡି କମ୍ପାନୀଗୁଡ଼ିକୁ ୧୨ଟି କିସ୍ତିରେ ଦିଆଯିବ। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ୩ ତୈଳ କମ୍ପାନୀ- ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସିଏଲ), ଭାରତ ପେଟ୍ରୋଲିୟମ କର୍ପୋରେସନ (ବିପିସିଏଲ) ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ (ଏଚପିସିଏଲ)କୁ ୩୦ ହଜାର

▶▶ପୃଷ୍ଠା ୭

## ସନ୍ଦେହରେ ବୋର୍ଡ ସଭାପତି: ପ୍ରଶ୍ନପତ୍ର ଚୋରି ପଛରେ ରହିଛି କି ହାତ ?



ଭୁବନେଶ୍ୱର, ୦୮/୮ (ନି.ପ୍ର): ଓଟିଇଟି ପ୍ରଶ୍ନପତ୍ର କେଳେଙ୍କାରୀ ସାମନାକୁ ଆସିବା ପରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଛି । ବୋର୍ଡର ସଭାପତିଙ୍କ ଠାରୁ ଆରମ୍ଭ କରି ଏକାଧିକ କର୍ମଚାରୀ ବର୍ଷ ବର୍ଷ ଧରି ପ୍ରଶ୍ନପତ୍ର ଚୋରି କଥା ଜାଣିଥିଲେ । କିନ୍ତୁ ନିଜ ନିଜର ପକେଟ ଗରମ କରି ଚୁପ ରହୁଥିଲେ । ତେଣୁ ଉପସଭାପତି ବନ୍ଧା ହେବା ପରେ ଆଗକୁ କାହା ପାଳି ତାକୁ ନେଇ ଜୋର ଧରିଛି ଚର୍ଚ୍ଚା। ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ବାନ୍ଧିବା ପରେ ସଭାପତିଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସବୁ ନିୟମକୁ ଜଳାଞ୍ଜଳି ଦେଇ ବୋର୍ଡ ଉପସଭାପତିଙ୍କ ପ୍ରଶ୍ନପତ୍ର ଦାୟିତ୍ୱ ଦେବା ସନ୍ଦେହକୁ ବଢ଼ାଇ ଦେଇଛି। ଚର୍ଚ୍ଚା ହେଉଛି ପ୍ରଶ୍ନପତ୍ର କେଳେଙ୍କାରୀ ସହ ଟଙ୍କା କାରବାର କଥା ଜାଣିଥିଲେ ବୋର୍ଡ ସଭାପତି। କିନ୍ତୁ ବୋର୍ଡ ଉପସଭାପତିଙ୍କୁ ଦାୟିତ୍ୱ ଦେଇ ସବୁ କେଳେଙ୍କାରୀ କରିବାକୁ ଛାଡି ଦେଇଥିଲେ ।

▶▶ପୃଷ୍ଠା ୭

## ଆଜି ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୦୮/୮ (ନି.ପ୍ର): ଆସନ୍ତାକାଲି ମିଳିବ ସୁଭଦ୍ରା ଟଙ୍କା। ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଟଙ୍କା। ଅଗଷ୍ଟ ୯ ତାରିଖରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବ। ତୃତୀୟ କିସ୍ତି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଜମା ହେବ। ଏହା ପୂର୍ବରୁ ଏହି ଯୋଜନାରେ ଉପୁଜିଥିବା ସମସ୍ୟାର ସମୀକ୍ଷା କରିବାକୁ କୋଟିଆ ଗସ୍ତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ଆମେ କୋଟିଆରେ ଘରେ ଘରେ ସୁଭଦ୍ରା ଦେବା ପାଇଁ ଘୋଷଣା କରିଥିଲୁ। ତାର ସମୀକ୍ଷା ହୋଇଛି। ସେ ପାଖାପାଖି ଥିବା ସବୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଦିମାନଙ୍କ ସହ ଆଲୋଚନା କରିଛନ୍ତି।

▶▶ପୃଷ୍ଠା ୭

## ରାହୁଲ ବନାମ ନିର୍ବାଚନ କମିସନ: ପ୍ରଶ୍ନ ଉତ୍ତର ଜୋରଦାର




ନୂଆଦିଲ୍ଲୀ,୮/୮ : କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗତକାଲି ନୂଆଦିଲ୍ଲୀ ଏଆଇସିସି ଅଫିସରେ ଭୋଟ୍ ଚୋରି ଅଭିଯୋଗ କରିଥିଲେ । ବେଙ୍ଗାଲୁରୁ କେନ୍ଦ୍ରୀୟ ଲୋକସଭା ଆସନ ଅନ୍ତର୍ଗତ ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ୍ ଚୋରି ଅଭିଯୋଗ କରିଥିଲେ ରାହୁଲ । ଆଜି ସେଠାରେ ହିଁ ଭୋଟର ଅଧିକାର ରାଲି କରି ପୁଣି ନିର୍ବାଚନ କମିସନ ଓ ବିଜେପିକୁ ଟାର୍ଗେଟ୍ କରିଛନ୍ତି । ନିର୍ବାଚନ କମିସନ ଓ ବିଜେପି ମିଳିମିଶି ଭୋଟ୍ ଚୋରି କରିଥିବା ପୁଣି ଅଭିଯୋଗ କରିଛନ୍ତି ରାହୁଲ । ଇଲେକ୍ଟ୍ରୋନିକ ଭୋଟର ତାଲିକା ଦେବା ପାଇଁ ରାହୁଲ ଦାବି କରିଛନ୍ତି। ଗତକାଲି ରାହୁଲଙ୍କ ଅଭିଯୋଗ ପରେ ସତ୍ୟପାଠ ସହ ଭୋଟ୍ ଚୋରିର ପ୍ରମାଣ ଦେବାକୁ ନହେଲେ ଦେଶକୁ କ୍ଷମା ପ୍ରାର୍ଥନା କରିବାକୁ ନିର୍ବାଚନ କମିସନ କହିଥିଲେ । ଜବାବରେ ରାହୁଲ କହିଛନ୍ତି, ସମ୍ବିଧାନ ଉପରେ ସେ ସଂସଦରେ ଶପଥ ନେଇ ସାରିଛନ୍ତି । ଭୋଟ୍ ଚୋରି ଅଭିଯୋଗ ପ୍ରମାଣ କରିବାକୁ ରାହୁଲ ଆଜି କିଛି ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିବା ବେଳେ ଏନେଇ ବିଭିନ୍ନ

▶▶ପୃଷ୍ଠା ୭

## ଆୟକର ବିଲ-୨୦୨୫ ପ୍ରତ୍ୟାହାର କଲେ କେନ୍ଦ୍ର ସରକାର



ନୂଆଦିଲ୍ଲୀ,୮।୮: କେନ୍ଦ୍ର ସରକାର ଲୋକସଭାରେ ଆୟକର ବିଲ ପ୍ରତ୍ୟାହାର କରିନେଇଛନ୍ତି। ସରକାର ଏବେ ଏହା ସ୍ଥାନରେ ଏକ ନୂତନ ବିଲ ଆଣିବେ। ଫେବୃଆରୀ ୨୦୨୫ରେ ଲୋକସଭାରେ ଉପସ୍ଥାପିତ ହେବା ପରେ, ଏହାକୁ ସିଲେକ୍ଟ କମିଟିକୁ ପଠାଯାଇଥିଲା। ସିଲେକ୍ଟ କମିଟିର ସମସ୍ତ ପରାମର୍ଶ ଗ୍ରହଣ କରିବା ପରେ, ସରକାର ଏବେ ଏକ ନୂତନ ବିଲ ଆଣିବେ। କେନ୍ଦ୍ର ସରକାର ୧୩ ଫେବୃଆରୀ ୨୦୨୫ରେ ଲୋକସଭାରେ ଏହି ନୂତନ ବିଲ ଆଗତ କରିଥିଲେ ଏବଂ ସେହି ଦିନ ଯାଞ୍ଚ ପାଇଁ ସିଲେକ୍ଟ କମିଟିକୁ ପଠାଇଥିଲେ। କମିଟି ୨୨ ଜୁଲାଇ ୨୦୨୫ ରେ ସଂସଦରେ ତାଙ୍କର ରିପୋର୍ଟ ଦାଖଲ କରିଥିଲା। ନୂତନ ଆୟକର ବିଲର ଅପଡେଟ ସଂସ୍କରଣ କେନ୍ଦ୍ର ସରକାରଙ୍କ କ୍ୟାବିନେଟରେ ଅନୁମୋଦନ ପାଇଛି। ବର୍ତ୍ତମାନ ଏହି ବିଲ ସୋମବାର (୧୧ ଅଗଷ୍ଟ ୨୦୨୫) ରେ ଲୋକସଭାରେ ଆଗତ କରାଯିବ। ଏହି ବିଲ ୬ ଦଶନ୍ଧି ପୁରୁଣା ଆୟକର ଆଇନ ୧୯୬୧କୁ ବଦଳାଇବ। ଭାଜପା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସିଲେକ୍ଟ କମିଟି ଏହାକୁ ସମୀକ୍ଷା କରିବା ପରେ ଅନେକ ସଂଶୋଧନ କରିଛି। ନୂତନ ଆୟକର ବିଲ ବିଷୟରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ସ୍ଲାବ ବିଷୟରେ। ଆୟକର ବିଭାଗ ସ୍ପଷ୍ଟ କରିଥିଲା ଯେ ନୂତନ ବିଲରେ ଟିକସ ସ୍ଲାବ ପରିବର୍ତ୍ତନ କରିବାର କୌଣସି ପ୍ରସ୍ତାବ ନାହିଁ। ଆୟକର ବିଭାଗ ଅନୁଯାୟୀ, ନୂତନ ବିଲର ଉଦ୍ଦେଶ୍ୟ ହେଉଛି ଭାଷାକୁ ସରଳ କରିବା ଏବଂ ଅନାବଶ୍ୟକ ବ୍ୟବସ୍ଥାକୁ ହଟାଇବା।

# ପବିତ୍ର ବନ୍ଧନର ସେତୁ

ରମେଶ ଚନ୍ଦ୍ର ନାୟକ



ରାକ୍ଷୀ ପୂର୍ଣ୍ଣିମା ଏକ ସର୍ବ ଭାରତୀୟ ପବିତ୍ର ଗଣପର୍ବ। ସାଧାରଣତଃ ଭାଇ ଭଉଣୀଙ୍କ ମଧ୍ୟରେ ଥିବା ପ୍ରେମ ଓ ସ୍ନେହର ପ୍ରତୀକ ଭାବରେ ରକ୍ଷା ବନ୍ଧନ ପର୍ବ ପ୍ରତି ବର୍ଷ ଶ୍ରାବଣ ମାସରେ ପାଳନ କରାଯାଇଥାଏ। ଏହି ଦିନରେ ଭଉଣୀମାନେ ଭାଇମାନଙ୍କ ହାତରେ ରକ୍ଷା ସୂତ୍ର ବାନ୍ଧି ଦେବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥାନ୍ତି। ଅନ୍ୟପକ୍ଷରେ ରାକ୍ଷୀ ବାନ୍ଧିବା ପରେ ଭାଇ ନିଜ ଭଉଣୀକୁ ସବୁବେଳେ ସୁରକ୍ଷା ଦେବ ବୋଲି ପ୍ରତିଶୃତି ଦେଇଥାଏ। ତେଣୁ ରକ୍ଷା ବନ୍ଧନ ଭାଇ ଭଉଣୀଙ୍କ ମଧ୍ୟରେ ପବିତ୍ର ବନ୍ଧନର ସେତୁ ବୋଲି ବିବେଚନା କରାଯାଏ।

ରାକ୍ଷୀ ହେଉଛି ବିଭିନ୍ନ ରଙ୍ଗରେ ଶୋଭା ପାଉଥିବା ଚାଖଣ୍ଡେ ରେଶମ ସୂତା ଖିଅ ଯାହାର ଅର୍ଥ ବିପଦେ ଆପଦେ ରକ୍ଷାକରିବା। ଏଥିରେ କେତୋଟି ପ୍ଲାଷ୍ଟିକ ବା କାଚ ପୋହଳା ମାଳି ଗୁନ୍ଥା ହୋଇଥାଏ ଯାହାକି ଚକ୍ ଚକ୍ କରୁଥିବା ନାଲି , ହଳଦିଆ , ଧଳା ଆଦି ରଙ୍ଗର ଜରିରେ ସୂକ୍ଷ୍ମ କାରୁକାର୍ଯ୍ୟରେ ଏହା ଅଧିକ ସୁନ୍ଦର ଦେଖାଯାଏ। ଲାଲ୍ ରଙ୍ଗ ଶତ୍ରୁ ଦମନ, ହଳଦିଆ ରଙ୍ଗ ସର୍ବଦା ଶାନ୍ତି ଓ ଧଳା ରଙ୍ଗ ସତ୍ୟର ପ୍ରତୀକ ଅଟେ। ଏହା ଏକ ଆକର୍ଷଣୀୟ ହସ୍ତ ବନ୍ଧନ ।

ପ୍ରାଚୀନ କାଳରେ ରକ୍ଷା ବନ୍ଧନ ଖାଲି ଭାଇ ଭଉଣୀଙ୍କ ମଧ୍ୟରେ ସୀମିତ ନଥିଲା। ସ୍ତ୍ରୀ ସ୍ୱାମୀଙ୍କୁ, ଝିଅ ବାପାଙ୍କୁ , ମୁନି ଋଷି ମାନେ ସେମାନଙ୍କ ନିକଟକୁ ଆଶୀର୍ବାଦ ଭିକ୍ଷା କରିବାକୁ ଆସୁଥିବା ଲୋକମାନଙ୍କ ହାତରେ ରାକ୍ଷୀ ବାନ୍ଧୁ ଥିଲେ। ବ୍ରାହ୍ମଣମାନେ ସେମାନଙ୍କ ଯଜମାନଙ୍କ ଓ ସାଧୁମାନେ ନିଜ ହାତରେ ନିଜେ ରାକ୍ଷୀ ବାନ୍ଧୁ ଥିଲେ। ଏହା ମଣିଷ ମନର ପାପ ଭାବନା

ଓ ଈର୍ଷାଭାବ ଦୂରେଇ ସ୍ନେହ ସଂପ୍ରୀତିର ସଂଚାର କରେ ବୋଲି ଏହାକୁ 'ପାପତୋଡକ ପୂଣ୍ୟ ପ୍ରଦାୟକ' ପର୍ବ ମଧ୍ୟ କୁହାଯାଏ। ରକ୍ଷା ବନ୍ଧନ ପ୍ରଭାବରେ ଆମ ସମାଜରେ ବହୁତ ସଂସ୍କାର ଆସିଛି। ରକ୍ଷା ଡୋରି ମଧ୍ୟ ଆମକୁ ବହୁ ଦୁର୍ଯୋଗରୁ ରକ୍ଷା କରୁଥିବାର ବିଶ୍ୱାସ ରହିଛି ବୋଲି ଏହାକୁ ଦୁର୍ଯୋଗ ରକ୍ଷାକାରୀ ପର୍ବ ମଧ୍ୟ କୁହାଯାଏ। ଏହା ରାଷ୍ଟ୍ରୀୟ ଚେତନା, ଆଧ୍ୟାତ୍ମିକ ଚିନ୍ତାର ବିକାଶ ତଥା ପାରସ୍ପରିକ ସ୍ନେହ ସଦ୍ଭାବର ସଂକେତ ବହନ କରେ। ରାକ୍ଷୀପୂର୍ଣ୍ଣିମା ଏକ କୃଷିଭିତ୍ତିକ ପର୍ବ। ଏଥିରେ ଆମ ଦେଶର ଧର୍ମ ଦର୍ଶନ , ରୀତିନୀତି, ଆଚାର ବ୍ୟବହାର, ପ୍ରଥା ପରମ୍ପରା ତଥା ସଭ୍ୟତା ସଂସ୍କୃତି ପ୍ରତିଫଳିତ। ଏହି ପର୍ବ ଦେଶବାସୀଙ୍କ ମଧ୍ୟରେ ଐକ୍ୟ ଓ ଭାଇଚାରାର ଭାବ ଅଭିବୃଦ୍ଧି କରି ରାଷ୍ଟ୍ରୀୟ ଜୀବନକୁ ସମୃଦ୍ଧ କରିବା ସହିତ ଚାରିଆଡ଼େ ସୃଷ୍ଟି କରେ ଏକ ମଧୁମୟ ପରିବେଶ।

ବହୁ ପ୍ରତିକ୍ଷାର ଅନ୍ତ ଘଟାଇ ବର୍ଷକରେ ଥରେ ଆଜି ଭଳି ଦିନଟି ଆସେ। ଆଜି ଭଉଣୀ ଟିଏ ଭାଇର ହାତରେ ଅତି ସ୍ନେହ ଶ୍ରଦ୍ଧାରେ ରାକ୍ଷୀ ବାନ୍ଧି ଦେଇଥାଏ। ସ୍ନେହ ପ୍ରେମର ଏହି ମହାମିଳନରେ ଉଭୟ ମଧୁର ଅନୁଭବର ଆହ୍ଲାଦିତ ହୁଅନ୍ତି। ବନ୍ଧା ହେଉଥିବା ରେଶମ ଡୋରିରେ ଭାଇ ନିମନ୍ତେ ଭଉଣୀର ସ୍ନେହ ଓ କଲ୍ୟାଣ ଭାବନା ପୁରି ରହିଥାଏ। ମଥାରେ ଚନ୍ଦନ ତିଳକ ମାରି ହଳଦୀ ମିଶ୍ରିତ ଅକ୍ଷତ, ଦୁବ , ଫୁଲ ଓ ଦୀପରେ ବନ୍ଦାପନା କରେ ଭଉଣୀ। ଈଶ୍ୱରଙ୍କ ନିକଟରେ ଦୀର୍ଘ ଆୟୂ କାମନା କରି ଭାଇର ଶୁଭ ମନାସି ଥାଏ। ବିପଦ ଆପଦରେ ଭଉଣୀକୁ ସୁରକ୍ଷା ଯୋଗାଇ ଛାଇ ପରି ରହି ତା'ର ସ୍ନେହ ମମତାର ମୂଲ୍ୟ ରଖିବା ହେଉଛି ରକ୍ଷା ବନ୍ଧନର ଅଭିପ୍ରାୟ। କୁନି ଝିଅ ହେଉ କି କିଶୋରୀ , ଯୁବତୀ ହେଉ କି ବିବାହିତ ମହିଳା, ଏପରିକି ବିଧବା ନାରୀଟିଏ ବି ତାର ଭାଇ ହାତରେ ଏହି ରାକ୍ଷୀ ଅତି ଆବେଗରେ ବାନ୍ଧି ଦେଇଥାଏ। ଧର୍ମ , ସମ୍ପ୍ରଦାୟ , ଜାତି , ଉଚ୍ଚ ନୀଚର କୌଣସି ପ୍ରଭେଦ ନଥାଏ ରକ୍ଷା ବନ୍ଧନର ଏହି ପବିତ୍ର ପରମ୍ପରାରେ। ଏଠାରେ ମନରେ ପ୍ରଶ୍ନ ଉଠେ , ରାକ୍ଷୀ ନ ବାନ୍ଧିଲେ କ'ଣ ଭାଇ ଭଉଣୀର ସୁରକ୍ଷା କରି ନଥାଏ ? ଏହା ଭାଇର ପାରିବାରିକ ଓ ସାମାଜିକ ଉତ୍ତରଦାୟିତ୍ୱ। ସମାଜରେ ଶିଥିଳ ହୋଇ ପଡୁଥିବା ଭାଇ ଭଉଣୀର ବିଶ୍ୱାସ ଓ ଭଲ ପାଇବାକୁ ଉଜ୍ଜୀବିତ କରି ମଜଭୁଦ୍ କରିବାରେ ରାକ୍ଷୀର ଭୂମିକା କିଛି କମ୍ ନୁହେଁ। ଏହା ସମ୍ପର୍କର ସେତୁକୁ ସୁଦୃଢ କରେ। ଏଣୁ ରକ୍ଷା ସୂତ୍ର ସଂକଳ୍ପିତ ହେବାର ପ୍ରତୀକ। ଏହା ଉଚ୍ଚ ଜୀବନ ମୂଲ୍ୟ ରକ୍ଷା ପାଇଁ ଜଣକୁ ବ୍ରତଶୀଳ କରାଏ। ଦାୟିତ୍ୱ ପୂର୍ଣ୍ଣ ଜୀବନଯାପନ କରିବାର ପ୍ରେରଣା ମଧ୍ୟ ପ୍ରଦାନ କରିଥାଏ। ଏହି ଉତ୍ସବ ପାଳନ ଦ୍ୱାରା ପାରିବାରିକ ଓ ସାମାଜିକ ଏକତା ଦୃଢ଼ୀଭୂତ ହୋଇଥାଏ।

ମଣିଷର ପର୍ବ ପର୍ବାଣୀ ପ୍ରେମ ତାକୁ ଜୀବନର ଉଚ୍ଚତର ଆଭିମୁଖ୍ୟ ଆଡ଼କୁ ଆକୃଷ୍ଟ କରେ। ପାରସ୍ପରିକତାର ମନ୍ତ୍ର ବଳରେ ଜୀବାତ୍ମାକୁ ବିଶ୍ୱାତ୍ମା ହେବାର ବାଟ ଫିଟାଏ। ମାନବକୁ ପରମ୍ପରା ପ୍ରତି ଶ୍ରଦ୍ଧାଶୀଳ କରେ। ଶାନ୍ତି, ପ୍ରୀତି, ମୈତ୍ରୀ ଓ ସ୍ନେହ ବନ୍ଧନର ପ୍ରତୀକ ଅଟେ ରାକ୍ଷୀ ଓ ଏହା ନାରୀ ଜାତି ପ୍ରତି ସମ୍ମାନ ଓ ଦାୟିତ୍ୱ ବୋଧର ଜାଗରଣ ସଂଚାର କରିଥାଏ। ସମ୍ପର୍କ , ସହୃଦୟତା ଓ ସଂହତିର ଭାବ ଉଦ୍ରେକ କରି ସାମାଜିକ ଜୀବନକୁ ସମୃଦ୍ଧ କରି ଗଢି ତୋଳେ। ପରିବାର ସୀମାକୁ ଡେଇଁ ଦେଶର ସୀମାକୁ ଯାଇ ସୈନିକ ମାନଙ୍କ ହାତରେ ରାକ୍ଷୀ ବାନ୍ଧି ପାରିଲେ ସେମାନେ ଦେଶବାସୀଙ୍କ ଭ୍ରାତୃ ପ୍ରେମର ଉଦବୁଦ୍ଧ ହୁଅନ୍ତେ। ସାଧାରଣ ଜନତାଙ୍କ ହାତରେ ରାକ୍ଷୀ ବାନ୍ଧିଲେ ପରିବେଶର ସନ୍ତୁଳନ ଓ ରାଷ୍ଟ୍ରୀୟ ଜୀବନର ସମନ୍ୱୟ ଆଣି ଜାତୀୟ ଜୀବନକୁ ସୁସଂହତ କରି ପାରନ୍ତା। ଆଜିକାଲି ରାକ୍ଷୀ ଦେବା ନେବାରେ ଏକ ଔପଚାରିକ ପର୍ବରେ ପରିଣତ ହୋଇଗଲାଣି। ରକ୍ଷା ବନ୍ଧନର ମୂଳ ଭାବନା ଲୁପ୍ତ ହୋଇଗଲାଣି। ଅତଏବ ଆମେ ସମସ୍ତେ ମିଳିମିଶି ଭାଇଭଉଣୀଙ୍କ ମଧ୍ୟରେ ସେହି ସ୍ନେହ ଶ୍ରଦ୍ଧା ରକ୍ଷା ପର୍ବର ମହତ୍ତ୍ୱକୁ ବୁଝିବା ନିହାତି ଦରକାର। ଯେପରିକି କୌଣସି ପରିସ୍ଥିତିରେ ମଧ୍ୟ ତାହା ଊଣା ନହୁଏ। ଜଣେ ଅନ୍ୟ ଜଣଙ୍କର ସୁଖ ଦୁଃଖରେ ଭାଗୀଦାର ହୋଇ ରୁହନ୍ତୁ। ଏହି ପର୍ବରେ ଭଉଣୀ ଭାଇର କଲ୍ୟାଣ କାମନା କରୁ ଓ ଭାଇ ଭଉଣୀର ସୁରକ୍ଷା ପାଇଁ ଦୃଢ ସଂକଳ୍ପ କରୁ। ଆମେ ସମସ୍ତେ ସମାଜର ସୁଧାର ପାଇଁ ଏହି ପ୍ରତିଜ୍ଞା କରିବା କଥା ଯେ ରାଷ୍ଟ୍ରଧର୍ମ ରକ୍ଷା ନିମନ୍ତେ ଆମେ ସବୁ ତତ୍ପର ରହିବା ଓ ପରସ୍ପର ପ୍ରେମ ପୂର୍ବକ ରହି ଆଦର୍ଶ ନାଗରିକ ହେବା। ଆଉ ଗୋଟିଏ କଥା ମନେ ରଖିବାକୁ ହେବ ଯେ ରାକ୍ଷୀରେ ଆଜିକାଲି ଓଁ , ସ୍ୱସ୍ତିକ ଆଦି ଦେବାଦେବୀଙ୍କ ଛବି ରହୁଥିବାରୁ ସେଗୁଡ଼ିକର ଉପଯୋଗ ସରିବାପରେ ତାହା ଏଣେତେଣେ ନପକାଇ ଧର୍ମର ପ୍ରତୀକକୁ ଅନାଦର ନକରି ଜଳରେ ବିସର୍ଜନ କରିବା ଶୋଭନୀୟ ଅଟେ।

+ଦରଭା, ମଙ୍ଗଳପୁର, ଯାଜପୁର,କଟକ
ମୋ :- ୭୯୭୮୧୫୧୭୧୦

# ରାକ୍ଷୀ ପୂର୍ଣ୍ଣିମା ଏକ ଅତୁଟ ବନ୍ଧନର ପର୍ବ



ପ୍ରଶାନ୍ତ କୁମାର ନାୟକ

ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ। ତନ୍ମଧ୍ୟରୁ ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ ଅଟେ। ଏହା ସମଗ୍ର ଭାରତ ବର୍ଷରେ ମଧ୍ୟ ପାଳନ କରାଯାଇଥାଏ। ଏହି ପର୍ବ ପର୍ବାଣୀଗୁଡ଼ିକ ଧର୍ମ ସମ୍ବନ୍ଧୀୟ କିମ୍ବଦନ୍ତୀ ମୂଳକ, ଜାତୀୟ ଚେତନାଧର୍ମୀ ଓ ଆଞ୍ଚଳିକ ଭାବାବେଗ ମୂଳକ ଅଟେ। ଭାଇ ଓ ଭଉଣୀର ସ୍ନେହ ଓ ଶ୍ରଦ୍ଧାର ଏକ ସୁନ୍ଦର ସେତୁ ହେଉଛି ଏହି ରାକ୍ଷୀ। ସଂକ୍ଷେପରେ ଏହାକୁ ରକ୍ଷା ସୂତ୍ର ବୋଲି ମଧ୍ୟ କୁହାଯାଏ। ରାକ୍ଷୀ ନାମକ ଏକ ଛୋଟ ଡୋରିରେ ରହିଥାଏ ଭଉଣୀର ଭାଇ ପ୍ରତି ସ୍ନେହ ଓ ସମ୍ମାନ। ପ୍ରତିମାସ ଶ୍ରାବଣ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଉଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ।

ପୌରାଣିକ କଥାବସ୍ତୁ ଆଧାରିତ ଏକ କିମ୍ବଦନ୍ତୀ ଅଛିଯେ, ଏକଦା ଦ୍ୱାରକାଧୀଶ ଭଗବାନ ଶ୍ରୀକୃଷ୍ଣଙ୍କର ଆଙ୍ଗୁଠିରେ ଏକ କ୍ଷତହୋଇ ରକ୍ତଶ୍ରାବ ହେଉଥିବାର ଦେଖି ତତ୍ ?କ୍ଷଣାତ୍ ଦ୍ରୌପଦୀ ନିଜେ ପିନ୍ଧିଥିବା ଶାଢୀରୁ କିଛି ଅଂଶ ଚିରିଦେଇ ଶ୍ରୀକୃଷ୍ଣଙ୍କର ସେହି କ୍ଷତ ସ୍ଥାନରେ ବାନ୍ଧି ଦେଇଥିଲେ। ଏଥିରେ ଅତ୍ୟନ୍ତ ଆନନ୍ଦିତ ହୋଇ ଭଗବାନ ଶ୍ରୀକୃଷ୍ଣ ଭବିଷ୍ୟତ ବିପଦରୁ ରକ୍ଷା କରିବାର ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ପରବର୍ତ୍ତୀ ସମୟରେ କୁରୁ ରାଜସଭାରେ ଏହାର ଫଳ ସ୍ୱରୂପ ପଶାଖେଳରେ ପରାଜିତ ପାଣ୍ଡବମାନଙ୍କର ପତ୍ନୀ ଦ୍ରୌପଦୀଙ୍କର ବସ୍ତ୍ରହରଣ ବେଳେ ପ୍ରଭୁ ଶ୍ରୀକୃଷ୍ଣ କୋଟିବସ୍ତ୍ର ପ୍ରଦାନକରି ତାଙ୍କର ମର୍ଯ୍ୟାଦା ରକ୍ଷା କରିବା ସହିତ ଲଜ୍ଜା ନିବାରଣ କରିଥିଲେ।

ରାକ୍ଷୀ ପୂର୍ଣ୍ଣିମା ହେଉଛି ଭାଇ ଓ ଭଉଣୀମାନଙ୍କର ଏକ ପବିତ୍ର ପର୍ବ। ଏହି ଅବସରରେ ଭଉଣୀ ନିଜ ଭାଇର ହାତରେ ରକ୍ଷାସୂତ୍ର ବା ରାକ୍ଷୀ ବାନ୍ଧିବା ପାଇଁ ପ୍ରାତଃ କାଳରେ ଶୁଦ୍ଧପୁତହୋଇ ରାକ୍ଷୀ, ସିନ୍ଦୁର, ଫୁଲ, ଚନ୍ଦନ, ଅରୁଆ ଚାଉଳ ଓ ଦ୍ୱୀପ ଇତ୍ୟାଦି ରଖି ଥାଳି ସଜାଡ଼ିଥାଏ। ଏହି ଅବସରରେ ଭଉଣୀ ନିଜ ଭାଇର କପାଳରେ ସିନ୍ଦୁର, ଚନ୍ଦନ ଓ ଅରୁଆ ଚାଉଳ ଲଗାଇ ହାତରେ ରାକ୍ଷୀ ବାନ୍ଧିଥାଏ ଏବଂ ତା'ର ଦୀର୍ଘାୟୁ ଏବଂ ଉଜ୍ଜଳ ଭବିଷ୍ୟତ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସ୍ନେହାଶୀର୍ବାଦ କରିବା ସହିତ ଉପହାର ଦେଇ ନିଜର କର୍ତ୍ତବ୍ୟ ପାଳନ କରେ। ଭଉଣୀର ବିପଦ ଆପଦରେ ଆଗରେ ଠିଆ ହେବାକୁ ଏବଂ ତା'ର ସମ୍ମାନ ରକ୍ଷା କରିବାକୁ ପ୍ରତିଶ୍ରୁତି ଦିଏ।

ରାକ୍ଷୀ ପୂର୍ଣ୍ଣିମା ପର୍ବ ଭାରତର ସଂସ୍କୃତି, ସଭ୍ୟତା ଏବଂ ପରମ୍ପରାର ଏକ ଅମୂଲ୍ୟ ପ୍ରତୀକ ଅଟେ। ଏହା ପରିବାର ମଧ୍ୟରେ ସମସ୍ତଙ୍କୁ ସ୍ନେହ ଓ ଭଲ ପାଇବାର ଡୋରିରେ ବାନ୍ଧି ରଖିବାର ପ୍ରୟାସ କରେ। ରାକ୍ଷୀକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ ବୋଲି କୁହାଯାଏ। ହିନ୍ଦୁ ଧର୍ମର ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ରକ୍ଷାବନ୍ଧନ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଓ ସୁରକ୍ଷାର ଏକ ଅତୁଟ ବନ୍ଧନ ସୃଷ୍ଟି କରିଥାଏ। ରାକ୍ଷୀ ପୂର୍ଣ୍ଣିମା ସାଧାରଣତଃ ଶ୍ରାବଣ ମାସରେ ପାଳନ କରାଯାଇଥାଏ। କିମ୍ବଦନ୍ତୀ ଅନୁସାରେ ଏହା ବଳରାମଙ୍କର ଜନ୍ମଦିନ ମଧ୍ୟ ଅଟେ। ଏହିଦିନ ଘରେ ଘରେ ପିଠାପଣା ଓ ବିଭିନ୍ନ ପ୍ରକାରର ମିଠା ପ୍ରସ୍ତୁତ ହୋଇଥାଏ। ଭଉଣୀମାନେ ଏହିଦିନ ଭାଇମାନଙ୍କର ଶୁଭକାମନା କରି ସେମାନଙ୍କ ହାତରେ ରାକ୍ଷୀ ବାନ୍ଧି ଥାଆନ୍ତି। ଭାଇମାନେ ମଧ୍ୟ ରାକ୍ଷୀର ପ୍ରତିଦାନ ସ୍ୱରୂପ ଭଉଣୀମାନଙ୍କର ସୁରକ୍ଷା ଦାୟିତ୍ୱ ନେଇଥାନ୍ତି। ହିନ୍ଦୁ ପରମ୍ପରା ଅନୁସାରେ ଏହି ଦିନ ପୁରପଲ୍ଲୀ ମାନଙ୍କର ବଳରାମଙ୍କର ପ୍ରତିନିଧି ସ୍ୱରୂପ ଗାଇ ଓ ବଳଦମାନଙ୍କୁ ମଧ୍ୟ ପୂଜା କରାଯାଇଥାଏ।

ରାକ୍ଷୀ ପୂର୍ଣ୍ଣିମା ହେଉଛି ଏକ ପ୍ରାଚୀନ ପରମ୍ପରା। ଏହି ପର୍ବଟି ଶ୍ରାବଣମାସ ପୂର୍ଣ୍ଣମୀ ତିଥି ବା ଗହ୍ମାପୂର୍ଣ୍ଣିମା ଅବସରରେ ଅତି ଆନନ୍ଦ ଓ ଉତ୍ସାହ ମଧ୍ୟରେ ପାଳନ କରାଯାଏ। ପ୍ରାଚୀନ କାଳରେ ଦେଶର ସୁରକ୍ଷା ଦାୟିତ୍ୱ କ୍ଷତ୍ରୀୟ ଓ ଖଣ୍ଡାୟତମାନଙ୍କ ହାତରେ ରହୁଥିଲା। ପୁରାଣ ଓ ଇତିହାସ ପୃଷ୍ଠାରୁ ପ୍ରମାଣ ମିଳେ ଯେ, ଭଉଣୀ ଯମୁନା ଯମଙ୍କ ହାତରେ ରାକ୍ଷୀ ବାନ୍ଧି ଯମ ଯନ୍ତ୍ରଣାରୁ ମୁକ୍ତି ପାଇଥିଲେ। ମଣିଷ ଜୀବନ ନାନାଦି ଦୁଃଖ ଓ ଯନ୍ତ୍ରଣାରେ ଭରପୁର। ସେ ସବୁକୁ ସାମୟିକ ଭାବରେ ଭୁଲିଯିବା ପାଇଁ ଆମେ ବିଭିନ୍ନ ପ୍ରକାର ଉତ୍ସବ ପାଳନ କରିଥାଉ। ଏହି କ୍ରମରେ ରାକ୍ଷୀ ପୂର୍ଣ୍ଣିମା ଏକ ପବିତ୍ର ଉତ୍ସବ। ଏହି ଉତ୍ସବ ସ୍ନେହ, ପ୍ରେମ ଓ ପ୍ରତ୍ୟୟ ହୋଇଥାଏ। ଏହା ସମାଜ ମଧ୍ୟରେ ଏକତା ଓ ସହଯୋଗର ନିବିଡ଼ ବନ୍ଧନ ସୃଷ୍ଟି କରେ। କର୍ମ ମୁଖର ଜୀବନରେ ଏହା ଆନନ୍ଦ ଓ କର୍ମ ପ୍ରେରଣା ଦେଇଥାଏ।

+ଓଡ଼ିଆ ଭାଷା
ପ୍ରତିଷ୍ଠାନ
ମୋ :୮୨୪୯୬୫୦୪୧୪

# ରକ୍ଷାବନ୍ଧନ- ୨୦୨୫

କାଳୀ ଦାସ



ଭାଇ ଭଉଣୀଙ୍କ ସ୍ନେହର ନିଦର୍ଶନ ହେଲା ରକ୍ଷାବନ୍ଧନ। ସମୟର ସ୍ରୋତରେ ଭାଇ ଭଉଣୀ ନିଜ ନିଜର ସଂସାରର ଦୁଃଖ ସୁଖ ଭିତରେ ବୁଡିଯାଇଛନ୍ତି। ପରିଚୟ ବଦଳିଯାଇଛି, ଆବଶ୍ୟକତା ମଧ୍ୟ ଅଲଗା ହୋଇଯାଇଛି, ଅନେକ ସମସ୍ୟା ଦେଇ ଗତିକରିଛନ୍ତି । ବୟସର ଚାବୁକ ଖାଇ ମଜବୁତ ହୋଇଛନ୍ତି କିନ୍ତୁ ଭିତରେ କେଉଠି ନା କେଉଠି ସେହି ଶୈଶବ ଲୁଚି ରହିଛି। "ରାକ୍ଷୀ" ଆସିଗଲେ ପୁଣି ମନେପଡେ ସେହି ଶୈଶବ, ଯେତେବେଳେ ସେମାନେ ଏକାଠି ବଢିଛନ୍ତି, ଖାଇଛନ୍ତି, ଖେଳିଛନ୍ତି ଝଗଡା ମଧ୍ୟ କରିଛନ୍ତି। ଯେଉଁ ଜୀବନକୁ ସେମାନେ ପଛରେ ଛାଡି ଦେଇ ଆଗେଇ ଆସିଛନ୍ତି ରାକ୍ଷୀ ପୂର୍ଣ୍ଣିମା ସେହି ସବୁ ସ୍ମୃତିକୁ ସାଉଣ୍ଟି ନେଇ ରାକ୍ଷୀର ରଙ୍ଗୀନ ସୂତା ରେ ବାନ୍ଧି ସତେ ଯେମିତି ଭାଇ ଭଉଣୀଙ୍କ ଆଗରେ ଅଜାଡି ଦିଏ ।

ଚତୁର୍ମାସ୍ୟାର ପ୍ରଥମ ମାସ ହେଲା ଶ୍ରାବଣ ମାସ ଏବଂ ଶ୍ରାବଣ ମାସ ର ପୂର୍ଣ୍ଣିମାକୁ ଆମେ ରାକ୍ଷୀ ପୂର୍ଣ୍ଣିମା ରୂପେ ପାଳନ କରୁ। ଶ୍ରାବଣ ପୂର୍ଣ୍ଣିମା କୁ ଗହ୍ମା ପୂର୍ଣ୍ଣିମା ବୋଲି ମଧ୍ୟ କହିଥାଉ। ଶ୍ରାବଣ ପୂର୍ଣ୍ଣିମା ହେଉଛି ବଳଦେବଙ୍କ ଜନ୍ମଦିନ। ବଳଦେବଙ୍କୁ ହଳଧର ମଧ୍ୟ କୁହାଯାଏ। ଶ୍ରାବଣ ପୂର୍ଣ୍ଣିମାରେ ହଳଲଙ୍ଗଳକୁ ପୂଜା କରାଯାଏ। ଭଗବାନ ଶ୍ରୀ କୃଷ୍ଣ ଓ ଭଗବାନ ବଳରାମ ଉଭୟେ ଏହି ଅବତାରରେ ଗାଈ ସହିତ ଜଡିତ ଥିଲେ। ବୃନ୍ଦାବନରେ ଭଗବାନ ଶ୍ରୀ କୃଷ୍ଣ ଏବଂ ଭଗବାନ ବଳରାମ ଗାଈ ଚରେଇବାର ଉଲ୍ଲେଖ ରହିଛି ତେଣୁ ବଳରାମଙ୍କ ପ୍ରିୟ ଗାଈ, ବାଛୁରି ଓ ବଳଦକୁ ଏହି ଦିନରେ ପୂଜା କରାଯାଇଥାଏ ପିଠା ଖୁଆ ଯାଇଥାଏ। ଭାରତୀୟ ସଂସ୍କୃତି ରେ କୃଷି ଓ ଗାଈ ଉଭୟଙ୍କର ମହତ୍ୱ ରହିଛି। ଜନବସତି କହିଲେ ଆମେ ବୁଝୁ ଗୋଟିଏ ଗାଁ ଯାହାର ଚାରି ପଟେ ଧାନ କ୍ଷେତ, ସକାଳେ ଗାଁରୁ ବାହୁରିଥିବା ଗାଈ ପଲ ଓ ଗୋଧୂଳି ବେଳା ରେ ଚରି ଫେରି ଆସୁଥିବା ଗାଈ ଦଳ ଏବଂ ତାଙ୍କ ପଛରେ ଲମ୍ବା ବାଡି ଧରି ଓଡଉଥିବା ଗୌଡ଼। ଗାଁର ସେହି ଛବି ଧୀରେ ଧୀରେ ବଦଳି ଯାଉଛି କିନ୍ତୁ ଆମ ସଂସ୍କୃତି ରେ ଗାଈ ଓ କୃଷିର ମହତ୍ୱ ସବୁ ଦିନ ରହିଛି ।

ଶ୍ରାବଣ ପୂର୍ଣ୍ଣିମା ଆସିବା ପୂର୍ବରୁ ଦୋକାନ ବଜାରରେ ରଙ୍ଗ ବେରଙ୍ଗର ରାକ୍ଷୀ ଦେଖିବାକୁ ମିଳିଥାଏ । ଦୂରରେ ଥିବା ଭାଇ ପାଇଁ ଭଉଣୀ ମାନେ ବହୁ ଆଗରୁ ରାକ୍ଷୀ କିଣି ପଠାଇଥାନ୍ତି। ଭଉଣୀ ପଠାଇଥିବା ରାକ୍ଷୀକୁ ରାକ୍ଷୀ ପୂର୍ଣ୍ଣିମା ଦିନ ଭାଇ ମାନେ ହାତରେ ବାନ୍ଧିଥାନ୍ତି ।

ରାକ୍ଷୀ ବାନ୍ଧିବା ପଛରେ ଭହୁଣୀର ଭାଇ ପାଇଁ ରହି ଥିବା ସ୍ନେହ ଜଣା ପଡେ। ଭଉଣୀ ଭାଇର ରକ୍ଷା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ ତା ସହିତ ଭଉଣୀର ରକ୍ଷା ପାଇଁ ଭାଇ ମଧ୍ୟ ଆଗଭର ହେବ ବୋଲି ବଚନବଦ୍ଧ ହୋଇଥାଏ।

ରାଜପୁତ ରାଣୀ କର୍ଣ୍ଣବତି ୧୫୩୪ ଶତାବ୍ଦୀ ରେ ମୋଗଲ ସମ୍ରାଟ ହ୍ୟୁମାଉନଙ୍କ ପାଖକୁ ରାକ୍ଷୀ ପଠାଇଥିଲେ। ରାଣୀ କର୍ଣ୍ଣବତି ଚିତୋରର ରାଜା ରାଣା ସଂଗ୍ରାମ ସିଂଙ୍କ ପତ୍ନୀ ଥିଲେ। ରାଜା ସଂଗ୍ରାମ ସିଂଙ୍କ ମୃତ୍ୟୁ ପରେ ତତ୍କାଳୀନ ଗୁଜରାଟର ଶାସକ ସୁଲତାନ ବାହାଦୁର ସାହା ଚିତୋରକୁ ଆକ୍ରମଣ କରିଥିଲେ। ରାଣୀ କର୍ଣ୍ଣବତି ଜାଣିଥିଲେ ଯେ ବାହାଦୁର ସାହାଙ୍କ ଶକ୍ତି ଆଗରେ ଚିତୋରର ଶକ୍ତି କମ ତେଣୁ ହ୍ୟୁମାଉନଙ୍କ ପାଖକୁ ରାକ୍ଷୀ ପଠାଇ ଜଣେ ଭଉଣୀର ଧର୍ମ ପାଳନ କରିଥିଲେ। ହ୍ୟୁମାଉନ ରାକ୍ଷୀ ପାଇବା ସଙ୍ଗେ ସଙ୍ଗେ ଭଉଣୀର ରାଜ୍ୟକୁ ବଞ୍ଚେଇବା ପାଇଁ ଚିତୋର ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ହ୍ୟୁମାଉନଙ୍କ ପହଞ୍ଚିବା ଡେରି ହୋଇଯାଇଥିଲା। ଚିତୋରର ରାଜପୁତ ମାନେ ନିଜର ପ୍ରାଣ ବଳି ଦେଇ ଯୁଦ୍ଧ କରିଥିଲେ ଏବଂ ରାଣୀ କର୍ଣ୍ଣବତି ଜହରବ୍ରତ ପାଳନ କରି ସାରିଥିଲେ।

ଏହି ପରମ୍ପରାକୁ ଆଖିରେ ରଖି ଆଜି ମଧ୍ୟ ମହିଳା ମାନେ ରାଜନେତା, ସମାଜ ସେବକ ଓ ଅନ୍ୟ କ୍ଷମତା ଶୀଳ ବ୍ୟକ୍ତି ଯେମିତି ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ହାତରେ ରାକ୍ଷୀ ବାନ୍ଧିଥାନ୍ତି ।

ରାକ୍ଷୀ ପର୍ବକୁ ମୁଖ୍ୟତଃ ଜୈନ ଧର୍ମର ଲୋକ ଏବଂ ହିନ୍ଦୁ ଧର୍ମର ଲୋକମାନେ ପାଳନ କରିଥାନ୍ତି। ସହର ବଜାରର ମିଠା ଦୋକାନ, ଫଳ ଦୋକାନ ଗୁଡିକରେ ରାକ୍ଷୀ ପୂର୍ଣ୍ଣିମା ଆସିଗଲେ ଭିଡ ଜମିଯାଏ। ଲୋକମାନେ ମିଠା ଓ ଫଳ ନେଇ ଘରକୁ ଯାଇଥାନ୍ତି । ଭଉଣୀ ମାନେ ଭାଇଙ୍କୁ ମିଠା ଖୁଆଇଥାନ୍ତି ଭାଇ ହାତରେ ରାକ୍ଷୀ ବାନ୍ଧିଥାନ୍ତି ଆଳତିର ଥାଳି ଧରି ଭାଇଙ୍କୁ ଅଳତି ମଧ୍ୟ କରିଥାନ୍ତି। ରାକ୍ଷୀ ଅବସର ରେ ଭଉଣୀ ମାନେ ଭାଇଙ୍କୁ ଓ ଭାଇମାନେ ଭଉଣୀଙ୍କୁ ଉପହାର ଦେଇଥାନ୍ତି। ପୁରୀଜଗନ୍ନାଥ ମନ୍ଦିରରେ ମଧ୍ୟ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଇଥାଏ। ପାଟରା ବିଶୋଇ ସେବାୟତ, ଭଗବାନ ବଳଭଦ୍ର ଓ ଭଗବାନ ଜଗନ୍ନାଥଙ୍କ ପାଇଁ ପାଟ ରାକ୍ଷୀ ତିଆରି କରିଥାଏ। ଦେବୀ ସୁଭଦ୍ରା ତାଙ୍କର ଦୁଇ ଭାଇ ବଳଭଦ୍ର ଓ ଜଗନ୍ନାଥଙ୍କୁ ଏହି ରାକ୍ଷୀ ବାନ୍ଧିଥାନ୍ତି। ଭଗବାନ ବଳଭଦ୍ରଙ୍କ ପାଇଁ ନୀଳ ଏବଂ ବାଇଗଣି ରଙ୍ଗର ରାକ୍ଷୀ ତିଆରି କରାଯାଇଥାଏ। ଜଗନ୍ନାଥଙ୍କ ପାଇଁ ଲାଲ ଓ ହଳଦିଆ ରଙ୍ଗ ର ରାକ୍ଷୀ ପ୍ରସ୍ତୁତ କରାଯାଇଥାଏ। ଏହି ଦିନ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଗୁଆ ମାଳ ଦିଆଯାଇଥାଏ।

ଓଡିଶାରେ ଘରେ ଘରେ ରାକ୍ଷୀ ପୂର୍ଣ୍ଣିମାରେ ମଣ୍ଡା ମିଠା ତିଆରି କରାଯାଇଥାଏ। ଗଞ୍ଜାମ ଜିଲ୍ଲାର ଗାଁ ମାନଙ୍କରେ ବିଭିନ୍ନ ଖେଳର ପ୍ରତିଯୋଗୀତାର ପରମ୍ପରା ରହିଛି। ଯେଉଁମାନେ ଖେଳର ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥାନ୍ତି ସେମାନଙ୍କୁ ପୁରସ୍କାର ସହିତ ସମ୍ମାନିତ ମଧ୍ୟ କରାଯାଇଥାଏ।

ଆମ ଜୀବନ ବିଭିର୍ନ୍ନ ସମ୍ପର୍କକୁ ନେଇ ପରିପୂର୍ଣ୍ଣ। ଭାଇ ଭଉଣୀଙ୍କ ସମ୍ପର୍କ ସବୁଠାରୁ ନିଆରା। ଭାଇ ଭଉଣୀ ବନ୍ଧୁ ହୋଇ ଖେଳିଛନ୍ତି, କେତେ ଖରା ରେ ସିଝିଛନ୍ତି,କେତେ ବର୍ଷା ରେ ଭିଜିଛନ୍ତି,ଶିତରେ ଥରିଛନ୍ତି, ହାତଧରା ଧରି ହୋଇ ବଡ ହୋଇଛନ୍ତି। ଘରର ଚାରି କାନ୍ଥ ଭିତରୁ ମିଶି କରି ବାହାରକୁ ପାଦ ବଢାଇଛନ୍ତି ସଂଘର୍ଷ କରିବାପାଇଁ। ବେଳେ ବେଳେ ହାରି ଛନ୍ତି ବେଳେ ବେଳେ ଜିତିଛନ୍ତି। ସେହି ସ୍ମୃତି ଯାହା ଭୁଲିବାର ନୁହେଁ ତାକୁ ନେଇ ଆସେ ରାକ୍ଷୀ ପୂର୍ଣ୍ଣିମା।

+ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର ,
ଫୋନ ନମ୍ବର - ୭୨୦୫୧୦୦୮୩୯ .

# ଭାଇ ଭଉଣୀର ଅତୁଟ ବନ୍ଧନ: ରକ୍ଷା ବନ୍ଧନ



ଭୋଳାନାଥ ସାହୁ

ଭାଉ ଭଉଣୀଙ୍କ ମଧ୍ୟରେ ଅତୁଟ ପ୍ରେମ, ବିଶ୍ୱାସ, ସୁରକ୍ଷା, ଶକ୍ତି ଓ ବିଜୟର ପର୍ବ ରକ୍ଷା ବନ୍ଧନ । ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ଏହି ପର୍ବ ସମଗ୍ର ଭାରତବର୍ଷରେ ଉତ୍ସୁକତାର ସହିତ ପାଳନ କରାଯାଏ । ଶ୍ରାବଣ ପୂର୍ଣ୍ଣମୀ ତିଥିରେ ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥଙ୍କର ଜ୍ୟେଷ୍ଠଭ୍ରାତା ବଳଭଦ୍ର ଜନ୍ମଗ୍ରହଣ କରିଥିବାରୁ ଏହାକୁ ବଳଭଦ୍ରଙ୍କ ଜନ୍ମତିଥି ବା 'ଗହ୍ମା ପୂର୍ଣ୍ଣମା' କୁହାଯାଏ । ଓଡ଼ିଶା ଓ ପଶ୍ଚିମବଙ୍ଗର କିଛି ବୈଷ୍ଣବ ସଂପ୍ରଦାୟର ଲୋକେ ଏହି ତିଥିରେ ରାଧାକୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲଣ ପୂର୍ଣ୍ଣିମା ପର୍ବ ପାଳନ କରିଥାନ୍ତି । ଉତର ଭାରତର କୃଷକ ସମ୍ପ୍ରଦାୟର କିଛି ଚାଷୀ ଏହି ଦିନରେ ଗହମ ବୁଣୁଥିବାରୁ ଏହାକୁ କଜରୀ ପୂର୍ଣ୍ଣିମା ଓ କେରଳ ତଥା ମହାରାଷ୍ଟ୍ରର ଲୋକେ ସମୁଦ୍ର ଦେବତାଙ୍କୁ ପୂଜା କରୁଥିବାରୁ ନାର୍ଲି ପୂର୍ଣ୍ଣିମା ଭାବରେ ପାଳନ କରନ୍ତି । ଉତ୍କଳ ସମେତ ଭାରତ ବର୍ଷର ବିଭିନ୍ନ ରାଜ୍ୟରେ ଥିବା ବିଶ୍ୱାସ ଯଥା- ଦ୍ରୈପଦୀ ଶ୍ରୀକୃଷ୍ଣଙ୍କ କ୍ଷତରେ ନିଜ ପଣତ ଚିରି ବାନ୍ଧିବା, ମାତା ଲକ୍ଷ୍ମୀ ବାସୁକୀ ନାଗକୁ ରାକ୍ଷସ ରାଜା ବଳିଙ୍କ ହାତରେ ରକ୍ଷା ସୂତ୍ର ଭାବରେ ବାନ୍ଧିବା ଓ ଦେବଗୁରୁ ବୃହସ୍ପତି ଶଚୀଙ୍କ ପ୍ରଦତ ରକ୍ଷା ସୂତ୍ରକୁ ଇନ୍ଦ୍ରଦେବଙ୍କ ହାତରେ ବାନ୍ଧି ବିଜୟର ବାର୍ତାରୁ ସମଗ୍ର ଭାରତବର୍ଷରେ ପାଳିତ ହେଉଛି "ରକ୍ଷାବନ୍ଧନ" ପର୍ବ । ଏହା ଭାରତୀୟ ସଂସ୍କୃତି, ପରମ୍ପରା ଓ ସଭ୍ୟତାର ପ୍ରତୀକ । ଯାହା ଏବେ ଭାରତବର୍ଷରେ ଘରେ ଘରେ ଭଉଣୀଟିଏ ଭାଇର ମସ୍ତକରେ ତିଳକ ଲଗାଇ, ହାତରେ ରାକ୍ଷୀ ବାନ୍ଧି, ପାଟିରେ ମିଠା ଖୁଆଇ, ଭୂମିଷ୍ଠ ପ୍ରଣାମ କରି ଭରସାର ଜୀବନ ନୌକାରେ ବସି ଦୁଃଖ ଦୁନିଆର ସଂସାର ପାରି ହେବାର ପବିତ୍ର ବିଶ୍ୱାସର ଘରଟିଏ ତିଆରି କରିଥାଏ ।

ରକ୍ଷାବନ୍ଧନ ସମସ୍ତ ପର୍ବପର୍ବାଣୀ ମଧ୍ୟରୁ ଏକ ପ୍ରମୁଖ, ପବିତ୍ର ଓ ଲୋକପ୍ରିୟ ପର୍ବ । ଏହାର ପଶ୍ଚାତରେ ବହୁ ଗାଥା ଓ ଲୋକକଥା ପ୍ରଚଳିତ । ସେଥିରୁ ମୁଁ କେତୋଟି ଦୃଷ୍ଟାନ୍ତ ମାଧ୍ୟମରେ ଏହି ପର୍ବର ମହାତ୍ମ୍ୟ ଦର୍ଶାଇବାକୁ ଚେଷ୍ଟା କରିଛି । ମାତା ଲକ୍ଷ୍ମୀ ରାକ୍ଷସ ରାଜା ବଳୀଙ୍କ ହାତରେ ରାକ୍ଷୀ ବାନ୍ଧି ପାଇଥିବା ସହାୟତାରୁ 'ରକ୍ଷା ବନ୍ଧନ' ପର୍ବର ସୃଷ୍ଟି । ଶାସ୍ତ୍ର କହେ - ଦେବ-ଦାନବଙ୍କ ମଧ୍ୟରେ ବିବାଦ ବା ଯୁଦ୍ଧ ଏକ ପରମ୍ପରା । କାରଣ ଦାନବ ମାନେ ଚାହାଁନ୍ତି ଦେବତାଙ୍କ ଠାରୁ ଅମୃତ ଲାଭ କରି ସ୍ୱର୍ଗପୁରର ଅଧିକାରୀ ହେବା । ତେଣୁ ସେମାନେ ବର୍ଷ ବର୍ଷ ଧରି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ତପସ୍ୟାରେ ପ୍ରସନ୍ନ କରି ମନଲାଖି ବରପ୍ରାପ୍ତ ହୋଇଥାନ୍ତି । ରାକ୍ଷସ ରାଜା ପ୍ରହ୍ଲାଦଙ୍କ ନାତି ବଳି ଏହାର ଏକ ଦୃଷ୍ଟାନ୍ତ । ସେ ମହାଦେବଙ୍କୁ ତପସ୍ୟା କରି ବହୁ ଅଜୟ ବରର ଅଧିକାରୀ ହୋଇଥିଲେ । ଏକଦା ରାକ୍ଷସରାଜା ବଳି ୧୦୧ ଯଜ୍ଞର ଆୟୋଜନ କଲେ । ଯଦି ସେ ଏହି ୧୦୧ ଯଜ୍ଞ ସଫଳତାର ସହିତ ସମାପ୍ତ କରନ୍ତି ତେବେ ଇନ୍ଦ୍ରପୁରର ଅଧିକାରୀ ହୋଇଯିବେ । ଦେବତାଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ଦେବଗଣ ଭୀତତ୍ରସ୍ତ ହୋଇ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ଭଗବାନ ବିଷ୍ଣୁ ଦେବତା ମାନଙ୍କୁ ଏ ଦିଗରେ ସହାୟତା କରିବେ ବୋଲି ପ୍ରତିଶୃତି ଦେଲେ । ତଦନୁସାରେ ଭଗବାନ ବିଷ୍ଣୁ 'ବାମନ ଅବତାର' ଗ୍ରହଣ କଲେ ଓ ମହାଦାନୀ ବଳିଙ୍କ ନିକଟକୁ ତିନିପାଦ ଭୂମି ଭିକ୍ଷା ନିମନ୍ତେ ଗଲେ । ରାଜା ବଳି ସୁନ୍ଦର ବ୍ରାହ୍ମଣ ବେଶକୁ ଦେଖି ପୂର୍ଣ୍ଣ ଆତିଥ୍ୟତା ପ୍ରଦାନ କଲେ ଓ ଆସିବାର ଉଦେଶ୍ୟ ପଚାରି ବୁଝିଲେ । ଭଗବାନ ବିଷ୍ଣୁ କହିଲେ - "ମହାରାଜ ! ମୁଁ ଜାଣେ ଆପଣ ଜଣେ ମହାଦାନୀ । ଆପଣଙ୍କ ଠାରୁ କୌଣସି ବ୍ରାହ୍ମଣ ରିକ୍ତ ହସ୍ତରେ ଫେରନ୍ତି ନାହିଁ ।" ମାତ୍ର ମୁଁ ସେମିତି ବିଶେଷ କିଛି ମାଗିବି ନାହିଁ । ମୁଁ ତିନିପାଦ ଭୂମି ଭିକ୍ଷା କରୁଛି । ରାଜା ବଳି କହିଲେ - "ଆପଣ ଇଚ୍ଛାନୁସାରେ ତିନିପାଦ ଭୂମି ନେଇ ପାରନ୍ତି ।" ଏହାପରେ ବାମନ ରୂପି ବ୍ରାହ୍ମଣ ବଡ଼ ହେବାକୁ ଲାଗିଲେ । ପ୍ରଥମ ପାଦରେ ସ୍ୱର୍ଗପୁର, ଦ୍ୱିତୀୟ ପାଦରେ ମର୍ତ୍ତ୍ୟପୁର ନେଇଯିବା ପରେ ତୃତୀୟ ପାଦ ପକାଇବା ପାଇଁ ସ୍ଥାନ ନଥାଏ । ରାଜା ବଳି ଚିନ୍ତିତ ହୋଇପଡ଼ିଲେ -କଣ କରିବେ ? ଭଗବାନ ବିଷ୍ଣୁ ରାଜା ବଳିଙ୍କୁ ନିଜ ମସ୍ତକ ରଖିବାକୁ କହିଲେ । ରାକ୍ଷସ ରାଜା ବଳି ମସ୍ତକ ରଖନ୍ତେ ଭଗବାନ ବିଷ୍ଣୁ ତୃତୀୟ ପାଦକୁ ବଳିର ମସ୍ତକରେ ରଖି ପାତାଳକୁ ଚାପି ତିନିପୁର ଛଡ଼ାଇ ନେଇଥିଲେ । ବିଷ୍ଣୁ ବଳିଙ୍କ ଦାନରେ ସନ୍ତୁଷ୍ଟ ହୋଇ ତାଙ୍କୁ ବରମାଗିବାକୁ କହିଲେ । ରାଜା ବଳି କହିଲେ - "ପ୍ରଭୁ ଆପଣଙ୍କ ଶରୀରକୁ ମୋ ସମ୍ମୁଖରେ ସର୍ବଦା ରଖିବାକୁ ଚାହେଁ ।" ଉପାୟଶୂନ୍ୟ ହୋଇପଡ଼ିଲେ ଭଗବାନ ବିଷ୍ଣୁ । ବଳିର ବର ଭିକ୍ଷାରେ ବିଷ୍ଣୁଙ୍କୁ ବଳିଙ୍କର ଦ୍ୱାରପାଳ ହୋଇ ରହିବାକୁ ପଡ଼ିଲା । ପାତାଳପୁରରୁ ବିଷ୍ଣୁ ବୈକୁଣ୍ଠପୁରକୁ ଯାଇପାରିଲେ ନାହିଁ । ବିଷ୍ଣୁଙ୍କ ଅନୁପସ୍ଥିତି ମାତା ଲକ୍ଷ୍ମୀଙ୍କ ପାଇଁ ଅସହ୍ୟବୋଧ ହେଲେ । ମାତା ଲକ୍ଷ୍ମୀ ବିଷ୍ଣୁଙ୍କୁ ଫେରାଇ ଆଣିବା ପାଇଁ ମହାଦେବଙ୍କୁ ପ୍ରାର୍ଥନା କଲେ । ମହାଦେବ କହିଲେ - "ରାଜା ବଳି ଜଣେ ବଚନବଦ୍ଧ ପୁରୁଷ ଅଟନ୍ତି । ଯଦି ବଳିଙ୍କୁ କୌଣସି ବନ୍ଧନରେ ବାନ୍ଧି ପାରିବେ ତେବେ ବିଷ୍ଣୁଙ୍କୁ ବୈକୁଣ୍ଠପୁରକୁ ଆଣିପାରିବେ ।" ମା'ଲକ୍ଷ୍ମୀ ପାତାଳପୁରୀକୁ ନାଗରାଜ ବାସୁକୀଙ୍କ ସହିତ ଗଲେ । ମାତା ଲକ୍ଷ୍ମୀ ପାତାଳରେ ପହଂଚି ନାଗକନ୍ୟାର ବେଶ ଧାରଣ କରି ରାଜା ବଳିଙ୍କୁ ସହାୟତା ପାଇଁ ଅନୁରୋଧ କଲେ । ସଂଗରେ ଯାଇଥିବା ବାସୁକୀ ଏକ ରକ୍ଷାସୂତ୍ରରେ ପରିଣତ ହେଲେ । ଏହି ରକ୍ଷାସୂତ୍ରକୁ ମା' ଲକ୍ଷ୍ମୀ ବଳିଙ୍କ ହାତରେ ବାନ୍ଧିଥିଲେ । ରାଜା ବଳି କଥା ଦେଲେ - "ସେ ସର୍ବଦା ତାଙ୍କର ରକ୍ଷା କରିବେ ।" ମାତା ଲକ୍ଷ୍ମୀଙ୍କୁ ରାଜା ବଳି ବରମାଗିବାକୁ କହିଲେ । ମାତା ଲକ୍ଷ୍ମୀ ନିଜ ବେଶ ଧାରଣ କରି ସ୍ୱାମୀ ଶ୍ରୀହରିଙ୍କୁ ଫେରାଇ ଦେବାକୁ କହିଲେ । ରାଜା ବଳି ନିଜକଥା ରକ୍ଷା କରିବାକୁ ଯାଇ ଶ୍ରୀହରିଙ୍କୁ ମା' ଲକ୍ଷ୍ମୀଙ୍କୁ ସମର୍ପି ଦେଲେ । ରାଜା ବଳି ମଧ୍ୟ କହିଥିଲେ - "ଆଜିଠୁ ଯେଉଁ ନାରୀ ଜଣେ ପୁରୁଷଙ୍କୁ ଭାଇ ଭାବରେ ଭାବି ରକ୍ଷାସୂତ୍ର ବାନ୍ଧିବ, ସେ ପୁରୁଷ ତାର ସମ୍ମାନ ରକ୍ଷା କରିବ ।" ଏହି ପବିତ୍ର ଦିନଟି ଥିଲା ଶ୍ରାବଣ ପୂର୍ଣ୍ଣିମା । ସେହିଦିନ ଠାରୁ 'ରକ୍ଷାବନ୍ଧନ ପର୍ବ' ପାଳିତ ହୋଇ ଆସୁଅଛି ।



ଦ୍ୱିତୀୟରେ ସୂଚନା ଦେବାକୁ ଚାହେଁ ଶ୍ରୀକୃଷ୍ଣଙ୍କ କ୍ଷତ ଓ ପାଂଚାଳୀଙ୍କ ପଣତକାନି ଛିଣ୍ଡାଇ ବାନ୍ଧିବା ପ୍ରସଙ୍ଗ । ଶୃତ ଦେବୀ ଥିଲେ ଶ୍ରୀକୃଷ୍ଣଙ୍କର କାକୀ । ସେ ଶିଶୁପାଳ ନାମରେ ବିକୃତ ଶିଶୁଟିଏ ଜନ୍ମଦେଇଥିଲେ । ଶିଶୁଟିର ଅବସ୍ଥା ଦେଖି ବଡ଼ଲୋକ ମାନଙ୍କର ମତଥିଲା - "ଶିଶୁ ଯାହାଙ୍କ ହାତରୁ ବିକୃତ ମୁକ୍ତ ହେବ, ତାର ହାତରେ ମୃତ୍ୟୁବରଣ କରିବ ।" ଏକଦା ଶ୍ରୀକୃଷ୍ଣ ନିଜ କାକୀଙ୍କ କୁଟୀରକୁ ଯାଇଥାନ୍ତି । କାକୀ ଶୃତଦେବୀ ଶିଶୁଟିକୁ ଶ୍ରୀକୃଷ୍ଣଙ୍କ ହାତକୁ ଟେକିଦେଲେ । ଶ୍ରୀକୃଷ୍ଣଙ୍କ କରସ୍ପର୍ଶରେ ଶିଶୁଟି ସୁନ୍ଦର ରୂପ ଲାଭକଲା । ଏହା ଦେଖି ମାତା ଖୁସି ବ୍ୟକ୍ତକଲେ ସତ; ମାତ୍ର ତାର ମୃତ୍ୟୁ କୃଷ୍ଣଙ୍କ ହାତରେ ହେବ ଜାଣି ବିଚଳିତ ହୋଇପଡ଼ିଲେ । ସେ କୃଷ୍ଣଙ୍କ ଆଗରେ ସବୁକଥା କହିଲେ ଓ ପ୍ରାର୍ଥନା କଲେ । ଶ୍ରୀକୃଷ୍ଣ କହିଲେ - "ଠିକ୍ ଅଛି । ମୁଁ ତାର ଶହେ ଦୋଷ କ୍ଷମା କରିବି । ମାତ୍ର ଯେଉଁଦିନ ୧୦୧ ଦୋଷ ହେବ ସେଦିନ ମୁଁ ତାକୁ ନିଶ୍ଚୟ ଦଣ୍ଡ ଦେବି ।" ଶିଶୁପାଳ ବଡ଼ ହୋଇ ଜେବି ନାମକ ରାଜ୍ୟର ରାଜା ହେଲେ । ସେ ଥିଲେ ଏକାନ୍ତ କ୍ରୋଧୀ ଓ ନିଷ୍ଠୁର ପ୍ରକୃତିର । ଏପରିକି ନିଜ ରାଜ୍ୟର ପ୍ରଜା ମାନଙ୍କୁ ଦଣ୍ଡଦେବାକୁ ପଛାଉ ନଥିଲେ । ବିଭିନ୍ନ ଘଟଣା କ୍ରମରେ ଭଗବାନ ଶ୍ରୀକୃଷ୍ଣଙ୍କ ବିରୁଦ୍ଧରେ ସ୍ୱରତୋଳି ଆହ୍ୱାନ ଦେଉଥିଲେ । ଥରେ ସେ ଏକ ଭରପୁର ସଭାରେ ଶ୍ରୀକୃଷ୍ଣଙ୍କୁ ଭର୍ତ୍ସନା କଲେ । ସେହିଦିନ ହିଁ ଶିଶୁପାଳର ଶହେ ଭୁଲର ସୀମା ଅତିକ୍ରାନ୍ତ ହୋଇଥିଲା । ଶ୍ରୀକୃଷ୍ଣ କ୍ରୋଧିତ ହୋଇ ଯେତେବେଳେ ସୁଦର୍ଶନଚକ୍ରକୁ ଛାଡ଼ିଥିଲେ, ସେତେବେଳେ ତାଙ୍କର ଅଙ୍ଗୁଳିରେ ଆଘାତ ଲାଗି ରକ୍ତ କ୍ଷରଣ ହୋଇଥିଲା । ସଭାସଦ୍‌ବର୍ଗ ଏହାର ପ୍ରତିକାର ନିମନ୍ତେ ବ୍ୟସ୍ତକାତର ହୋଇ ଏଣେ ତେଣେ ଦୌଡୁଥିବା ସମୟରେ ପାଖରେ ଛିଡ଼ା ହୋଇଥିବା ଦୌପଦୀ ନିଜ ପିନ୍ଧିଥିବା ଶାଢୀର ପଣତକାନି ଛିଣ୍ଡାଇ ଶ୍ରୀକୃଷ୍ଣଙ୍କ କ୍ଷତସ୍ଥାନରେ ବାନ୍ଧି ଦେଇଥିଲେ । ଶ୍ରୀକୃଷ୍ଣ ତାଙ୍କୁ ଧନ୍ୟବାଦ ଜଣାଇ କହିଥିଲେ - "ଭଉଣୀ ! ମୁଁ ସର୍ବଦା ତୁମର ସୁରକ୍ଷା କରିବି ।" କୁରୁସଭା ସ୍ଥଳେ ଦ୍ରୌପଦୀ ଯେତେବେଳେ ଦୁଃଶାସନଙ୍କ ଦ୍ୱାରା ଘଂଚାଳିତା ହେଉଥିଲେ ସେତେବେଳେ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଯାଜ୍ଞସେନୀର ମାନରକ୍ଷା କରିଥିଲେ । ଏହି ପରମ୍ପରାରୁ "ରକ୍ଷାବନ୍ଧନ" ପର୍ବର ଉପ୍ତତି । ଭଉଣୀ ମାନେ ନିଜ ସୁରକ୍ଷା ପାଇଁ ଭାଇ ହାତରେ ରାକ୍ଷୀବାନ୍ଧିଥାନ୍ତି ଓ ଭାଇଟିଏ ଭଉଣୀର ସୁରକ୍ଷା କଥା ଚିନ୍ତା କରନ୍ତି । ଓଡ଼ିଶାରେ ପାଳିତ ପର୍ବ ପର୍ବାଣୀ ମଧ୍ୟରୁ 'ରକ୍ଷାବନ୍ଧନ' ଏକ ଲୋକପ୍ରିୟ ପର୍ବ ଭାବରେ ପରିଚିତ ।

ତୃତୀୟ କିମ୍ବଦନ୍ତୀ ଭାବରେ ଶଚୀଦେବୀ ଇନ୍ଦ୍ରଙ୍କ ଉଦେଶ୍ୟରେ ଦେଇଥିବା ରକ୍ଷାସୂତ୍ର ଓ ସମଗ୍ର ସ୍ୱର୍ଗପୁର ସୁରକ୍ଷା ପ୍ରସଙ୍ଗ । ଭବିଷ୍ୟ ପୁରାଣ ସୂଚିତ କରେ ଯେ ପ୍ରତି ବାର ବର୍ଷରେ ଦେବତା ଓ ଅସୁରଙ୍କ ମଧ୍ୟରେ ଭୟାବହ ଯୁଦ୍ଧ ହୋଇଥାଏ । ଯେଉଁ ଯୁଦ୍ଧରେ ଦେବତା ମାନେ ପରାସ୍ତ ହୋଇ କଷ୍ଟସାଧ ଜୀବନ ବିତାଇଥାନ୍ତି । ଦେବଗଣ ବ୍ରହ୍ମା କିମ୍ବା ବିଷ୍ଣୁଙ୍କ ଦ୍ୱାରସ୍ଥ ହୋଇ ସୁରକ୍ଷାର ଉପାୟ ଲାଭ କରିଥାନ୍ତି । ଏକଦା ସ୍ୱର୍ଗର ରାଜା ଇନ୍ଦ୍ର ଏହିଭଳି ଏକ ସମସ୍ୟାର ସମ୍ମୁଖୀନ ହୋଇ ଦେବଗୁରୁ ବୃହସ୍ପତିଙ୍କ ନିକଟରେ ପହଂଚିଲେ । ଇନ୍ଦ୍ରଙ୍କ ସହିତ ଧର୍ମପତ୍ନୀ ଶଚୀଦେବୀ ମଧ୍ୟ ଉପସ୍ଥିତ ଥିଲେ । ବୃହସ୍ପତିଙ୍କ ନିକଟରେ ବୟାନ କରୁଥିବା ସ୍ୱାମୀ ଇନ୍ଦ୍ରଙ୍କ ଦୁଃଖ ଶୁଣି ଇନ୍ଦ୍ରାଣୀ କହିଲେ - "ପତିଦେବ ! ଆଜି ଶ୍ରାବଣ ପୂର୍ଣ୍ଣିମା । ବିଧିବିଧାନ ମୁତାବକ ମୁଁ ଏକ ରକ୍ଷାସୂତ୍ର ଆପଣଙ୍କୁ ଦେବି । ଆପଣ ଏହି ରକ୍ଷାସୂତ୍ରକୁ ବ୍ରାହ୍ମଣଙ୍କଦ୍ୱାରା ବାନ୍ଧିନେବେ । ଦେଖିବେ ନିଶ୍ଚୟ ଦେବାସୁର ଯୁଦ୍ଧରେ ଆପଣ ବିଜୟୀ ହେବେ ।" କଥାନୁସାରେ ପରଦିନ ଦେବରାଜ ଇନ୍ଦ୍ର ଦେବଗୁରୁବୃହସ୍ପତିଙ୍କ ଠାରୁ ଏହି ରକ୍ଷାସୂତ୍ରଟି ବାନ୍ଧିନେଲେ । ଫଳରେ ଦେବାସୁର ଯୁଦ୍ଧରେ ଇନ୍ଦ୍ର ଜୟଲାଭକଲେ ଓ ଦେବତା ମାନଙ୍କ ସମ୍ମାନ ରକ୍ଷାକଲେ । ସେହିଦିନରୁ ଏହି ମହାନପର୍ବ "ରକ୍ଷାବନ୍ଧନ" ଘରେ ଘରେ ବେଶ ଆଦୃତି ଲାଭ କରିଛି ।

ଯୁଗେ ଯୁଗେ ବିଶ୍ୱାସ ଓ ଭକ୍ତି ମଣିଷ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟିକରେ । ଯାହାଫଳରେ ମଣିଷ ନିଷ୍ଠାର ସହିତ କାର୍ଯ୍ୟ କରିବାର ପ୍ରେରଣା ପାଇଥାଏ । "ରକ୍ଷାବନ୍ଧନ" ପର୍ବ ଭାଇ ଓ ଭଉଣୀ ମଧ୍ୟରେ ସ୍ନେହ-ପ୍ରେମ ବନ୍ଧନର ପ୍ରତ୍ୟୟ ବୃଦ୍ଧି କରେ । ଏମିତି ଅନେକ ପର୍ବପର୍ବାଣୀ ପଶ୍ଚାତରେ ଥିବା କିମ୍ବଦନ୍ତୀ ବା ଆଖ୍ୟାୟିକା ମଣିଷ ମଣିଷ ମଧ୍ୟରେ ସଚେତନତାର ଭାବ ବୃଦ୍ଧି କରି ନିଷ୍ଠାର ସହିତ କର୍ମ କରିବାର ପ୍ରେରଣା ଯୋଗାଇଥାଏ ।

ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ- ୯୯୩୭୧୫୧୩୧୦

# ଏଥର ଉପହାର ନୁହେଁ, ଶପଥ ଚାହୁଁ

ପ୍ରାର୍ଥନା ଦାସ୍

ଆଜି ରାଖୀପୂର୍ଣ୍ଣିମା । ଇଏ କେବଳ ଏକ ପର୍ବ ନୁହେଁ ତ ଏକ ଆବେଗ, ଏକ ବିଶ୍ୱାସ, ଏକ ବଡ ଦାୟିତ୍ୱର ପରିଚୟ । କେଇ ଖଣ୍ଡ ସୁତା, କିଛି ଷ୍ଟୋନ କିମ୍ବା ମାଳିରେ ତିଆରି ରାଖୀରେ କେତେ ଯେ ବିଶ୍ୱାସ, ଭଲପାଇବା, ଆଶା, ଭରସା ଲୁଚି ରହିଥାଏ । ଯିଏ ହୃଦୟଙ୍ଗମ କରିଛି ସେ ହିଁ ଜାଣିଛି । କାହିଁ କେବେଠୁ ପ୍ରତ୍ୟେକ ଭଉଣୀ ନିଜ କଥାଟିକୁ । ଆଛା, ଭଉଣୀଟିଏ ଯେବେ ରାଖୀ ବାନ୍ଧେ ସେ ଭାଇକୁ କୁହେ କି ? ଶୁଣ, ଭାଇ ତୁ ମୋର ରକ୍ଷା କରିବୁ । ତେବେ ଉତ୍ତରରେ ଆସିବ ନା, କାହିଁକି କହିଲେ ? ନିଜ ଭାଇକୁ କହିବାକୁ ପଡ଼େନି ନିଜ ଭଉଣୀର ରକ୍ଷା କରିବାକୁ । ବାସ ସେ ଆପେ ଆପେ ନିଜ ଭଉଣୀର ବିପଦ ସମୟରେ ପାଖରେ ହାଜର ହେଇଯାଏ । ଆଉ ପାଲଟିଥାଏ ରାକ୍ଷକ୍ୱଚ । ତେବେ ରାଖୀ ବାନ୍ଧି ସରିବା ପରେ ଭଉଣୀ ଟିକେ ଭଲ ପାଉ, ମତେ ଯେମିତି ସମ୍ମାନ ଦେଉ, ମୋର ଯେମିତି ସୁରକ୍ଷା କରୁ ଚେଷ୍ଟା କରିବୁ ଅନ୍ୟ ଝିଅଙ୍କୁ ସେମିତି ସୁରକ୍ଷା ଦେବାକୁ । ତୋ ପାଇଁ ଯେମିତି ତୋ ଭଳି କେଉଁ ଭାଇର ହାତ ଖାଲି ନ ପଡେ, ଚେଷ୍ଟା କରିବୁ ମୋ ପରି ଅନ୍ୟ ଭଉଣୀଙ୍କ ରକ୍ଷା କରିବାକୁ, ମୋର ଉପହାର ନୁହେଁ ଏଇ ଶପଥଟି ଦରକାର । ମୋ ମୁଣ୍ଡ ଛୁଇଁ ଏ ପ୍ରତିଜ୍ଞା ନେଇ ପାରିବୁ କି ? ତୋ ପାଇଁ ଯେମିତି କେହି ଯେ ସମାଜରେ ସମାଜ ପାଇଁ କଳଙ୍କିତ, ପୀଡିତ, ନିର୍ଯାତିତର ଆଖ୍ୟା ନ ପାଏ । ଏ ଉପହାର ମତେ ଦେଇ ପାରିବୁ ? କେତେ ଭଲ ହୁଅନ୍ତା କହିଲେ ଯଦି ସବୁ ଭଉଣୀ ଅନ୍ୟ ଭଉଣୀ ମାନଙ୍କ ପାଇଁ ବା ପରୋକ୍ଷରେ ନିଜ ପାଇଁ ଏହି ସବୁ ଉପହାର ମାଗନ୍ତେ । ନିଜ ପାରିବାରରୁ ମାନସିକ ତ ।



ଭାଇ ପାଇଁ ଏହି ଦିନକୁ ଅପେକ୍ଷା କରିଥାଏ, କେବେ ରାଖୀ ପୂର୍ଣ୍ଣିମା ହେବ ଆଉ ମୋ ଭାଇ ହାତରେ ମୁଁ ରାଖୀ ଟିଏ ବାନ୍ଧିବି । କେବଳ କଣ ଭଉଣୀ, ଭାଇଟିଏ ମଧ୍ୟ ଏହି ଦିନକୁ ତା ଗେଲ୍ଲୀ ଭଉଣୀ ପାଇଁ ଅନେଇ ଥାଏ । ସ୍ନେହ ପ୍ରେମର ସୁତା ଖଣ୍ଡିକୁ ଯେବେ ଭାଇ ହାତରେ ତା ଭଉଣୀ ବାନ୍ଧିଦିଏ ଭାଇର ଛାତି କୁଣ୍ଢେ ମୋଟ ହେଇଯାଏ । ଦାୟିତ୍ୱବୋଧ ବଢିଯାଏ ବୋଲି ମନେ ମନେ ଭାବେ । ଭାଇ ପାଇଁ ଭଉଣୀ ତା ଜୀବନ ଆଉ ଭଉଣୀ ପାଇଁ ଭାଇ ତାର ପ୍ରାଣ ସ୍ୱରୂପ । ତେବେ ସବୁ ରାଗ, ରୁଷା, ମାନ, ଅଭିମାନ ଭୁଲି ଆମେ ମାନେ ଏହି ଦିନକୁ ଧୂମଧାମରେ ଘରେ ଘରେ ପାଳିଥାନ୍ତି । ଏବେ ଆସିବା ମୁଖ୍ୟ ଫୁଲେଇ ହୋଇ ଭାଇ କୁ ଉପହାର ମାଗେ । ମୋ ରାଖି ପାଉଣା କାହିଁ ଯେ ? ଭାଇ ଭଉଣୀକୁ ଟିକେ ଚିଡେଇ ମଜାମସ୍ତି କରି ତା ହାତକୁ କିଛି ଟଙ୍କା ନହେଲେ କିଛି ଦାମୀ ଉପହାର ବଢ଼େଇଦିଏ । ବାସ ସେତିକିରେ ସରିଯାଏ ରାଖୀ । ଥରେ ଭାବିଲେ, ପ୍ରତି ବର୍ଷ ପରି ଏଥର ମଧ୍ୟ ଅନେକ ଭାଇଙ୍କ ହାତ ଖାଲି ପଡିବ । ଅନେକ ନିଜ ଭଉଣୀକୁ ମନେ ପକେଇବେ । ଆଉ ଏହାର କାରଣ ସଭିଙ୍କୁ ଭଲ ଭାବେ ଜଣା । ଆଛା ଏଥର ଭାଇଠୁ ଉପହାର ବଦଳରେ ଆଉ କିଛି ମାଗିଲେ ହୁଅନ୍ତାନି ? କେମିତି ହୁଅନ୍ତା ଯଦି ସବୁ ଭଉଣୀ ନିଜ ଭାଇଠୁ ଅନ୍ୟ ଭଉଣୀଙ୍କ ପାଇଁ ମାଗନ୍ତେ। ଉପହାର ବଦଳରେ ଶପଥଟିଏ ରଖନ୍ତେ । ଭାଇକୁ କୁହନ୍ତେ ଦେଖ ଭାଇ, ମତେ ଯେପରି ବଦଳାନ୍ତେ । ଏହି କଥା ବିବେକ, ମାନବିକତା, ମନୁଷ୍ୟତ୍ୱ ଥିବା ସବୁ ମଣିଷ ବୁଝିପାରନ୍ତେ । ଆଉ କେତେ ଭଉଣୀ ଅଦିନରେ ଝଡି ପଡନ୍ତେ ନାହିଁ । ଅନ୍ୟ ପଟେ କେବଳ ଭଉଣୀ ନୁହେଁ ସବୁ ମାଆ, ସ୍ତ୍ରୀ,ଝିଅ ଲାଜ ପରିହାର କରି ଏହି ସବୁ ଉପହାର ଅନ୍ୟ ମାନଙ୍କ ପାଇଁ ମାଗନ୍ତେ । ଆଉ ସେସବୁ ଯଦି ବୁଝିପାରି ପୁରୁଷ ଜାତି ନିଜର ପ୍ରତିଜ୍ଞା ରଖନ୍ତେ । କେତେ ସୁନ୍ଦର ହୁଅନ୍ତା କହିଲେ ? ସମୟ ମିଳିଲେ ଥରେ ଭାବିବେ ଆପଣଙ୍କୁ କଣ ଦରକାର, ବଡ ଉପହାର ନା ସୁରକ୍ଷା ଶପଥ ।

ଯାଜପୁର
ମୋ -୮୩୩୮୯୦୩୭୬

# ସମ୍ପର୍କର ପର୍ବ ରାକ୍ଷୀ ପୂର୍ଣ୍ଣିମା

ଉମେଶ ଚନ୍ଦ୍ର ପାତ୍ର

ରାକ୍ଷୀ ପୂର୍ଣ୍ଣିମ ବା ଗହ୍ମା ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ । ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ । ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ । ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ । ଏହି ଦିନ ଝୁଲଣ ଯାତ୍ରା ଶେଷ ହୋଇଥାଏ । ତେଣୁ ଏହାକୁ ଝୁଲଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଶ୍ରାବଣ ମାସ ଶେଷରେ ହଳଧର ବଳରାମଙ୍କ ଜନ୍ମୋତ୍ସବ ପାଳନ ଅବସରରେ ପୂର୍ଣ୍ଣିମା ଦିନ ସମସ୍ତେ ନିଜ ନିଜ ଗୃହରେ ବଳଭଦ୍ରଙ୍କ ପୂଜା କରନ୍ତି । ତାଙ୍କର ଆୟୁଧ ହଳ-ଲଙ୍ଗଳ ସହ ବଳଦଙ୍କୁ ପୂଜା କରାଯାଏ । ତେଣୁ ଏହି ପର୍ବକୁ କୁହାଯାଏ ବଳଦେବ ଜୟନ୍ତୀ । କେତେକ ଅଞ୍ଚଳରେ ଧନୀ-ଦରିଦ୍ର ନିର୍ବିଶେଷରେ ଗ୍ରାମବାସୀମାନେ ଏକାଠ ପୂଜା କରିବାର ବିଧି ଅଛି । ଗାଁର ଶେଷ ମୁଣ୍ଡରେ ଗହ୍ମାବେଦି ନିକଟରେ ବଳଦେବଙ୍କର ଆକୃତି ବିଶିଷ୍ଟ ମାଟିର ବିରାଟ ସ୍ତୁପ ତିଆରି କରି ସେଠାରେ ବଳଦେବ ପୂଜା ଓ ଭୋଗ ଅର୍ପଣ କରାଯାଏ । ଆଉ କେତେକ ଗାଁରେ ଗୋଟିଏ ବଡ଼ ବଳଦ ଆକାରର ମାଟି ସ୍ତୁପ କରି ଭୋଗ ସାରିବା ପରେ ଏକ ଅଣ୍ଡିରା ବାଛୁରୀକୁ ସ୍ତୁପ ଉପରେ ଡିଆଁଇ ଦିଅନ୍ତି । ଏହାକୁ କହନ୍ତି ଗହ୍ମା ଡିଆଁ । ଏହି ଦିନ ଗୋ-ପୂଜା ମଧ୍ୟ କରାଯାଏ । ପ୍ରାଚୀନ ବୈଦିକ ସାହିତ୍ୟରେ ଶ୍ରାବଣ ପୂର୍ଣ୍ଣିମା ତିଥି 'ଉପକର୍ମ' ବା ବେଦାଭ୍ୟାସ ପାଇଁ ଉଦ୍ଦିଷ୍ଟ । ତେବେ ଏହାର ସ୍ମାରକୀ ସ୍ୱରୂପ ସାରା ଭାରତବର୍ଷରେ 'ସଂସ୍କୃତ ଦିବସ' ପାଳନ କରାଯାଉଛି ।ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା । ପୁରାଣରେ ଅସୁର ରାଜା ବଳି ଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହୋଇଯାଇଥିଲା । ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଭଉଣୀର ସ୍ନେହ ପାଇଥିଲେ । ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ । ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ । ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ ପଛଘୁଞ୍ଚା ଦେଇନାହିଁ । ପ୍ରଥମ ଘଟଣାଟି ହେଲା ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର । ମାସିଡ଼ୋନିଆର ସମ୍ରାଟ ଆଲେକଜାଣ୍ଡର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବାବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହୋଇଥିଲେ । ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡର ପରାସ୍ତ ହେଲେ, ସେତେବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟରୁ ଏକ ରାକ୍ଷୀ ପ୍ରେରଣ କରିଥିଲେ । ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ । ଅନ୍ୟ ଘଟଣାଟି ହେଲା ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ । ମଧ୍ୟ ଯୁଗର ରାଜପୁତ ଯୋଦ୍ଧାମାନେ ପରାକ୍ରମୀ ଥିଲେ । ସେମାନେ କୌଣସି ଆକ୍ରମଣକାରୀ ସହ ପ୍ରାଣ ଦେଇ ଲଢୁଥିଲେ । ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ ସୁଲତାନ ବାହାଦୂରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ । ସେତେବେଳେ ସେ ଉପାୟଟିଏ ଚିନ୍ତାକଲେ । ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଦେଲେ । ହୁମାୟୁନ ମଧ୍ୟ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷା ପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ । ଏହି ଦିନ ମହାଆଡ଼ମ୍ବରରେ ପାଳିତ ହୁଏ ରକ୍ଷା ବନ୍ଧନ ଉତ୍ସବ । ଭାଇ ହାତରେ ରାଖି ବାନ୍ଧେ ଭଉଣୀ । ଓଡ଼ିଶାରେ କେତେକ ଅଞ୍ଚଳରେ ବ୍ରାହ୍ମଣମାନେ ଯଜମାନଙ୍କୁ ରାକ୍ଷୀ ସହ ପଇତା ପିନ୍ଧାନ୍ତି । ବିପଦରୁ ରକ୍ଷା ପାଇଁ ଅଭିମନ୍ତ୍ରିତ ରାଖି ବାଳକ ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧିଥିଲେ ଗୋପୀମାନେ । ପୁଣି ଇନ୍ଦ୍ରଙ୍କ ହାତରେ ବାନ୍ଧିଥିଲେ ତାଙ୍କ ପତ୍ନୀ । ପ୍ରଭୁ ବଳରାମଙ୍କର ମାୟାବୀ ଅସୁର ସହ ଯୁଦ୍ଧ ବେଳେ ସମସ୍ତେ କାନ୍ଧରେ ପଇତା ପକାଇ ନିଜର ଜୀବନ ରକ୍ଷା କରିଥିବାରୁ ଏହି ଦିନ ବ୍ରାହ୍ମଣମାନେ ଅନ୍ୟ ସମସ୍ତଙ୍କୁ ପଇତା ସହ ରାଖି ପିନ୍ଧାଇବାର ପ୍ରଥା ଚଳିଆସୁଛି । ଶ୍ରାବଣ ପୂର୍ଣ୍ଣିମା ଦିନ ଭଉଣୀ ତାର ଭାଇ ହାତରେ ରାକ୍ଷୀ ବନ୍ଧିବାର ଯେଉଁ ପରମ୍ପରା ବହୁ ପ୍ରାଚୀନ କାଳରୁ ଗଢ଼ି ଆସୁଛି, ତାହା ସର୍ବସୁଖ ଓ ମଙ୍ଗଳ କାମନାର ଏକ ଦୃଢ଼ ସନ୍ତକ । ପ୍ରକୃତରେ ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀର ପବିତ୍ର ସ୍ନେହ, ଶ୍ରଦ୍ଧା ଓ ପ୍ରେମର ନିଦର୍ଶନ ସ୍ୱରୂପ । ଏଇ ଗହ୍ମାପୂର୍ଣ୍ଣିମା ଦିନ ଭାଇ ହାତରେ ଭଉଣୀ ପବିତ୍ର ରାକ୍ଷୀ ବାନ୍ଧି ଭାଇର ଶୁଭମନାସି ଦୀର୍ଘଦିନ ଓ ସର୍ବ ସଫଳତା କାମନା କରିଥାଏ । ପ୍ରତିବଦଳରେ ଭାଇ ମଧ୍ୟ ଭଉଣୀକୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ ସହ ସର୍ବଦୁଃଖରୁ ରକ୍ଷା କରିବା ନିମିତ୍ତ ବଚନବଦ୍ଧ ରହେ । ଘରର ସମସ୍ତଙ୍କ ମଙ୍ଗଳ ଓ ସୁଖଶାନ୍ତି ପାଇଁ ମଧ୍ୟ ଏହି ପବିତ୍ର ଡୋରିକୁ ଘର ସମ୍ମୁଖ ଦ୍ୱାରରେ ବାନ୍ଧି ଦିଆଯାଏ ।



ବର୍ତ୍ତମାନର ଯୁଗପୁରୁଷୋତ୍ତମ କଳ୍କୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ତାଙ୍କ ସାନ ଭଉଣୀ ମଧ୍ୟ ରାକ୍ଷୀ ବାନ୍ଧି ଦେଉଥିଲେ । କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ତୁମେ ମୋତେ ରାକ୍ଷୀ ବାନ୍ଧିଲ, ମୁଁ ଭାଇ ହିସାବରେ ତୁମକୁ ରକ୍ଷା କରିବି । ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଏକ କୃଷିଭିତ୍ତିକ ପର୍ବ । ଏହି ପବିତ୍ର ଦିନରେ ଭଗବାନ ଶ୍ରୀକୃଷ୍ଣଙ୍କ ବଡ଼ ଭାଇ ପ୍ରଭୁ ବଳରାମ ଜନ୍ମ ନେଇଥିଲେ । ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଆମ କୃଷକର ଦେବତା ହେଲେ ପ୍ରଭୁ ବଳରାମ । ସେଥିପାଇଁ ସେ ତାଙ୍କ ହସ୍ତରେ କୃଷିର ସନ୍ତକ ଲଙ୍ଗଳକୁ ଅସ୍ତ୍ରରୂପେ ଧାରଣ କରିଥାନ୍ତି । ପ୍ରତ୍ୟେକ ଓଡ଼ିଆ ପରିବାର ଏହି ପବିତ୍ର ପୂର୍ଣ୍ଣମୀ ଦିନ ସେମାନଙ୍କ ଗୋରୁଗାଈ ମାନଙ୍କୁ ଗାଧୋଇ ଦେଇ ତାଙ୍କ ମସ୍ତକରେ ସିନ୍ଦୁର , ଚନ୍ଦନ ଫୁଲ ଆଦି ଲଗାଇ ବନ୍ଦାପନା କରିବା ସହ ରାକ୍ଷୀ ବନ୍ଧନ କରିଥାନ୍ତି । ଘରେ ଘରେ ସେ ଦିନ ପିଠାପଣା କରି ଖାଆନ୍ତି ଏବଂ ଗୋରୁଙ୍କୁ ମଧ୍ୟ ଖାଇବାକୁ ଦିଅନ୍ତି । ବର୍ଷାକଳୀନ ରାଧାକୃଷ୍ଣଙ୍କ ପବିତ୍ର ଝୁଲଣ ଯାତ୍ରା ଦିନ ଶେଷ କରାଯାଇଥାଏ । ଆମ ଦେଶରେ ଏହି ପବିତ୍ର ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ନିମିତ୍ତ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିଟିକୁ ପ୍ରତ୍ୟେକ ପରିବାର ଅତି ଶ୍ରଦ୍ଧା ଓ ଆନନ୍ଦ ଉଲ୍ଲାସର ସହିତ ପାଳନ କରି ଆସୁଛନ୍ତି ।

ପ୍ରତିରକ୍ଷିକ ଓ ଅବସରପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି, କଟକ,
ମୋ : ୯୪୩୭୦୫୧୯୫୭

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୯ ଅଗଷ୍ଟ ୨୦୨୫, ଶନିବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରାକୃତିକ ବିପର୍ଯ୍ୟୟ ଓ ଆମର ଦାୟିତ୍ୱ: ଉତ୍ତରକାଶୀ ପ୍ରସଙ୍ଗରେ

ଉତ୍ତରକାଶୀରେ ସୃଷ୍ଟି ହୋଇଥିବା ହଠାତ୍ ବନ୍ୟା ଓ ଭୂସ୍ଖଳନ ଏବେ ସାରା ଦେଶର ଚିନ୍ତା ବଢ଼ାଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ହିମାଳୟ ଅଞ୍ଚଳରେ ପରିବେଶର ସନ୍ତୁଳନ ଉପରେ ଏକ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉତ୍ତରକାଶୀର ଧାରାଲି ଅଞ୍ଚଳରେ ଖୀର ଗଙ୍ଗା ନଦୀର ଉପରମୁଣ୍ଡରେ ଘଟିଥିବା ମେଘଫଟା ବର୍ଷାକୁ ଏହି ବନ୍ୟାର ମୁଖ୍ୟ କାରଣ ବୋଲି ଅନେକ ବିଶ୍ୱାସ କରୁଛନ୍ତି। କିନ୍ତୁ କିଛି ରିପୋର୍ଟ ଅନୁସାରେ, ବର୍ଷା ପାଣିର ତଥ୍ୟ ଏହି ମେଘଫଟା ବର୍ଷା ଦାବିକୁ ସମର୍ଥନ କରୁନାହିଁ। ଏହା ପରିବର୍ତ୍ତେ, ଅନ୍ୟ କିଛି କାରଣ ମଧ୍ୟ ଏହି ବିପର୍ଯ୍ୟୟ ପାଇଁ ଦାୟୀ ହୋଇପାରେ। ଗୋଟିଏ ସମ୍ଭାବନା ହେଉଛି, ଧାରାଲିରୁ ପ୍ରାୟ ଦୁଇ କିଲୋମିଟର ଉପରମୁଣ୍ଡରେ ପୂର୍ବରୁ ହୋଇଥିବା ଏକ ଭୂସ୍ଖଳନ ପୁଣି ସକ୍ରିୟ ହୋଇ ଏହି ବନ୍ୟାକୁ ତ୍ୱରାନ୍ୱିତ କରିଥାଇପାରେ। ଏହି ଘଟଣା ହିମାଳୟର ଭୌଗୋଳିକ ସ୍ଥିତି ଏବଂ ପରିବେଶର ସମ୍ବେଦନଶୀଳତାକୁ ପୁଣି ଥରେ ସାମ୍ନାକୁ ଆଣିଛି।

ଉତ୍ତରାଖଣ୍ଡ ରାଜ୍ୟ ପୂର୍ବରୁ ମଧ୍ୟ ଅନେକ ଥର ଏପରି ଭୟାବହ ବନ୍ୟା ଓ ଭୂସ୍ଖଳନର ସାମ୍ନା କରିଛି। ୨୦୧୩ ମସିହାରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ଏହାର ଏକ ଜ୍ୱଳନ୍ତ ଉଦାହରଣ। ସେହି ସମୟରେ ମଧ ପ୍ରବଳ ବର୍ଷା ଏହି ବିପର୍ଯ୍ୟୟର ମୁଖ୍ୟ କାରଣ ଥିଲା। ଉତ୍ତରକାଶୀ ଘଟଣା ଦର୍ଶାଉଛି ଯେ, ହିମାଳୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୃଦ୍ଧି ପାଉଛି। ଅନିୟମିତ ଓ ଅତ୍ୟଧିକ ବର୍ଷା, ଯାହା ମେଘଫଟା ବର୍ଷା ଭାବରେ ଦେଖାଯାଏ, ତାହା ଏହି ଅଞ୍ଚଳରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର କାରଣ ପାଲଟୁଛି। ପାହାଡ଼ିଆ ଅଞ୍ଚଳରେ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ, ଜଙ୍ଗଲ ନଷ୍ଟ ହେବା ଏବଂ ପରିବେଶ ନିୟମାବଳୀର ଉଲ୍ଲଂଘନ ମଧ ଏହି ବିପର୍ଯ୍ୟୟର ମାତ୍ରାକୁ ବଢ଼ାଉଛି। ପାହାଡ଼ର ଢାଲୁ ଅଞ୍ଚଳରେ ମାଟିକୁ ଧରି ରଖିଥିବା ଗଛ କଟାଯିବା ଦ୍ୱାରା ମାଟି ଦୁର୍ବଳ ହୋଇଯାଏ ଏବଂ ପ୍ରବଳ ବର୍ଷା ସମୟରେ ଭୂସ୍ଖଳନର ଆଶଙ୍କା ବଢ଼ିଯାଏ। ଏହା ସହିତ ନଦୀ କୂଳରେ ଅନିୟମିତ ନିର୍ମାଣ ମଧ ବନ୍ୟାର ବିପଦକୁ ବଢ଼ାଏ।

ଏହି ଘଟଣାରୁ ଆମକୁ ଶିକ୍ଷା ଗ୍ରହଣ କରିବାକୁ ହେବ। ପ୍ରଥମତଃ, ହିମାଳୟ ଅଞ୍ଚଳରେ ପରିବେଶ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦେବା ଆବଶ୍ୟକ। ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଆହୁରି ଜୋରଦାର କରିବା ଉଚିତ। ଦ୍ୱିତୀୟତଃ, ପାହାଡ଼ିଆ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ପାଇଁ କଠୋର ନିୟମାବଳୀ ପ୍ରଣୟନ କରିବା ଏବଂ ତାହାକୁ କଡ଼ାକଡ଼ି ଭାବେ ପାଳନ କରିବା ଆବଶ୍ୟକ। ଭୂସ୍ଖଳନ ପ୍ରବଣ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ସେଠାରେ ଜନବସତି ଓ ନିର୍ମାଣ କାର୍ଯ୍ୟକୁ ନିରୁତ୍ସାହିତ କରିବା ଉଚିତ। ତୃତୀୟତଃ, ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ଏପରି ହଠାତ୍ ବିପର୍ଯ୍ୟୟ ପୂର୍ବରୁ ସତର୍କ ସୂଚନା ଦେଇପାରିଲେ ଜୀବନ ଓ ସମ୍ପତ୍ତିକୁ ରକ୍ଷା କରାଯାଇପାରିବ। ସ୍ଥାନୀୟ ଲୋକଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ତାଲିମ ଦେବା ମଧ ଜରୁରୀ। ସେମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜକୁ ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବେ, ସେ ବିଷୟରେ ଜ୍ଞାନ ଆହରଣ କରିବା ଆବଶ୍ୟକ।

ଏହି ଘଟଣା ପୁଣି ଥରେ ପ୍ରମାଣିତ କରିଛି ଯେ, ପ୍ରକୃତି ସହ ଖେଳିବା ଆମ ପାଇଁ କେତେ ଭୟଙ୍କର ହୋଇପାରେ। ହିମାଳୟ ଏକ ସମ୍ବେଦନଶୀଳ ପରିବେଶ ପ୍ରଣାଳୀ। ଏହାର ସୁରକ୍ଷା କେବଳ ସ୍ଥାନୀୟ ଲୋକଙ୍କ ଦାୟିତ୍ୱ ନୁହେଁ, ବରଂ ସମଗ୍ର ଦେଶ ଏବଂ ବିଶ୍ୱର ଦାୟିତ୍ୱ। ଉତ୍ତରକାଶୀରେ ହୋଇଥିବା ହଠାତ୍ ବନ୍ୟା ଏକ ଚେତାବନୀ। ଏହା ଆମକୁ ପ୍ରକୃତିର ସନ୍ତୁଳନ ବଜାୟ ରଖିବା ଏବଂ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଅଧିକ ଗମ୍ଭୀର ହେବାକୁ ବାଧ୍ୟ କରୁଛି। ଭବିଷ୍ୟତରେ ଏପରି ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଆମକୁ ପରିବେଶ ଅନୁକୂଳ ବିକାଶ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ନଚେତ୍, ଏପରି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଘଟିବ ଏବଂ ଏହାର ପରିଣାମ ଅଧିକ ବିନାଶକାରୀ ହେବ। ଏଣୁ, ଉତ୍ତରକାଶୀର ଏହି ଦୁଃଖଦ ଘଟଣାରୁ ଶିକ୍ଷା ଗ୍ରହଣ କରି ଆମେ ସମସ୍ତେ ପ୍ରକୃତିର ସୁରକ୍ଷା ପାଇଁ ସଙ୍କଳ୍ପ ନେବା ଉଚିତ।

## ରାକ୍ଷୀ ପୂର୍ଣ୍ଣିମା

### ଅକ୍ଷୟ କୁମାର ରାଉତ





ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ପାଳନ କରାଯାଉଥିବା ପର୍ବ ପର୍ବାଣି ଓ ଓଷା ବ୍ରତ ଗୁଡିକ ପ୍ରାୟତଃ ତିଥି ଓ ବାରକୁ କେନ୍ଦ୍ର କରି ପାଳନ କରାଯାଇଥାଏ । ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ଓ ପୂର୍ଣ୍ଣିମା ସମୟରେ ଆମର ପର୍ବ ପର୍ବାଣି ଗୁଡିକ ପାଳିତ ହୁଏ। ପ୍ରତ୍ୟେକ ପୂର୍ଣ୍ଣିମାର ସ୍ୱତନ୍ତ୍ର ନାମ ରହିଛି । ଯେପରି ବୁଦ୍ଧପୂର୍ଣ୍ଣିମା, ଦେବସ୍ନାନପୂର୍ଣ୍ଣିମା, ବ୍ୟାସପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା । ସେହିପରି ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା କୁହାଯାଏ । ଦଶ ଅବତାର ମଧ୍ୟରେ ଅଷ୍ଟମ ଅବତାର ଶ୍ରୀ ବଳରାମଙ୍କ ଜନ୍ମତିଥି ରୂପେ ଶ୍ରାବଣ ପୂର୍ଣ୍ଣିମୀ ମହା ସମାରୋହରେ ପାଳନ କରାଯାଏ । ପ୍ରଭୁ ଶ୍ରୀବଳଭଦ୍ରଙ୍କର ଆୟୁଧ ହଳ ଲଙ୍ଗଳ ଓ ତାଙ୍କର ଜନ୍ମ ଗୋଗୋଷ୍ଠରେ ହୋଇଥିବାରୁ ଆମ୍ଭେ ମାନେ ହଳ ଲଙ୍ଗଳ ସହିତ ଗାଇ ଗୋରୁଙ୍କୁ ପୂଜା କରିଥାଉ । ଗୋ ରସରୁ ପ୍ରସ୍ତୁତ ଲହୁଣି, ଘିଅ, ଓ ଛେନା ଇତ୍ୟାଦି ମଣିଷ ଶରୀର ପାଇଁ ଉପକାରୀ ଖାଦ୍ୟ । ଆମ ପୂଜା ପାଇଁ ପଚାଂମୃତ ବା ପଚଂଗଦ୍ୟର ଆବଶ୍ୟକତା ଅଛି ।

ସେଥିପାଇଁ ଆମ ସମାଜ ଗାଇକୁ ସୁଖ ପ୍ରଦାନ କାରିଣୀ ଗୋମାତା ରୂପେ ସେବା ଓ ପୂଜା କରିଥାଏ । ରାକ୍ଷୀ ବନ୍ଧନ ସମ୍ପର୍କରେ ପୁରାଣ ଓ ଇତିହାସରେ ହୃଦୟ ସ୍ପର୍ଶୀ କାହାଣୀ ବିଦ୍ୟମାନ । ଇନ୍ଦ୍ର ବୃତ୍ରାସୁର ସମର ସମୟରେ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଶଚୀ ଇନ୍ଦ୍ରଙ୍କ ହାତରେ ରକ୍ଷା ସୂତ୍ର ବା ରାକ୍ଷୀ ବାନ୍ଧି ଦେବାରୁ ଇନ୍ଦ୍ର ଜୟଯୁକ୍ତ ହେଲେ । ସେହି ଦିନ ଠାରୁ ତାହା ରକ୍ଷାବନ୍ଧନ ରୂପେ ମାନ୍ୟତା ଲାଭ କରି ଅଛି । ଶ୍ରୀକୃଷ୍ଣଙ୍କ ହସ୍ତାଙ୍ଗୁଳି କଟିବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢୀକୁ ଚିରି ତାଙ୍କ କ୍ଷତ ସ୍ଥାନରେ ବାନ୍ଧି ଦେବାରୁ ପର ଅବସ୍ଥାରେ ଦ୍ୱାରକାଧିପତି କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନ ରକ୍ଷା କରିଥିଲେ । ଦେବୀ ମହାଲକ୍ଷ୍ମୀ ଭଉଣୀ ରୂପରେ ଶ୍ରାବଣ ପୂର୍ଣ୍ଣିମାରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇ ଭଗବାନ୍ ବିଷ୍ଣୁଙ୍କୁ ପାତାଳ ଲୋକରୁ ବୈକୁଣ୍ଠକୁ ନେଇଯାଇ ଥିଲେ । ସେହି ଦିନ ଠାରୁ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଭଉଣୀର ସମ୍ପର୍କକୁ ଅତୁଟ ରଖିଥିଲେ । ମାତା ସିତା ସତାନନ ରାବଣ ଠାରୁ ପ୍ରଭୁ ରାମଙ୍କୁ ରକ୍ଷା ପାଇଁ ପ୍ରତିବ୍ରତା ଧର୍ମର ରକ୍ଷା କବଚ ପ୍ରଦାନ କରିଥିଲେ । ମା' ମାନେ ନିଜ ନିଜ ଇଷ୍ଟ ଦେବା ଦେବୀଙ୍କ ନିକଟରେ ପୂଜା କରି ରକ୍ଷା କବଚ ସନ୍ତାନ ମାନଙ୍କର କଲ୍ୟାଣ ନିମନ୍ତେ ପିନ୍ଧାଇ ଥାଆନ୍ତି । ଆଲେକ୍ଜାଣ୍ଡାର ଓ ପୁରୁଙ୍କ ଯୁଦ୍ଧକୁ ନେଇ ରାକ୍ଷୀ ସମ୍ବନ୍ଧୀୟ ଏକ କାହାଣୀ ରହିଛି । ଆଲେକ୍ଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ହାତରେ ରାକ୍ଷୀ ବାନ୍ଧି ଥିବାରୁ ପୁରୁ ହତ୍ୟା କରିବା ପାଇଁ ଉଦ୍ୟମ ବେଳେ ଭଉଣୀର କଥା ମନେ ପକାଇ ଆଲେକ୍ଜାଣ୍ଡାରଙ୍କୁ ଛାଡିଦେଇ ଥିଲେ । ଚିତୋରର ବିଧବା ରାଣୀ କର୍ଣ୍ଣାବତୀ ଦିଲ୍ଲୀର ସମ୍ରାଟ ହୁମାୟନଙ୍କ ନିକଟକୁ ଏକ ରାକ୍ଷୀ ପଠାଇ ଥିବାରୁ ହୁମାୟନ ଭଉଣୀ କର୍ଣ୍ଣାବତୀର ସୁରକ୍ଷା ନିମନ୍ତେ ସେନା ପ୍ରେରଣ କରିଥିଲେ ।

ବିଶ୍ୱକବି ରବିନ୍ଦ୍ରନାଥ ଟାଗୁର ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧ୍ୟରେ ରାକ୍ଷୀ ବନ୍ଧନ କରି ବିଶ୍ୱ ଭାତୃତ୍ୱକୁ ଏକ ନୂତନ ଦିଗ୍ ଦର୍ଶନ ଦେଇଥିଲେ । ମହାନ ସ୍ୱାଧୀନତା ସଂଗ୍ରାମି ଚନ୍ଦ୍ରଶେଖର ଆଜାଦ୍ ଇଂରେଜ ମାନଙ୍କ ଆଖିରେ ଧୂଳି ଦେଇ ଜଣେ ବିଧବା ସ୍ତ୍ରୀ ଲୋକ ଘରେ ଆଶ୍ରୟ ନେଇଥିଲେ । ବିଧବା ସ୍ତ୍ରୀ ଲୋକଟି ଚନ୍ଦ୍ରଶେଖର ଆଜାଦ୍‌ଙ୍କ ହାତରେ ରାଖି ବାନ୍ଧି ଦେଇଥିଲା । ଅଭାବି ସ୍ତ୍ରୀ ଲୋକଟିର ଝିଅ ବିଭାହ ପାଇଁ ଚନ୍ଦ୍ରଶେଖର ତାଙ୍କୁ କହିଥିଲେ, ସେ ତାଙ୍କୁ ଇଂରେଜଙ୍କ ନିକଟରେ ଧରାଇ ଦେଲେ ୫ ହଜାର ଟଙ୍କା ପୁରସ୍କାର ପାଇବେ । କିନ୍ତୁ ସ୍ତ୍ରୀ ଲୋକଟି ଉତର ଦେଇଥିଲା, ଯିଏ ଭାରତ ମାତା ପାଇଁ ଇଂରେଜ ସରକାରଙ୍କ ସହିତ ଲଢୁଛି ଓ ମୋ ରାକ୍ଷୀର ମାନ ରକ୍ଷା କରୁଛି, ମୁ ତାଙ୍କୁ କିପରି ବିଦେଶୀ ସରକାରଙ୍କ ହାରତେ ଧରାଇ ଦେବି । ତା'ପର ଦିନ ଚନ୍ଦ୍ରଶେଖର ୫ ହଜାର ଟଙ୍କା ରଖି ଦେଇ, ଭଉଣୀ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ସେଠାରୁ ବିଦାୟ ନେଇଥିଲେ ।

ପ୍ରାୟ ଭାରତର ସବୁ ସ୍ଥାନରେ ରାକ୍ଷୀ ଉତ୍ସବ ପାଳିତ ହୁଏ । ଉତର ପଶ୍ଚିମ ଭାରତରେ ରାକ୍ଷୀ ପୂର୍ଣ୍ଣିମା ଭାବରେ ପାଳନ କରାଯାଏ । ମହାରଷ୍ଟ୍ର, ଗୁଜୁରାଟ, ଗୋଆ ଓ କର୍ଣ୍ଣାଟକର କେତେ ଅଂଚଳରେ ଏହା ରାକ୍ଷୀ ପୂର୍ଣ୍ଣିମା ବା ନାରିୟଲ ପୂର୍ଣ୍ଣିମା ଭାବେ ପରିଚିତ । ଏହି ଦିନ ଅନନ୍ତଶାୟୀ ବିଷ୍ଣୁଙ୍କ ଉଦେଶ୍ୟରେ ନଡିଆ ସମୁଦ୍ରକୁ ଫିଙ୍ଗା ଯାଇଥାଏ । ବ୍ରାହ୍ମଣ ମାନେ ଏହିଦିନ ନୂତନ ଯଜ୍ଞୋପବୀତ ଧାରଣ କରିଥାଆନ୍ତି । ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ, ଓ ବିହାରରେ ଏହାକୁ କଜରି ପୂର୍ଣ୍ଣିମା ବୋଲି କୁହାଯାଏ । ଏହି ପୂର୍ଣ୍ଣିମା କୃଷକମାନଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ । ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷା ବନ୍ଧନ ପର୍ବ, ପତ୍ନୀ ଭାବେ ପତିର ରକ୍ଷା, ପତି ଭାବେ ପତ୍ନୀର ରକ୍ଷା, ଭ୍ରାତା ଭାବରେ ଭଗ୍ନୀର ରକ୍ଷା, ଭକ୍ତ ଭାବରେ ପ୍ରଭୁଙ୍କର ରକ୍ଷା, ଭଗବାନ ଭାବେ ଭକ୍ତର ରକ୍ଷା, ପୁତ୍ର ଭାବେ ପିତା ମାତାଙ୍କର ରକ୍ଷା, ପିତାମାତା ଭାବେ ସନ୍ତାନର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା । ଈର୍ଷା, ଦ୍ୱେଶ, ପରଶ୍ରୀକାତରତା, ମନାନ୍ତର, ମତାନ୍ତର, ତିକ୍ତତା ଓ ବିରୋଧି ଭାବକୁ ପରିତ୍ୟାଗ କରି ବିଶ୍ୱକୁ ଏକ ପରିବାର ମାନି ନେବା ରକ୍ଷା ବନ୍ଧନର ମୂଳ ଉଦେଶ୍ୟ । ଅଧର୍ମ, ଅନ୍ୟାୟ ଅସତ୍ୟ, ଅଜ୍ଞାନ ତାର ବିନାଶ କରି, ମାନବିକ ଧର୍ମର ପ୍ରତିଷ୍ଠା କରିବାକୁ ରାକ୍ଷୀ ପୂର୍ଣ୍ଣିମା ନିର୍ଦ୍ଦେଶ ଦେଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଭାଇ ଚାରା ଏହି ପର୍ବ ସୃଷ୍ଟି କରିଥାଏ । ନାରି ଜାତି, କୃଷକ, ଗୋସମ୍ପଦ, କୃଷି, ଜଙ୍ଗଲ ଓ ଜୀବଜଗତର ସୁରକ୍ଷାର ସାମାଜିକ ବାର୍ତ୍ତା ଏହି ରକ୍ଷାବନ୍ଧନର ମୂଳତତ୍ତ୍ୱ । ଏହି ପର୍ବ ଆମ ଭାରତୀୟ ସଂସ୍କୃତି, ପରମ୍ପରାକୁ ଗୌରବାନ୍ୱିତ ଓ ସମୃଦ୍ଧଶାଳୀ କରିଥାଏ ।

ପାରାଦ୍ୱିପଗଡ, କୁଜଙ୍ଗ
ଜଗତସିଂହପୁର
ମୋ: ୯୯୩୭୬୯୧୪୭୫

## ଝୁଲଣ ଯାତ୍ରା

### ଅଲେଖ ଚନ୍ଦ୍ର ସାମଲ





ଭାରତବର୍ଷର ଅଧିକାଂଶ ପର୍ବ ପୁରାଣ ବର୍ଣ୍ଣିତ ଓ କିମ୍ବଦନ୍ତୀ ଅନ୍ତରାଳରେ ସମ୍ବଳିତ ହୋଇଥିବା ହେତୁ ପ୍ରତ୍ୟେକ ଉତ୍ସବର କିଛି ଆଧ୍ୟାତ୍ମିକ ତଥା ଧାର୍ମିକ ଗୁରୁତ୍ୱ ରହିଛି। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବ୍ରଜଭୂମି ବୃନ୍ଦାବନରେ ଏହି ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ। କୁହାଯାଏ ଆଜକୁ ପାଞ୍ଚ ହଜାର ବର୍ଷ ଧରି ବୃନ୍ଦାବନରେ ଶ୍ରୀରାଧାକୃଷ୍ଣଙ୍କର ପବିତ୍ର ଝୁଲଣ ଯାତ୍ରା ଉତ୍ସବ ଖୁବ ଜାକଜମକରେ ପାରମ୍ପରିକ ରୀତି ନୀତିରେ ପାଳିତ ହେବା ଲକ୍ଷ୍ୟ କରାଯାଏ। ବୃନ୍ଦାବନରେ ଏହି ପ୍ରସିଦ୍ଧ ଝୁଲଣ ଯାତ୍ରା ଦୀର୍ଘ ତେର ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ବୃନ୍ଦାବନ ଓ ତାହାର ଆଖପାଖ ଅଞ୍ଚଳରେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଏହି ଝୁଲଣ ଯାତ୍ରାକୁ ଆସି ବେଶ୍ ଉପଭୋଗ ମଧ କରିଥାନ୍ତି। ବୃନ୍ଦାବନରେ ଠାକୁରମାନେ ଝୁଲୁଥିବା ଦୋଳି ଗୁଡ଼ିକ କେଉଁଠାରେ ବିଭିନ୍ନ ପୁଷ୍ପ ଦ୍ୱାରା ତ କିଛି ମନ୍ଦିରରେ ଦୋଳି ଗୁଡ଼ିକ ରୂପା ଓ ସୁନାରେ ନିର୍ମିତ ହୋଇଥାଏ। ବୃନ୍ଦାବନରେ ଥିବା ପ୍ରସିଦ୍ଧ ଶ୍ରୀବାଙ୍କେବିହାରୀ ମନ୍ଦିର, ଶ୍ରୀରାଧାରମଣ ମନ୍ଦିର, ମଥୁରାର ଶ୍ରୀଦ୍ୱାରକାଧିଶୀ ମନ୍ଦିର, ଲାଡ଼ଲୀଲାଲ ଏବଂ ପୁରୀ ଶ୍ରୀମନ୍ଦିରରେ ଶ୍ରାବଣର ଏହି ପବିତ୍ର ଝୁଲଣଯାତ୍ରା ଦେଖିବାକୁ ଭକ୍ତ ମାନଙ୍କ ପ୍ରବଳ ଜନସମାଗମ ହୁଏ। ବୃନ୍ଦାବନର ଘଞ୍ଚ କୁଞ୍ଜବନର ବର୍ଷା ଭିଜା ଆକାଶ ଶ୍ରାବଣରେ ଏକ ରୋମାଞ୍ଚକର ପରିବେଶ ସୃଷ୍ଟି କରୁଥାଏ। ଭରା ଯମୁନାର କୂଳେ କୂଳେ ବର୍ଷ ଦିନିଆ ଫୁଲମାନେ ଜୁଇ, ଜାଇ, ଚମେଲୀ, ମାଧବୀ ଫୁଲ ମଧ୍ୟରେ ଛାଇ ଯାଇଥାନ୍ତି। ସମଗ୍ର ପରିବେଶ ଜୀବନ୍ତ ହୋଇଉଠେ ଯେତେବେଳେ ବୃନ୍ଦାବନର ପ୍ରତ୍ୟେକ ମଠରେ, ଘରେ, ମନ୍ଦିରରେ ଓ କୁଞ୍ଜବନରେ ରାଧାରାଣୀ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ସହିତ ଆକର୍ଷଣୀୟ ଝୁଲଣରେ ଦୋଳି ଖେଳନ୍ତି। ବୃନ୍ଦାବନର ସାରା ପରିବେଶ ରାଧେ ରାଧେ ଅମୃତ ନାମାମୃତରେ ପବିତ୍ର ହୋଇଉଠେ ଝୁଲଣ ଯାତ୍ରାର ଏହି ତେର ଦିନ।

ଶ୍ରାବଣ ମାସର ପୂର୍ଣ୍ଣିମା ହେଉଛି ଗହ୍ମା ପୂର୍ଣ୍ଣିମା। ଏହାକୁ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି। ସେ ଚାଷୀ କୁଳର ପ୍ରତୀକ ତଥା ଗୋ ଜାତିର ପାଳନ କର୍ତ୍ତା। ତେଣୁ ଏହି ଦିନରେ ଗାଇଗୋରୁଙ୍କୁ ମଧ ପୂଜା କରାଯାଏ। ଏକମତ ଅନୁଯାୟୀ, ଗୋପୂର୍ଣ୍ଣିମାର ଅପଭ୍ରଂଶ ହେଉଛି ଗହ୍ମା ପୂର୍ଣ୍ଣିମା। ପୁଣି ଏହାକୁ ରାଖୀ ପୂର୍ଣ୍ଣିମା ମଧ କୁହାଯାଏ। କିମ୍ବଦନ୍ତୀ କହେ, କୁନ୍ତୀ ମାତା, ଏହି ଦିନରେ ପଞ୍ଚପୁତ୍ରଙ୍କୁ କୌରବଙ୍କ ବିଷ ଦୃଷ୍ଟିରୁ ରକ୍ଷା କରିବା ଉଦ୍ଦେଶ୍ୟରେ, ଶ୍ରୀକୃଷ୍ଣଙ୍କ ହାତରେ ରାଖି ବାନ୍ଧି, ତାଙ୍କ ଅନୁଗ୍ରହ ଭିକ୍ଷା କରିଥିଲେ। ଏହି ଦିନର ଅନ୍ୟ ଏକ ଆକର୍ଷଣ ହେଉଛି ଝୁଲଣ ଯାତ୍ରା। ଶ୍ରାବଣ ଶୁକ୍ଳ ପକ୍ଷ ଏକାଦଶୀରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମାରେ ଶେଷ ହୁଏ। ଆମ ରାଜ୍ୟର କ୍ଷତ୍ରିୟମାନେ ଏହି ଦିନରେ ଯଜ୍ଞ ଉପବୀତ ବଦଳାନ୍ତି। ଆଗ କାଳରେ ପାଇକମାନେ ଏହି ଦିନକୁ ଅତି ଶୁଭ ମନେକରି, ପିଲାଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ। ଏହି ଅବସରରେ ପାଇକ ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ। ସୁଉଚ୍ଚ ସ୍ଥାନକୁ ତଳକୁ ଡେଇଁବାକୁ ଗହ୍ମା ଡିଆଁ। ଯେଉଁମାନେ କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ ପାଇକ ହେବା ପାଇଁ ତାଲିମ ଦିଆଯାଉଥିଲା।

ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରାୟ ସମସ୍ତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ। ପ୍ରତ୍ୟେକ ମନ୍ଦିର ପରିସରରେ ସୁସଜ୍ଜିତ ଦୋଳି ନିର୍ମାଣ କରାଯାଇ ଠାକୁର ମାନଙ୍କୁ ରୀତିନୀତିରେ ଭକ୍ତମାନେ ଝୁଲାଇ ଥାଆନ୍ତି। ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକ ବ୍ୟତୀତ କଣ୍ଟିଲୋର ନୀଳମାଧବ ମନ୍ଦିର, ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ପୁରୀ ନିକଟସ୍ଥ ସାକ୍ଷୀଗୋପାଳ ଜୀଉଙ୍କ ମନ୍ଦିର ଏବଂ ଭୁବନେଶ୍ୱରସ୍ଥ ଇସ୍କନ ଶ୍ରୀକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ମହାସମାରୋହରେ ସାତ ଦିନ ବ୍ୟାପୀ ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଥାଏ।

ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥିରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ସାତ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଏ। ମୁକ୍ତି ମଣ୍ଡପରେ ହୋଇଥିବା ସୁସଜ୍ଜିତ ଝୁଲଣ କୁଞ୍ଜରେ ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଦୋଳି ଉପରେ ବିଜେ କରନ୍ତି। ଏହା ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ନ ହେଲେ ସୁଦ୍ଧା ଏ ଯାତ୍ରାର ଲୋକପ୍ରିୟତା ଖୁବ୍ ବେଶି। ଶ୍ରୀମନ୍ଦିରର କୁଞ୍ଜବନରେ ଅନୁଷ୍ଠିତ ଝୁଲଣ ଯାତ୍ରାରେ କିନ୍ତୁ ସ୍ୱକୀୟା ପ୍ରେମକୁ ପ୍ରାଧାନ୍ୟ ଦେଇ ପତି ପତ୍ନୀଙ୍କ ପ୍ରେମ ପ୍ରଣୟ ଏହି ପର୍ବରେ ପ୍ରତିଫଳିତ ହୋଇଥାଏ। ପୁରୀ ମନ୍ଦିରରେ ଝୁଲଣ ପରମ୍ପରା ଅଷ୍ଟାଦଶ ଶତକର ଶେଷ ଭାଗରୁ ଅଦ୍ୟାବଧି ଚଳି ଆସୁଥିବାର ବିଭିନ୍ନ ଲିଖିତ ବିବରଣୀରୁ ମିଳିଥାଏ। ପୁରୀର ଶୋଲ ଶିଳ୍ପୀ ମାନଙ୍କର କରାମତି ସବୁଠୁ ଅଧିକ ଫୁଟି ଉଠେ ଝୁଲଣ କୁଞ୍ଜରେ। ଶ୍ରୀମନ୍ଦିର କୁଞ୍ଜବନର ଅନ୍ୟତମ ବିଶେଷତ୍ୱ ହେଲା ଯେ, ଏହାର ଦୁଇ ପାର୍ଶ୍ୱରେ ପ୍ରକାଣ୍ଡକାୟ ଦୁଇ ଜଣ ଦ୍ୱାରପାଳ ରହନ୍ତି। ଏ ଦୁଇଟି ଦ୍ୱାରପାଳଙ୍କ ଉଚ୍ଚତା ପ୍ରାୟ ଚଉଦ ଫୁଟ। ମୂର୍ତ୍ତି ଦ୍ୱୟର ଗୋଟେ ଲେଖାଏଁ ହାତ ଉତ୍ତୋଳିତ ହୋଇଥାଏ ଏବଂ ସେଥିରେ ସେମାନେ ଧରିଥାଆନ୍ତି ଗୋଟିଏ ଗୋଟିଏ ଗଦା। ଏହି ପ୍ରକାଣ୍ଡକାୟ ମୂର୍ତ୍ତିଗୁଡ଼ିକ ଶୋଲରେ ହିଁ ତିଆରି ହୋଇଥାଏ। ସାତଦିନ ଯାଏଁ ଝୁଲଣ କୁଞ୍ଜରେ ଦେବତାମାନେ ଝୁଲନ୍ତି। ଅବଶ୍ୟ ରତ୍ନସିଂହାସନରେ ବିରାଜୁଥିବା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏହି ଝୁଲଣରେ ଶୋଭା ନପାଇଲେ ମଧ ଅଷ୍ଟଧାତୁରେ ନିର୍ମିତ ହୋଇଥିବା ତାଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଲକ୍ଷ୍ମୀ ସାଆନ୍ତାଣୀ ତଥା ମା'ସରସ୍ୱତୀଙ୍କ ପିତୁଳା ଦ୍ୱୟ ଝୁଲଣରେ ଝୁଲିଥାନ୍ତି। ପ୍ରତି ଝୁଲଣରେ ସୁନ୍ଦର ଭାବେ ବିଗ୍ରହ ଗୁଡ଼ିକୁ ବିଶେଷ ବେଶରେ ସଜାଇ ଦିଆଯାଏ। ଯଥାରୀତି ଭୋଗ ଅର୍ପଣ କରିବା ପରେ ସେବାୟତ ବସିରହି ଧିରେ ଧିରେ ଦଉଡି ଟାଣି ଦୋଳିକୁ ଝୁଲାନ୍ତି। ଏହି ଝୁଲଣ ଯାତ୍ରା ଯେ, କେବଳ ଶ୍ରୀମନ୍ଦିରରେ ନୁହେଁ ବରଂ ଶ୍ରୀମନ୍ଦିରକୁ ବେଢ଼ି ରହିଥିବା କୋଡିଏରୁ ଅଧିକ ମଠରେ। ମହାନନ୍ଦରେ ପାଳିତ ହେବା ଦେଖାଯାଏ। ଏମାର ମଠର ଆକର୍ଷଣୀୟ କୁଞ୍ଜବନରେ ବାଇଶି ଫୁଟର କୁଞ୍ଜ ନିର୍ମାଣ କରାଯାଇ ଶୋଲରେ ସଜ୍ଜିତ କରାଯାଇଥାଏ। ପ୍ରତିମଠରେ ଏକା ଦେବତା ଝୁଲନ୍ତି ନାହିଁ। ଏମାର ମଠରେ ଝୁଲନ୍ତି ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତା। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଝୁଲନ୍ତି ଶ୍ରୀରାଧାକୃଷ୍ଣ। ସେହିପରି ଅନ୍ୟାନ୍ୟ ମଠ ଯଥା ଓଡ଼ିଆ ମଠ, ଗୌଡ଼ିୟ ମଠ, ଶ୍ରୀଚୈତନ୍ୟ ମଠ ପ୍ରଭୃତିରେ ପୁଷ୍ପ ଓ ଶୋଲରେ ନିର୍ମିତ ଆକର୍ଷଣୀୟ କୁଞ୍ଜ ଶ୍ରୀରାଧାକୃଷ୍ଣ ଦୋଳି ଖେଳନ୍ତି। ଓଡ଼ିଆ ଆଧ୍ୟାତ୍ମିକ ଜୀବନ ଚେତନାରେ ଝୁଲଣ ଯାତ୍ରାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ।

ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୬୭୧୨୩

## ରକ୍ଷା କବଚ ସେ ସମ୍ପର୍କର ସୂତ୍ର

### ହେମନ୍ତ କୁମାର ଗନ୍ତାୟତ

ରାକ୍ଷୀ ନୁହେଁ ସେତ ରକ୍ଷାର କବଚ
ଦେଇଛି ଶତ ପ୍ରମାଣ
ଯୁଗ ଯୁଗଧରି ସୁରକ୍ଷା ଦେଉଛି
ରହିବ ସଦା ସ୍ମରଣା।

ରକ୍ଷା କବଚ ସେ ସମ୍ପର୍କର ସୂତ୍ର
ସଙ୍କଟ ହରଇ ସେହି
ଆପଦ ବିପଦେ ସହାୟକ ହୁଏ
ଅନେକ ରୂପରେ ରହି ।

ସମ୍ପର୍କର ସୂତ୍ର ଅତୀବ ବିଚିତ୍ର
ତାର ସମ କେହି ନାହିଁ
ପବିତ୍ର ବନ୍ଧନେ ଆବଦ୍ଧ କରଇ
ରେଶମୀ ଡୋରିରେ ରହି ।

ସତ୍ୟ ଯୁଗେ ବିଷ୍ଣୁ ବଳି ରାଜଦ୍ୱାରେ
ଦ୍ୱାରପାଳ ରୂପେ ଥିଲେ
ବଳିର କରରେ ରାକ୍ଷୀକୁ ବାନ୍ଧିଣ
ମହାଲକ୍ଷ୍ମୀ ମୁକ୍ତ କଲେ ।

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ହସ୍ତରେ
ଦ୍ରୌପଦୀ ଦେଖିଣ କ୍ଷତ
ନିଜ ପାଟ ବସ୍ତ୍ର ଚିରିଣ ଅଙ୍ଗରୁ
ବାନ୍ଧିଥିଲେ ରକ୍ଷା ସୂତ୍ର ।

ରକ୍ଷକ ସାଜିଣ ରକ୍ଷା କଲେ କୃଷ୍ଣ
କୃଷ୍ଣା ବିବସନା କାଳେ
କୋଟି ବସ୍ତ୍ର ଦେଇ ଲଜ୍ୟା
ନିବାରିଲେ
କଉରବ ସଭା ସ୍ଥଳେ ।

ଭଉଣୀର ରାକ୍ଷୀ ସେନେହର ସାକ୍ଷୀ
ପରମ ପବିତ୍ର ରୀତି
ଯୁଗ ଯୁଗ ଧରି ଚାଲି ଆସିଅଛି
ଆମରି ଆର୍ଯ୍ୟ ସଂସ୍କୃତି ।

ଭାଇର ହାତରେ ଭଉଣୀ ପିନ୍ଧାଏ
ନିଜର ସୁରକ୍ଷା ରଖି
ରେଶମୀ ଡୋରିର ପବିତ୍ର ବନ୍ଧନ
ଏହି ରାକ୍ଷୀ ତା'ର ସାକ୍ଷୀ ।

+ଆସିକା ଗଞ୍ଜାମ

### କବିତା କୋଣାର୍କ

## ରାକ୍ଷୀ

### ଦିନେଶ ମେହେର

ରକ୍ଷା ବନ୍ଧନରେ ରାକ୍ଷୀ ବାନ୍ଧି ହେଇ
ରାକ୍ଷୀର ମର୍ଯ୍ୟାଦା ରଖିବା ପାଇଁ
ସତରେ କ'ଣ ମୁଁ ଯୋଗ୍ୟ ?

କାହାକୁ ଆକ୍ଷେପ କରିବି
ନିଜ କଥା କହୁଛି,
ଦୁଶାସନର ଚରିତ୍ର ଉପରେ
ଭଦ୍ରମୁଖା ପିନ୍ଧି
ଦୁନିଆ ଆଗରେ ସାଧୁ ସାଜୁଥିବା
କଳଳପାତିଆ ଭଦ୍ରଲୋକ ,
ନିଜକୁ ଜଗନ୍ନାଥ ସଜେଇ ଭଉଣୀ
ହାତରୁ
ରାକ୍ଷୀ ବାନ୍ଧିବାର ତାତ୍ପର୍ଯ୍ୟ କଣ
କେହି ବୁଝିଛି,
ନା' ବୁଝି ପାରିବ ଆଗକୁ... ?

ଜାଣିଛ,
ସେଦିନ ଅନେକ ନିରୀହ କଳିକା
ମାନଙ୍କୁ
ଲୁହର ଝର୍ଣାରେ ଭସେଇ ଦେଇ
ନିଜେ ପାଲଟି ଯାଇଛି ଗୋଟେ
ପୁରୁଷ,
ଅନେକ ପ୍ରସ୍ଫୁଟିତ କୁସୁମ ମାନଙ୍କ
ଆଖିର ସ୍ୱପ୍ନକୁ
ପାଦରେ ଦଳି ମକଚି
ମୁଁ ଦେଖେଇ ଦେଇଛି ନିଜ
ମରଦପଣିଆ,
ଆଖିରେ କାମନା ଭରା ନଜର୍
ଓଠରେ 'ମାଲ' ଶବ୍ଦକୁ ରଖି
ଆଜି ହାତରେ ରାକ୍ଷୀ ବାନ୍ଧି
ହେଲାପରେ
ମୁଁ କେଡ଼େ ଚରିତ୍ରବାନ୍ ପୁରୁଷ
ପାଲଟିଯିବି ସତରେ..... !

ଜାଣିଛି,
ମୋ କଳା କର୍ତ୍ତୁତ ବିଟ୍ ବଜାରକୁ
ଆସିନି,
କି ଦେଖିନି କୌଣସି ଗଣମାଧ୍ୟମ
ତଥାପି ସ୍ୱପ୍ନରେ ଅବା ଗୁପ୍ତରେ
କାହା ଆଖିରୁ ଝରେଇ ଦେଇଛି
ଧାର ଧାର ଲୁହ
କାହା ଓଠରୁ ଛଡେଇ ନେଇଛି
ଚେନାଏ ହସ
ପୁଣି କାହାକୁ ଦ୍ରୌପଦୀ ସଜେଇ
ତାକୁ କରି ଦେଇଛି ବିବସ୍ତ୍ର..... !

ତେବେ
ଦୁନିଆ କଥା ଦୁରେ ଥାଉ
ଦୁନିଆ ଜାଣୁ ଅବା ନଜାଣୁ
ସେଇ ଜଗନ୍ନାଥ ଠିକ୍ ଜାଣିଛି
ମୋ ଚରିତ୍ର , ମୋର ଯେତେକ
ସବୁ କାରନାମା
ତେବେ
କାହା ପାଇଁ , କାହାର ରକ୍ଷାପାଇଁ
ନିଜ ହାତରେ ଏଇ ପବିତ୍ର ବନ୍ଧନକୁ
ବାନ୍ଧି ହେଇ
ମୁଁ ବି ପାଲଟି ଯିବି
ସମାଜ ପାଇଁ ଗୋଟେ ଚରିତ୍ରବାନ୍
ପୁରୁଷ.... ?

+ ପଳାସ, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬



## ରାକ୍ଷୀ ନୁହେଁ କିଣା ଦରବ

### ଜଗଦୀଶ ସାହୁ



ସାକ୍ଷୀ ଚକାଆଖି ଶରଧାରେ ରାକ୍ଷୀ
ବାନ୍ଧିଦେଲି ଭାଇ ହାତରେ
ଦୁନିଆଁ କହିବ ଆଉ କିଏ ହେବ
ମୋ' ଭାଇ ପରି ସତରେ
ଭଲ ମନ୍ଦ ସୁଖ ଦୁଃଖରେ
ଭଉଣୀ ମୁଁ ତୋର କରିବୁନି ପର
ଛାଇ ପରି ଥିବୁ ପାଖରେ ।
ମୋତେ ତୁ ଅନେଇ କଥା ଦେ'
ଭାଇ
ଥିବୁ ଯେବେ ଦୂର ସହର
ଆସିଲେ ପୁନେଇଁ ଆସିବୁ ତୁ ଧାଇଁ
ରଖିବାକୁ ମାନ ମୋହର
ରାକ୍ଷୀ ନୁହେଁ କିଣା ଦରବ
ସେନେହ ମମତା ରହିଛି ସାଇତା
ଭାଇ ଭଉଣୀର ଗରବ ।

+ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

# ଆମ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମା

## ଅବନୀ ଚନ୍ଦ୍ର ଦାସ

ଆମ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମା ଏକ ପାରମ୍ପରିକ ପର୍ବ । ସାମାଜିକ ଚଳନିରେ ଭାଇ ଭଉଣୀ ର ଦୃଢ଼ ସଂପର୍କ ର ମହିମା ମୟ ଗାଥା ବହନ କରୁଥିବା ଏହି ପର୍ବ ଆମ ଦେଶର ବିଭିନ୍ନ ଅଞ୍ଚଳରେ ବେଶ ଲୋକପ୍ରିୟ ହୋଇପାରିଛି । ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିବାର ପରମ୍ପରା ରେ ସମୃଦ୍ଧ ଏହି ପର୍ବର ଇତିହାସ । ପ୍ରତିବଦଳରେ ଭଉଣୀ କୁ ଯେକୌଣସି ପରିସ୍ଥିତିରେ ଭାଇର ପ୍ରତିବଦ୍ଧତା ସ୍ୱୀକାର କରିବାର ବିଧି ଏହି ପର୍ବର ମହାନ୍ ଦୃଷ୍ଟାନ୍ତ ବୋଲି କୁହାଯାଏ ।

ଆମ ସଂସ୍କୃତିରେ ବାର ମାସରେ ତେର ପର୍ବ ପାଳନର ପରଂପର ରହିଛି । ତନ୍ମଧ୍ୟରୁ ଶ୍ରାବଣ ମାସର ପୂର୍ଣ୍ଣିମା ତିଥିକୁ

ଓଡ଼ିଶାରେ ଗହ୍ମା ପୂର୍ଣ୍ଣିମା, ଝୁଲଣ ପୂର୍ଣ୍ଣିମା ଅଥବା ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ । କିନ୍ତୁ ଭାରତର ଅନ୍ୟ କେତେକ ରାଜ୍ୟ (ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଗୋଆ) ପ୍ରଭୃତି ଅଞ୍ଚଳରେ ଏହାକୁ ନାରିକେଳ ପୂର୍ଣ୍ଣିମା ବୋଲି କୁହାଯାଏ । ସମୁଦ୍ର ଉପକୂଳବର୍ତ୍ତୀ ସ୍ଥାନ ମାନଙ୍କରେ ଜୀବନ ଜୀବିକା ପାଇଁ ସମୁଦ୍ର ଉପରେ ନିର୍ଭରଶୀଳ ଲୋକେ ଏହି ଦିନ ସମୁଦ୍ର ଦେବତା ବରୁଣଙ୍କ ଉଦ୍ଦେଶ୍ୟରେ ନାରିକେଳ ଅର୍ପଣ କରି ଉତ୍ସବ ପାଳନ କରିଥାନ୍ତି । ପୁଣି ଦକ୍ଷିଣ ଭାରତର କେତେକ ଅଞ୍ଚଳ ରେ ଏହି ଶ୍ରାବଣ ପୂର୍ଣ୍ଣିମା ତିଥିକୁ 'ଅବନୀ ଅୱିଟ୍ଟମ୍' ନାମରେ ଏକ ସ୍ୱତନ୍ତ୍ର ପର୍ବ ପାଳିତ ହେଉଥିବା ଜଣାଯାଏ । ଅନୁରୂପେ ଉତ୍ତର ଭାରତରେ (ଉତ୍ତର ପ୍ରଦେଶ, ଛତିଶଗଡ଼, ମଧ୍ୟ ପ୍ରଦେଶ ଆଦି) କେତେକ ଅଞ୍ଚଳରେ ଏହା କାଜରି ପୂର୍ଣ୍ଣିମା ଭାବେ ପରିବ୍ୟାପ୍ତ ହୋଇଛି ।

ମୋଟ୍ ଉପରେ କହିବାକୁ ଗଲେ ଏହା ଏକ କୃଷି ଭିତ୍ତିକ ପର୍ବ ବୋଲି ସ୍ୱୀକୃତି ଲାଭ କରିଛି । କାରଣ : କୃଷି ର ଦେବତା ଶ୍ରୀ ବଳଭଦ୍ର ଙ୍କ ଜନ୍ମଦିନ ବୋଲି ବିଶ୍ୱାସ ରହିଛି । ପୂର୍ବେ କୃଷି କର୍ମ ପାଇଁ ହଳ ଲଙ୍ଗଳ ଓ ବଳଦ ବ୍ୟବହୃତ ହେଉଥିଲେ । ତେଣୁ, ଆମ ସଂସ୍କୃତିରେ ହଳ ମୁଷଳଧାରୀ ବଳରାମଙ୍କ ଜୟନ୍ତୀକୁ କୃଷିଭିତ୍ତିକ ପର୍ବର ମାନ୍ୟତା ଦିଆଯିବା ସ୍ୱାଭାବିକ । ଏହି ପର୍ବରେ ଶ୍ରୀ ବଳଦେବଙ୍କ ଆୟୁଧ ଲଙ୍ଗଳ ସହିତ ବଳଦକୁ ଫୁଲ, ଚନ୍ଦନ ସିନ୍ଦୂର ଅର୍ପଣ କରାଯାଇ ପୂଜା ଅର୍ଚ୍ଚନା କରାଯିବା ବିଧି ବ୍ୟବସ୍ଥିତ ହୋଇ ଆସିଛି । ଏଥି ସହିତ ବଳଦ ମାନଙ୍କୁ ନବ ବସ୍ତ୍ର,



ଘାଗୁଡ଼ି ମାଳା, ରକ୍ଷା ସୂତ୍ରରେ ସଜ୍ଜିତ କରାଯିବା ସହିତ କୃଷିଜାତ ସାମଗ୍ରୀରେ ପ୍ରସ୍ତୁତ ପିଠା ପଣା ସ୍ୱାଦିଷ୍ଟ ବ୍ୟଞ୍ଜନ ଅର୍ପଣ କରାଯାଇଥାଏ । ଉତ୍କୃଷ୍ଟ କୃଷି ଉତ୍ପାଦନ କରି ମାନବ ସମାଜକୁ ବର୍ଷସାରା ଆହାର ଯୋଗାଇବା ପାଇଁ, କର୍ମଠ ଓ ବଳଶାଳୀ ହେବା ପାଇଁ କୃଷି ଓ କୃଷିର ଦେବତା ତଥା ପରାକ୍ରମୀ ପ୍ରଭୁଙ୍କ ପ୍ରତୀକ ସ୍ୱରୂପ ଏପରି ଶ୍ରୀ ବଳଦେବଙ୍କ ଉପାସନା ପରମ୍ପରା କ୍ରମେ ଆମ ସଂସ୍କୃତିରେ ପ୍ରଚଳିତ ହୋଇ ଆସିଛି କେଉଁ ଯୁଗରୁ । ଓଡ଼ିଶାରେ ଆଉ ଏକ ପ୍ରଥା ରହିଛି - ଏହି ଦିନ ଶାସନୀ ବ୍ରାହ୍ମଣ ମାନେ ବୈଦିକ ଉପକର୍ମ କରିଥାନ୍ତି, ପବିତ୍ର ଯଜ୍ଞ ଉପବୀତ ଧାରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରନ୍ତି ।

ଏହି ରାକ୍ଷୀ ପୂର୍ଣ୍ଣିମା ପର୍ବର ମହତ୍ତ୍ୱ ସମ୍ପର୍କରେ ଅନେକ ପୌରାଣିକ ଉପାଖ୍ୟାନ ବିଦ୍ୟମାନ । ତନ୍ମଧ୍ୟରୁ ଗୋଟିଏ / ଦୁଇଟି ଉଦାହରଣ ଏଠାରେ ଉଲ୍ଲେଖଯୋଗ୍ୟ । ଶ୍ରୀ ବିଷ୍ଣୁଙ୍କ ପରମ ଭକ୍ତ ମହାରାଜା ବଳି ଙ୍କୁ ସଦ ବିପଦ ମୁକ୍ତ ରଖିବା ପାଇଁ ସ୍ୱୟଂ ବିଷ୍ଣୁ ବୈକୁଣ୍ଠ ପରିତ୍ୟାଗ କରି ବଳିଙ୍କ ରାଜ ପ୍ରାସାଦ ରେ ଅବସ୍ଥାନ କରିବାକୁ ଲାଗିଲେ । ଏହାଦେଖି ମହାଲକ୍ଷ୍ମୀ ଚିନ୍ତିତ ହୋଇ ପଡିଲେ । ଛଦ୍ମ ବେଶରେ ଏକ ବ୍ରାହ୍ମଣୀ ରୂପ ଧାରଣ କରି ବଳି ଙ୍କ ରାଜପ୍ରାସାଦରେ ଉପସ୍ଥିତ ହେଲେ । ସେଦିନ ଥିଲା ଏହି ଶ୍ରାବଣ ମାସର ପୂର୍ଣ୍ଣିମା ତିଥି । ମହାରାଜା ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ନିଜର ଅଭିପ୍ରାୟ ବ୍ୟକ୍ତ କରିଥିଲେ । ଫଳରେ ବ୍ରାହ୍ମଣୀ ରୂପୀ ଭଉଣୀର ଇଚ୍ଛା ପୂରଣ ପାଇଁ ମହାରାଜ ବଳି ସଂକଳ୍ପ କରି ବିଷ୍ଣୁଙ୍କୁ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ ପାଇଁ ବିବଶ କରିଥିଲେ । ସେହିଦିନଟି ରାକ୍ଷୀ ପୂର୍ଣ୍ଣିମାର ମର୍ଯ୍ୟାଦା ଲାଭ କଲା ।

ଆଉ ଏକ ପୌରାଣିକ ଉପାଖ୍ୟାନ ମଧ୍ୟ ଦ୍ୱାପର ଯୁଗର ଶ୍ରୀକୃଷ୍ଣ ଓ ଦ୍ରୌପଦୀ ଙ୍କୁ ନେଇ ଏହି ରାକ୍ଷୀ ପୂର୍ଣ୍ଣିମାର ମହତ୍ତ୍ୱ ପ୍ରତିପାଦନ କରୁଛି । ଭଗବାନ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ଶିଶୁପାଳକୁ ନିଧନ କରି ଥିଲେ । ସୁଦର୍ଶନ କୃଷ୍ଣ ହସ୍ତ ମଣ୍ଡନ କାଳରେ ଏକ ଅଙ୍ଗୁଳି କ୍ଷେତାକ୍ତ ହେବାରୁ ସେଠାରେ ଉପସ୍ଥିତ ଥିବା ଦ୍ରୌପଦୀ ନିଜ ପଣତ ଛିନ୍ନ କରି କୃଷ୍ଣଙ୍କ ହାତରେ ବାନ୍ଧି ଥିଲେ । ରକ୍ତସ୍ରାବ ରୁ ରକ୍ଷା ମିଳିଥିଲା । ଏହି ରକ୍ଷା ବନ୍ଧନ ର ପ୍ରତିଦାନ ସ୍ୱରୂପ ଭଗବାନ ଶ୍ରୀକୃଷ୍ଣ କୁରୁସଭା ରେ ଦୁଃଶାସନ ଦ୍ୱାରା ବିବସନା ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ପ୍ରଦାନ କରି ସୁରକ୍ଷା ଦେଇଥିଲେ । ଏଥିରେ ଶ୍ରୀକୃଷ୍ଣ ଓ ଦ୍ରୌପଦୀ (ଭାଇ ଭଉଣୀ)ଙ୍କ ପବିତ୍ର ଅତୁଟ ସ୍ନେହ ବନ୍ଧନ ଯୁଗ ଯୁଗ ପାଇଁ ପରମ୍ପରା ପାଲଟି ଯାଇଛି ।

ଏମିତି ଅନେକ ପୌରାଣିକ ତଥା ଐତିହାସିକ ଉପାଖ୍ୟାନ ମାନ ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କକୁ ଆମ ସାମାଜିକ ଚଳନି ଅବା ସଂସ୍କୃତିରେ ପାରମ୍ପରିକ ପର୍ବ ପର୍ବାଣୀ ମାଧ୍ୟମରେ ପ୍ରଖ୍ୟାପନ କରି ଆସୁଛି । ଭଉଣୀ ଭାଇର ଶୁଭ ମନାସି ରାକ୍ଷୀ ବାନ୍ଧିବା ଏବଂ ଭାଇ ନିଜର ସମସ୍ତ ବାଧା ବନ୍ଧନ ଅତିକ୍ରମ କରି ସୁଖ ସୁବିଧା କୁ ଜଳାଞ୍ଜଳି ଦେଇ ଭଉଣୀକୁ ସବୁ କ୍ଷେତ୍ରରେ ସୁରକ୍ଷା ଦେବା ହିଁ ଆମ ସଂସ୍କୃତି ର ପ୍ରଚଳିତ ପରମ୍ପରା । ଏଥିପାଇଁ ସାମାଜିକ କ୍ଷେତ୍ରରେ ସାଂସ୍କୃତିକ ବାର୍ତ୍ତା ବହନ କରୁଥିବା ବହୁ ନାଟକ ଚଳଚ୍ଚିତ୍ର ମାଧ୍ୟମରେ ସଚେତନ କରାଯାଉଥିଲେ ମଧ୍ୟ ଆମ ସଂସ୍କୃତିରେ ଅବକ୍ଷୟ ଦେଖାଯାଉଛି । ଏହା ବିଲକ୍ଷଣ ନିଶ୍ଚୟ । ଭାଇ ଭଉଣୀ ର ପବିତ୍ର ସମ୍ପର୍କର ସୂତ୍ର ଏହି ରାକ୍ଷୀ ପୂର୍ଣ୍ଣିମାର ରକ୍ଷା ବନ୍ଧନ । ସମ୍ପ୍ରସାରିତ ହୋଇଛି ଏହାର ପରିଧି । ଭାଇ ଭଉଣୀ ଭିତରେ ସୀମିତ ନାହିଁ ଆଉ ରାକ୍ଷୀ ବାନ୍ଧିବା । ପତ୍ନୀ ନିଜ ପତି ହାତରେ, ମାଆ ନିଜ ପୁଅ ହାତରେ ରାକ୍ଷୀ ବନ୍ଧୁଛି । ଶାଳୀକା ଭଗ୍ନିପତି ହାତରେ କିମ୍ବା ବାନ୍ଧବୀ ପ୍ରେମିକ ବନ୍ଧୁ ହାତରେ ରାକ୍ଷୀ ବାନ୍ଧିବାର ନଜିର ଦେଖିବାକୁ ବାକି ନାହିଁ ଅଧୁନା । କେଉଁଠି ଅବା ଯୁବତୀ / ମହିଳା ମାନେ ଦପ୍ତର ଅଧିକାରୀ, ପୁରୁଷ କର୍ମଚାରୀ, ସାହି ପଡିଶାରେ ଧର୍ମ ସମ୍ପର୍କୀୟ ତଥାକଥିତ ପରପୁରୁଷଙ୍କୁ ମଧ୍ୟ ରାକ୍ଷୀ ବାନ୍ଧୁଥିବା ପରିଲକ୍ଷିତ ହେଉଛି । ଶିକ୍ଷକ, ଚିକିତ୍ସକ, ପ୍ରଶାସନିକ ଅଧିକାରୀ, କ୍ଷମତାସୀନ ରାଜନେତା ମାନଙ୍କୁ ରାକ୍ଷୀ ପିନ୍ଧାଇବା ଏକ ଲୋକ ଦେଖାଣିଆ ଫ୍ୟାସନ ରେ ପରିଣତ ହୋଇଗଲାଣି । କ୍ରମ ବର୍ଦ୍ଧିଷ୍ଣୁ ଅପସଂସ୍କୃତି ର ପ୍ରଭାବରେ କେତେ ସଂଗଠନ ମଧ୍ୟ ମୁଣ୍ଡ ଟେକିଛି । ନିଜ ମହାନ୍ ସଂସ୍କୃତି କୁ ଉପେକ୍ଷା କରି ତଥାକଥିତ ପରମ୍ପରାର ଦ୍ୱାହିଦେଇ ଯେଉଁ ସବୁ ଘଟଣା ର ସୂତ୍ରପାତ କରାଯାଉଛି, ତାହା କେବେ ଅବାଞ୍ଛିତ ଅଘଟଣ ର କାରଣ ହୋଇଯାଉଛି ।

କେଉଁଠି ଭାଲେଣ୍ଟାଇନ୍ ଦିବସ ର ପ୍ରତୀକ ଉପହାର ପରି ରାକ୍ଷୀ କୁ ବ୍ୟବହାର କରାଯାଉଛି ତ ' କେଉଁଠି ରାକ୍ଷୀ ବାନ୍ଧି ମୋଟା ଅଙ୍କର ଅର୍ଥରାଶି ଅବା ଦାମୀ ପରିଧାନ ଅଳଙ୍କାର ଆଦି ଉପହାର / ଉପଢୌକନ ଆଶା ରହୁଛି । ରାକ୍ଷୀ ବଦଳରେ କେବେ କେଉଁଠି ଦୈହିକ ପ୍ରେମ ପ୍ରତ୍ୟାଶା ଅଥବା କେଉଁ ଉପଭୋଗ୍ୟ ଜାନ୍ତବ ଲାଳସା ଜାଗି ଉଠୁଛି ମନରେ ... ରାକ୍ଷୀ ର ଅସଲ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଛି । ଏଣୁ, ରାକ୍ଷୀ ପୂର୍ଣ୍ଣିମା ରେ ରାକ୍ଷୀ ବାନ୍ଧିବା ଲୋକ ଦେଖାଣିଆ ପ୍ରହସନରେ ପରିଣତ ନହେଉ । ଆମ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମା ର ମହତ୍ତ୍ୱ ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ହେଉ ।

+ସମ୍ପାଦକ,
ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ,
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ଦୂରଭାଷ ନଂ: ୯୯୩୭୫୩୭୯୭୪

# ସ୍ୱାଧୀନତା ଇତିହାସରେ ଏକ ଅଲିଭା ଅଧ୍ୟାୟ : ଅଗଷ୍ଟ କ୍ରାନ୍ତି ଦିବସ

## ଡ଼ଃ.ଅରୁନ୍ଧତୀ ଦେବୀ

ଆଜି ଅଗଷ୍ଟ ୯ ତାରିଖ । ଆଜିର ଦିନକୁ ସମଗ୍ର ଭାରତବର୍ଷରେ 'କ୍ରାନ୍ତି ଦିବସ' ଭାବେ ପାଳନ କରାଯାଏ । ଇଂରେଜମାନଙ୍କ ବିରୋଧରେ ଭାରତର ଶେଷ ଲଢ଼େଇ ଥିଲା ଭାରତ ଛାଡ଼ ଆନ୍ଦୋଳନ । ଦେଶ ମାତୃକାଳକୁ ସ୍ୱାଧୀନ କରିବା ପାଇଁ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ମହାତ୍ମା ଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ । ସେ ଦିନ ମହାତ୍ମା ଗାନ୍ଧୀଙ୍କ 'ଭାରତ ଛାଡ଼' ଆହ୍ୱାନ ଓ 'କର ବା ମର' ମନ୍ତ୍ରରେ ସାରା ଦେଶ ଯେମିତି ଦୀକ୍ଷିତ ହୋଇଯାଇଥିଲା । ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଅନୁପ୍ରାଣିତ କରିଥିଲା ଏହି ଡାକ । ସାରା ଭାରତରେ ବ୍ରିଟିଶ ଶାସନ ବିରୋଧୀ ଆନ୍ଦୋଳନ ନିଆଁ ଚରି ଯାଇଥିଲା । ଅଗଷ୍ଟ ୮ ତାରିଖରେ ବମ୍ବେରେ ଅନୁଷ୍ଠିତ ସର୍ବଭାରତୀୟ କଂଗ୍ରେସ କମିଟି ବୈଠକର ନିଷ୍ପତ୍ତି ଅନୁସାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେଇ ଦିନରୁ ହିଁ ଭାରତର ସ୍ୱାଧୀନତା ପାଇଁ ପଟ୍ଟ ବା ପଥ ପ୍ରସ୍ତୁତ ହୋଇଯାଇଥିଲା । ସେହି ଐତିହାସିକ ଗୋୱାଲିଆ ଟ୍ୟାଙ୍କ ମଇଦାନ ତା ପର ଠାରୁ 'ଅଗଷ୍ଟ କ୍ରାନ୍ତି ମଇଦାନ' ଭାବେ ପରିଚିତ ହେଲା । ଦେଶବାସୀଙ୍କୁ ମହାତ୍ମାଙ୍କ ଐତିହାସିକ ଆହ୍ୱାନ ଥିଲା କର ବା ମର । ଆବାଳ - ବୃଦ୍ଧ - ବନିତା ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଆନ୍ଦୋଳନକୁ ଦମନ କରିବା ପାଇଁ ଇଂରେଜ ସରକାର କଂଗ୍ରେସକୁ ନିଷିଦ୍ଧ କରିଥିଲେ । ବହୁ ସଂଗ୍ରାମୀ ନେତାଙ୍କୁ ଗିରଫ କରାଯାଇଥିଲା । ଉତ୍ତର ପ୍ରଦେଶ, ବିହାର, ବେଙ୍ଗଲ, ବମ୍ବେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତମଲୁକ, ସାତାରା, ଧାରୱାଡ଼, ବାଲେଶ୍ୱର, ତାଳଚେର ଆଦି ସ୍ଥାନରେ ଏହି ଆନ୍ଦୋଳନର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା । ଇଂରେଜ ସରକାର ବିରୋଧରେ ଉତ୍କ୍ଷିପ୍ତ ଲୋକେ ସବୁଠି ବିକ୍ଷୋଭ ଓ ହରତାଳ କରିଥିଲେ । ରେଳ ଷ୍ଟେସନ, ପୁଲିସ ଷ୍ଟେସନ, କୋର୍ଟ କଚେରୀ ଆଦିରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା । ଟେଲିଗ୍ରାଫ ଓ ରେଳ ଧାରଣ ଉପୁଡ଼ାଯାଇଥିଲା । ଶେଷରେ ବ୍ରିଟିସ ସରକାର ଆନ୍ଦୋଳନକୁ ଦମନ କରିବା ପାଇଁ ସେନା ବାହିନୀକୁ ଆଦେଶ ଦେଇଥିଲେ । ସଂଗ୍ରାମୀଙ୍କ ଉପରେ ଆଖିବୁଜା ଗୁଳି ଚାଳନା ଓ ଲାଠି ପ୍ରହାର ହୋଇଥିଲା । ବୃଦ୍ଧ ଓ ଶିଶୁମାନେ ବି ଏଥିରୁ ବାଦ ପଡ଼ିନଥିଲେ । ଶତାଧିକ ନିରୀହ ଲୋକ ପ୍ରାଣ ହରାଇଥିଲେ । ସେହି ବର୍ଷ ଡିସେମ୍ବର ମାସ ସୁଦ୍ଧା ଷାଠିଏ ହଜାରରୁ ଅଧିକ ଲୋକଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା । ଏହି ଆନ୍ଦୋଳନ ବ୍ରିଟିସ ସରକାରକୁ ମୂଳରୁ ଅଗ ପର୍ଯ୍ୟନ୍ତ ଦୋହଲାଇ ଦେଇଥିଲା । ଫଳରେ ଭାରତ ଛାଡ଼ିବା ପାଇଁ ଫିରଙ୍ଗୀ ସରକାର ଚିନ୍ତା କରିଥିଲା । ମହାତ୍ମାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ଆମ ଦେଶର ସ୍ୱାଧୀନତା ଇତିହାସରେ ଏକ ଅଲିଭା ଅଧ୍ୟାୟ ହୋଇରହିଛି ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ଭାରତୀୟ ସଂସ୍କୃତିରେ ରକ୍ଷା ବନ୍ଧନ

## ଡକ୍ଟର ଲକ୍ଷ୍ମଣ ସାହୁ

ସ୍ନେହ, ଶ୍ରଦ୍ଧା, ସମ୍ମାନର ପ୍ରତୀକ ରକ୍ଷା ବନ୍ଧନ ସମଗ୍ର ଭାରତବର୍ଷର ଏକ ସମୃଦ୍ଧ ଉତ୍ସବ । ' ବସୁଧୈବ କୁଟୁମ୍ବକମ୍ ' ଆଦର୍ଶ ଏହାର ମୂଳମନ୍ତ୍ର । ତେଣୁ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବେ ବିଶ୍ୱାସ କରୁଥିବା ଭାରତୀୟ ସଂସ୍କୃତିରେ ରକ୍ଷାବନ୍ଧନ ପର୍ବର ଗୁରୁତ୍ୱ ବେଶ୍ ପ୍ରଭାବଶାଳୀ । ଏହା ରକ୍ଷା ବନ୍ଧନ ବନାମ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା । ଏହାକୁ ମଧ୍ୟ ପବିତ୍ର ଦେବୀ ପୂର୍ଣ୍ଣିମା କୁହାଯାଏ । ମୁଖ୍ୟତଃ ଏହା ଏକ ଜନପ୍ରିୟ ପାରମ୍ପରିକ ହିନ୍ଦୁ ପର୍ବ । ଯାହା ଭାରତୀୟଙ୍କ ଦ୍ୱାରା ପାଳିତ ହୋଇଆସୁଛି ।

ଶ୍ରାବଣ ପୂର୍ଣ୍ଣିମାର ଶୁଭ ଅବସରରେ ପାଳିତ ହେଉଥିବା ଏହି ଉତ୍ସବଟି କେବଳ ଭାଇ-ଭଉଣୀର ପବିତ୍ର ସ୍ନେହର ବନ୍ଧନ ନୁହେଁ ବରଂ ଦୁଇଟି ଆତ୍ମା, ଦୁଇଟି ହୃଦୟ ଓ ଦୁଇଟି ପ୍ରାଣ ମଧ୍ୟରେ ପରସ୍ପର ପ୍ରତି ଘନିଷ୍ଠତା ଆବେଗ ଓ ସମ୍ମାନର ପ୍ରତୀକ । ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ଥିବା ସଂପର୍କକୁ ସୁଦୃଢ଼ କରିଥାଏ । ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ । ପ୍ରତି ବଦଳରେ ଭାଇ ତା'ର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ ଓ ଏହି ଅବସରରେ ଭଉଣୀକୁ ମଧ୍ୟ ମନଲାଖି ଉପହାର ଦେଇଥାଏ । ଉପହାର ପାଇ ଭଉଣୀ ବେଶ ଖୁସିହୁଏ । ଅନ୍ୟପଟେ ଦୂରରେ ଥିବା ଭାଇ ପାଇଁ ଭଉଣି ରାକ୍ଷୀ ପଠାଇ ମଙ୍ଗଳ କାମନା କରେ । ସାରା ଦେଶରେ ଏହି ପର୍ବକୁ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଇଥାଏ । କେବଳ ଘରେ ନୁହେଁ, ମନ୍ଦିର ଗୁଡ଼ିକରେ ମଧ୍ୟ ଏହି ପର୍ବ ପାଳନ କରାଯାଇଥାଏ । ବିଶେଷ କରି ଶ୍ରୀମନ୍ଦିରରେ ଏହି ପର୍ବ ମଧ୍ୟ ପାଳନ କରାଯାଉଛି । ଭଉଣୀ ସୁଭଦ୍ରା ବଳଭଦ୍ର ଓ ଜଗନ୍ନାଥଙ୍କ ହାତରେ ରାକ୍ଷୀ ବାନ୍ଧିଥାନ୍ତି । ଏଥିପାଇଁ ପାଟରା ବିଶୋଇ ସେବାୟତ ପ୍ରସ୍ତୁତ କରିଥାନ୍ତି ସ୍ୱତନ୍ତ୍ର ପାଟରାକ୍ଷୀ ଓ ଗୁଆମାଳ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବାସୁଙ୍ଗା ପାଟରେ ତିଆରି ହୋଇଥାଏ ୪ଟି ରଙ୍ଗର ରାକ୍ଷୀ । ଏହି ୪ଟି ରାକ୍ଷୀ ସହିତ ୫୪ଟି ଲେଖାଏଁ ଗୁଆରେ ୪ଟି ଗୁଆମାଳ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଜଗନ୍ନାଥଙ୍କୁ ହଳଦିଆ, ନାଲିରଙ୍ଗର ରାକ୍ଷୀ ଓ ଗୁଆମାଳ ଲାଗି କରାଯାଏ । ସେହିପରି ବଳଭଦ୍ରଙ୍କୁ ନେଳି ଓ ବାଇଗଣି ରଙ୍ଗର ରାକ୍ଷୀ ଓ ଗୁଆମାଳ ଲାଗି କରାହୁଏ ।

ଏହି ପର୍ବକୁ ବଳଭଦ୍ରଙ୍କ ଜନ୍ମ ଦିବସ କୁହାଯାଇଥାଏ । ତେଣୁ ଏହି ଦିନରେ ପାଳନ କରାଯାଉଥିବା ଅନ୍ୟାନ୍ୟ ପର୍ବ ପର୍ବାଣି ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ଗ୍ରହଣ କରାଯାଏ । ହଳମୂଷଳ ଧାରଣ କରିଥିବା ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯାଏ । ସେମାନଙ୍କୁ ସକାଳୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିବା ଓ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି । ବ୍ରାହ୍ମଣମାନେ ଏହି ଦିନ ମନ୍ତୁରା ପଇତା ମଧ୍ୟ ପ୍ରଦାନ କରିଥାନ୍ତି । ସେହି ପଇତା ପିନ୍ଧିଲେ ବ୍ରହ୍ମରାକ୍ଷସ କବଳରୁ ମୁକ୍ତି ମିଳେ ବୋଲି ମଧ୍ୟ ବିଶ୍ୱାସ ରହିଛି । ଏହି ଦିନ ସବୁ ପାଳିତ ପଶୁ ଗାଈ, ଗୋରୁ ଆଦିଙ୍କୁ ସଜାଯାଇ ପୂଜା କରାଯାଏ । ଘରେ ବିଭିନ୍ନ ପ୍ରକାରର ପିଠା ଓ ମିଠା ତିଆରି କରାହୁଏ । ପରିବାର ଓ ବନ୍ଧୁ ବାନ୍ଧବମାନଙ୍କ ମଧ୍ୟରେ ବଣ୍ଟାଯାଏ । ଅପରପକ୍ଷରେ ଦ୍ୱାପରରେ କୃଷ୍ଣଙ୍କ ବଡ଼ ଭାଇ ଭଗବାନ ବଳରାମ ଏହି ଦିନ ଅବତୀର୍ଣ୍ଣ ହୋଇଥିବାରୁ ଦିନଟିକୁ ବଳରାମ ଜୟନ୍ତୀ ରୂପେ ମଧ୍ୟ ପାଳନ କରାଯାଏ ।

ଧାର୍ମିକ ଦୃଷ୍ଟିକୋଣରୁ ଏହି ପର୍ବ ପାଳନ କରିବା ପଛରେ ରହିଛି ପୌରାଣିକ ତଥ୍ୟ । ମହାଭରତର ମୁଖ୍ୟ ଚରିତ୍ରଙ୍କ ମଧ୍ୟରୁ ଦ୍ରୌପଦୀ ଅନ୍ୟତମ । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତସ୍ରାବ ବନ୍ଦ ହେଇଯାଇଥିଲା । ଦ୍ରୌପଦୀଙ୍କ ଠାରୁ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ପାଇଥିଲେ । ଯାହା ଫଳରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସକଳ ବିପଦରୁ ରକ୍ଷା କରିବେ ବୋଲି କଥା ଦେଇଥିଲେ । ଯେତେବେଳେ କୁରୁସଭାରେ କୌରବମାନେ ଦ୍ରୌପଦୀଙ୍କୁ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ । ସେହି ଦିନ ଠାରୁ ଏହି ପର୍ବ ପାଳିତ ହୋଇ ଆସୁଛି ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ରହିଛି ।

ସେଭଳି ଅନ୍ୟ ଏକ ପୌରାଣିକ ଘଟଣା ଯୋଡ଼ି ହୋଇ ରହିଛି । ଯାହା ଆମ ବିଶ୍ୱାସ ଓ ସଂକଳ୍ପକୁ ଶକ୍ତ କରିପାରିଛି । ମହାଭାରତରେ ଦାନବରାଜ ବଳି ଓ ବିଷ୍ଣୁଙ୍କୁ ନେଇ ଆଧାତ୍ମିକ ଅଧ୍ୟାୟର ଏକ ଅଂଶଭାବେ ସ୍ୱିକୃତ । ବାମନ ଅବତାରରେ ଭଗବାନ ବିଷ୍ଣୁ ଦାନବରାଜ ବଳିକୁ ତିନିପାଦ ଭୂମି ମାଗିବା ପରେ ଦାନବୀର ବଳି ନିଜ ସଂଙ୍କଳ୍ପ ରକ୍ଷା ସ୍ୱରୂପ ତିନିପାଦ ଭୂମି ଦାନ କରିଥିଲେ । ଫଳତଃ ଭଗବାନ ଆକାଶ - ପାତାଳ ଓ ଧରିତ୍ରୀକୁ ତିନିପାଦ କରିବା ସହ ରାଜା ବଳିକୁ ରସାତଳ ପାତାଳକୁ ଚାପି ଦେଇଥିଲେ । କିନ୍ତୁ ଏହାର ପ୍ରତିବଦଳରେ ବଳି ଭକ୍ତିର ପରାକାଷ୍ଠା ଯୋଗୁଁ ସବୁସମୟରେ ବଳି ସାମ୍ନାରେ ରହିବା ପାଇଁ ଭଗବାନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏହା ମା' ଲକ୍ଷ୍ମୀଙ୍କୁ ଚିନ୍ତାରେ ପକାଇଲା । ତେଣୁ ନାରଦଙ୍କ କଥାନୁସାରେ ମା' ଲକ୍ଷ୍ମୀ ବଳି ପାଖକୁ ଯାଇ ରକ୍ଷା ବନ୍ଧନ କରି ତାକୁ ନିଜ ଭାଇ ଭାବେ ଗ୍ରହଣ କରିବା ସହ ଭଗବାନ ବିଷ୍ଣୁଙ୍କୁ ନିଜ ସଂଗରେ ଧରି ଫେରିଥିଲେ । ବିଶ୍ୱାସ ଅନୁସାରେ ସେହି ଦିନଠାରୁ ରକ୍ଷା ବନ୍ଧନ ପର୍ବ ପାଳିତ ହୋଇ ଆସୁଅଛି ।

ପୌରାଣିକ ଆଖ୍ୟାନ କ୍ରମେ ଦେବତା ଓ ଦାନବ ମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ ଦାନବମାନେ ଦେବତାଙ୍କୁ ପରାସ୍ତ କରୁଥିବାର ଦେଖି ଇନ୍ଦ୍ରଙ୍କ ପତ୍ନୀ ଇନ୍ଦ୍ରାଣୀ ଭଗବାନଙ୍କ ଆରାଧନା କରିଥିଲେ । ଫଳତଃ ଭଗବାନ ଏକ ମନ୍ତ୍ରଯୁକ୍ତ ସୂତା ଇନ୍ଦ୍ରାଣୀଙ୍କୁ ପ୍ରଦାନ କରିବାପରେ ସେଇ ସୂତାକୁ ଇନ୍ଦ୍ରାଣୀ ନେଇ ଇନ୍ଦ୍ରଙ୍କ ହାତରେ ବାନ୍ଧି ଦେଇଥିଲେ । ଫଳତଃ ସେହି ଯୁଦ୍ଧରେ ଇନ୍ଦ୍ର ବିଜୟୀ ହୋଇଥିଲେ । ରକ୍ଷା-ବନ୍ଧନକୁ ନେଇ ମହାଭାରତରେ ମଧ୍ୟ ଏକ ରୋଚକ ପ୍ରସଙ୍ଗ ରହିଛି । ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ଧର୍ମରାଜ ଯୁଧିଷ୍ଠିର ନିଜର ସମସ୍ତ ସୈନ୍ୟମାନଙ୍କ ହାତରେ ରକ୍ଷା-ସୂତା ବାନ୍ଧିଥିଲେ ।

ପୁରାଣ ଓ ଇତିହାସରେ ରକ୍ଷାବନ୍ଧନର ଅନେକ ଘଟଣା ରହିଛି । ପୁରାଣରେ ଅସୁର ରାଜା ବଳିଙ୍କ ଠାରୁ ଇତିହାସରେ ମୋଗଲ ସମ୍ରାଟ ହୁମାୟୁନଙ୍କ ପର୍ଯ୍ୟନ୍ତ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି । ତେଣୁ ବିଚାର ଦୃଷ୍ଟିରୁ ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ । ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି ମୂଳକ



ଧରାଯାଇପାରେ । ତଥାପି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ କେବେ ପଛଘୁଞ୍ଚା ଦେଇନାହିଁ , ତାହାହିଁ ପ୍ରମାଣିତ ହୋଇଛି ।

ପ୍ରଥମ ଘଟଣାଟି ହେଉଛି ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର ଐତିହାସିକ ଗାଥା । ମାସିଡୋନିଆର ସମ୍ରାଟ ଆଲେକଜାଣ୍ଡାର ଭାରତ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବା ବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହେଇଥିଲେ । ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡାର ପରାସ୍ତ ହେଲେ । ସେତେବେଳେ ଆଲେକଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିଥିଲେ । ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରି ନିଜର ନୈତିକ କର୍ତ୍ତବ୍ୟ କରିଥିଲେ । ସେହିପରି ଦ୍ୱିତୀୟ ଘଟଣାଟି ହେଉଛି ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ । ମଧ୍ୟ ଯୁଗର ରାଜପୁତ ଯୋଦ୍ଧମାନେ ପରାକ୍ରମୀ ଥିଲେ । ସେମାନେ କୌଣସି ଆକ୍ରମଣକାରୀ ସତ ପ୍ରାଣ ଦେଇ ଲଢୁଥିଲେ । ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବା ପରେ ଯେତେବେଳେ ଅନୁଭବ କଲେ ଯେ, ସୁଲତାନ ବାହାଦୁରଶାହାଙ୍କୁ ସହଜରେ ପ୍ରତିହତ କରାଯାଇପାରିବ ନାହିଁ, ସେତେବେଳେ ସେ ଉପାୟ ଚିନ୍ତାକଲେ । ସେ ତୁରନ୍ତ ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଗୋଟିଏ ରାକ୍ଷୀ ପଠେଇ ଦେଲେ । ହୁମାୟୁନ ମଧ୍ୟ ଏହାକୁ ଆଗ୍ରହ ସହକାରେ ଭଉଣୀର ସ୍ନେହ ଉପହାର ମନେ କରି ଚିତୋରର ସୁରକ୍ଷାପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ । ଅପରପକ୍ଷରେ ଏହା ହିନ୍ଦୁ ଓ ମୁସଲମାନମାନଙ୍କ ଭାବନାତ୍ମକ ଏକତାର ଏବେ ଏକ ଅବିସ୍ମରଣୀୟ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ ।

ସତରେ ଭାଇ-ଭଉଣୀର ଏଭଳି ନିବିଡ଼ ସମ୍ପର୍କକୁ ନେଇ ଅନେକ ନାଟକ ଓ କଥାଚିତ୍ର ପ୍ରସ୍ତୁତ ହେଇଛି । ଭଉଣୀର ସୁରକ୍ଷା ପାଇଁ ଭାଇ ନିଜର ସୁଖ ସୁବିଧା ମଧ୍ୟ ଭୁଲିଯାଏ । ଉଭୟ ଓଡ଼ିଆ ଓ ହିନ୍ଦୀ ସିନେମାରେ ଏଭଳି ଦୃଶ୍ୟ ରହିଛି । କେତେକ ସିନେମାରେ ରାକ୍ଷୀ ମାଧ୍ୟରେ ଏହି ଆବେଗ ଓ ତ୍ୟାଗର ଦୃଶ୍ୟ ଦର୍ଶକମାନେ ଉପଭୋଗ କରିଛନ୍ତି । ଏମିତି କିଛି ସିନେମା ଆଉ ରାକ୍ଷୀ ଗୀତ ହେଲା – ଓଡ଼ିଆରେ ଚକା ଆଖି ସବୁ ଦେଖୁଛିରେ ରାକ୍ଷୀରେ ରାକ୍ଷୀ ତୁ ରହିଲୁ ସାକ୍ଷୀ, ରାକ୍ଷୀ ବାନ୍ଧିଲି ମୋ ରଖିବ ମାନର ଶୀର୍ଷକ ଗୀତ ଓ ରାକ୍ଷୀ ଭିଜିଗଲା ଆଖି ଲୁହରେର ଶୀର୍ଷକ ଗୀତ । ହିନ୍ଦୀ ସିନେମା କାଜଲରେ ମେରେ ଭୈୟା ମେରେ ଚନ୍ଦା, ଅନପଢ଼ରେ ରଙ୍ଗ ବିରଙ୍ଗ ରାକ୍ଷୀ ଲୋକେ, ବେଇମାନରେ ୟେ ରାକ୍ଷୀ ବନ୍ଧନ ହେଁ ଐସା ଓ ରେଶମ କି ଡୋରୀରେ ବହେନ୍ ନେ ଭାଇ କି କଲାଇ ସେ ପରି ଅନେକ ଗୀତ ଅଦ୍ୟାବଧି ଅଭୁଲା ରହିଛି ।

ଏହି ପର୍ବ କେବଳ ଓଡ଼ିଶା ରେ ନୁହେଁ ଭାରତ ଅନ୍ୟ ରାଜ୍ୟମାନଙ୍କରେ ଭିନ୍ନ ରୀତିରେ ପାଳିତ ହୋଇଥାଏ । ତନ୍ମଧ୍ୟରୁ ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ନାରିକେଳ ପୂର୍ଣ୍ଣିମା ଭାବେ ପାଳିତ ହେଇଥାଏ । ଏହି ଦିନ ସମୁଦ୍ର ଦେବତା ବରୁଣଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରାଯାଇଥାଏ । ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷ କରି ଯେଉଁମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରିଥାନ୍ତି ସେମାନଙ୍କ ପାଇଁ ଏହି ପର୍ବ ଯଥେଷ୍ଟ ମହତ୍ତ୍ୱ ରଖେ । ଶ୍ରାବଣର ପ୍ରତି ସୋମବାର ଶିବ ମନ୍ଦିରରେ ଜଳଲାଗି ସହ ପୂର୍ଣ୍ଣିମାରେ ଏହି ପର୍ବ ମହା ଆଡ଼ମ୍ବର ସହିତ ପାଳିତ ହେଇଥାଏ । ଉତ୍ତରଭାରତରେ ଏହି ପର୍ବ କାଜରି ପୂର୍ଣ୍ଣିମା ଭାବେ ଜଣାଶୁଣା । ଭଲ ଫସଲ ଉତ୍ପାଦନ ପାଇଁ ଏହି ଦିନ ଦେବୀଙ୍କୁ ପୂଜା କରାଯାଇଥାଏ । ତେବେ ଏହା ସବୁ ସ୍ଥାନରେ ନୁହେଁ , କିଛି ସ୍ଥାନରେ ପାଳନ କରାଯାଇଥାଏ । ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ଏହା ପାଳିତ ହୋଇଥାଏ । ତେବେ ଦକ୍ଷିଣ ଭାରତରେ ଏହି ତିଥିକୁ ଅବନୀ ନାଁରେ ପାଳନ କରାଯାଇଥାଏ । ଏହାକୁ ଓଡ଼ିଶାର ବ୍ରାହ୍ମଣଶାସନରେ ଶ୍ରାବଣୀ ବେଦଉପାକର୍ମ ମଧ୍ୟ କୁହାଯାଏ । ବ୍ରାହ୍ମଣମାନେ ଏହିଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି । ବ୍ରାହ୍ମଣଙ୍କ ଦ୍ୱାରା କରାଯାଉଥିବା ଉତ୍ସବକୁ ବ୍ରହ୍ମ ଯଜ୍ଞ ମଧ୍ୟ କୁହାଯାଏ ।

ବାସ୍ତବରେ ଭାରତୀୟ ସଂସ୍କୃତିରେ ସଂରକ୍ଷଣର ଏହି ରକ୍ଷା ବନ୍ଧନ ହେଉଛି ଭାଇ ଓ ଭଉଣୀଙ୍କ ମଧ୍ୟରେ ଅବିସ୍ମରଣୀୟ ପ୍ରେମ ଓ ଅଦୃଶ୍ୟ ସ୍ନେହର ଏକ ପବିତ୍ର ବନ୍ଧନ । ସଂପ୍ରତି ଭାରତରେ ଏହା ଏକ ଗଣପର୍ବ ଭାବେ ପରିଗଣିତ ହୋଇ ଯାଇଛି...!!!

+ଅଧକ୍ଷ, ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ:୪ ,
ସଂପର୍କ: ୯୦୪୦ ୧୫୧୪୭୫

# ଗଙ୍ଗାଧର ସ୍ମୃତି ଭବନ : ସ୍ୱର୍ଗଚ୍ୟୁତ ନନ୍ଦନବନ



ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଗଙ୍ଗାଧର ସ୍ମୃତି ଭବନର ନିର୍ମାଣ ହେଲା ଯେପରି, ଆଶା ଓ ଉତ୍ସାହର ସହିତ ତାହା ହିଁ ଉକ୍ତ ପରିସରରେ ସୃଷ୍ଟିକଲା ଏକ ସ୍ୱର୍ଗୀୟ ସୌନ୍ଦର୍ଯ୍ୟ । ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ତତ୍‌କାଳୀନ ସମ୍ବଲପୁର ଡେପୁଟି କମିଶନର ଶ୍ରୀଯୁକ୍ତ ନୀଳମଣି ସେନାପତି (ICS) ଓ ନିର୍ମାଣ କାର୍ଯ୍ୟ ସମାପ୍ତ ହେବାପରେ ଏହାର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଥିଲା ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ତଥା ଦୈନିକ ସମାଜର ସମ୍ପାଦକ ଶ୍ରୀଯୁକ୍ତ ରାଧାନାଥ ରଥଙ୍କ ଦ୍ୱାରା । ସ୍ମୃତିଭବନଟି ଯେଉଁ ଶୈଳୀରେ ନିର୍ମିତ ହୋଇଥିଲା ତାହା ଥିଲା ସ୍ୱତନ୍ତ୍ର ଆକର୍ଷଣର କେନ୍ଦ୍ରବିନ୍ଦୁ । ସେ ସମୟରେ ବରପାଲିରେ ସେବାକାର୍ଯ୍ୟ କରୁଥିବା ଆମେରିକାନ୍ ଫ୍ରେଣ୍ଡସ୍ ସୋସାଇଟିର ବିଶିଷ୍ଟ ଡାକ୍ତରମାନଙ୍କ ଯୋଜନା ଅନୁଯାୟୀ ନିର୍ମିତ ହୋଇଥିଲା ଏହି ସ୍ୱତନ୍ତ୍ର ସଭାଗୃହ । ନିର୍ମାଣର ଦାୟିତ୍ୱ ବହନ କରିଥିଲେ ଯିଏ ସେ ହେଉଛନ୍ତି ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ବଳିଷ୍ଠ ପ୍ରଧାନ । ସ୍ମୃତିଭବନ ବାମପାର୍ଶ୍ୱରେ ପରିଶୋଭିତ ହେଉଥିଲା ଗଙ୍ଗାଧରଙ୍କ ପ୍ରଥମ ଆବକ୍ଷ ମାର୍ବଲ ପ୍ରତିମୂର୍ତ୍ତି । ସ୍ମୃତିଭବନ ସମ୍ମୁଖସ୍ଥ ସ୍ଥାନ ରହିଥିଲା ଏପରି ସୁପ୍ରଶସ୍ତ ଯେ ସେଠାରେ ଗଢ଼ିଉଠିଲା ଶିଶୁମାନଙ୍କ ସକାଶେ ଏକ ସୁଦୃଶ୍ୟ ପାର୍କ । ଏହି ପରିସରର ଚତୁର୍ଦ୍ଦିଗରେ ହସିଉଠିଲେ ଅସଂଖ୍ୟ କୃଷ୍ଣଚୂଡ଼ା । ସମଗ୍ର ଭୂମିଟି ସବୁଜ ଦୂବଘାସରେ ହୋଇଥଲା ଆଚ୍ଛାଦିତ । ବରପାଲିର ଯେକୌଣସି ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସେଠାରେ ହିଁ ହେଲା ଆୟୋଜିତ ଓ ଗଙ୍ଗାଧର ଜୟନ୍ତୀ ଓ ଗଙ୍ଗାଧରଙ୍କ ଶ୍ରାଦ୍ଧ ସଭା ଯେଉଁ ନୀରବ ଗମ୍ଭୀର ଓ ଭାବସ୍ନିଗ୍ଧ ପରିବେଶରେ ଅନୁଷ୍ଠିତ ହେଉଥିଲା ତାହାହିଁ ସେହି ଅଞ୍ଚଳକୁ ପରିଣତ କରି ଦେଇଥିଲା ଏକଦର୍ଶନୀୟ ତୀର୍ଥ କ୍ଷେତ୍ରରେ ।

ସ୍ୱଭାବକବିଙ୍କ ଜନ୍ମ ଶତବାର୍ଷିକୀ ୧୯୬୨ ମସିହାରେ ସପ୍ତାହ-ବ୍ୟାପୀ ଯେପରି ଅଦ୍ଭୁତ ଉତ୍ସାହର ସହିତ ପାଳନ କରାଗଲା ଓ ଓଡ଼ିଶାର ବିଶିଷ୍ଟ କବି ଲେଖକ, ସଂପାଦକମାନଙ୍କ ଶୁଭାଗମନରେ ତାହା ଯେଭଳି ଭାବୋଚ୍ଛଳ ହୋଇଉଠିଲା ତାହାର ତୁଳନା ସମ୍ଭବ କେବଳ ପଶ୍ଚିମବଙ୍ଗର ରବୀନ୍ଦ୍ର ଜୟନ୍ତୀ ସହିତ । ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ଆବିର୍ଭାବ ୧୮୬୧ ମସିହାରେ। ଗଙ୍ଗାଧରଙ୍କ ଧରାବତରଣ ୧୮୬୨। ମାତ୍ର ଗୋଟିଏ ବର୍ଷର ବ୍ୟବଧାନ ଉଭୟଙ୍କ ଜନ୍ମକାଳର । ୧୯୬୧ ମସିହାରେ ପଶ୍ଚିମବଙ୍ଗ ସମେତ ସମଗ୍ର ଭାରତବର୍ଷରେ ରବୀନ୍ଦ୍ରନାଥଙ୍କ ଜନ୍ମ ଶତବାର୍ଷିକୀ ଯେଭଳି ପାଳନ କରାଗଲା ଅପୂର୍ବ ରୀତିରେ ତାହା ହିଁ ଓଡ଼ିଶାବାସୀଙ୍କୁ ଉଦ୍‌ବୁଦ୍ଧ କଲା ଠିକ୍ ସେହିପରି ଆନ୍ତରିକତା ସହକାରେ ଗଙ୍ଗାଧର ଜନ୍ମ ଶତବାର୍ଷିକୀ ପାଳନ କରିବା ନିମନ୍ତେ । କବିଙ୍କ ଜନ୍ମଭୂମି ବରପାଲିରେ ନବନିର୍ମିତ ଗଙ୍ଗାଧର ସ୍ମୃତିଭବନ ସତେ ଯେମିତି ଅପେକ୍ଷା କରି ରହିଥିଲା ଉତ୍କଣ୍ଠିତ ଚିତ୍ତରେ। ଅଗଷ୍ଟ ୯ ତାରିଖ ଦିନ ଆରମ୍ଭ ହୁଏ ଜୟନ୍ତୀ । ସମାପ୍ତ ହୁଏ ଶ୍ରାବଣ ପୂର୍ଣ୍ଣିମା ତିଥିରେ । ଆକଶ ସାରା ଶ୍ରାବଣ ମାସର ଅଗଣିତ ମେଘମାଳା। ଯେକୌଣସି ସମୟରେ ଅସରା ଅସରା ମୂଷଳଧାରା ପରିପ୍ଲାବିତ କରି ଦେଉଥାଏ ସମଗ୍ର ଅଞ୍ଚଳଟିକୁ । ମାତ୍ର ଆଶ୍ଚର୍ଯ୍ୟର କଥା ଯେ, ପ୍ରକୃତିର ଏହି ସ୍ୱାଭାବିକ ରୂପ ମାଧୁର୍ଯ୍ୟ ମଧ ସତେ ଯେମିତି ପ୍ରକୃତି କବିଙ୍କ ପ୍ରତି ଥିଲା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଯେତେ ବର୍ଷା ହେଉ, ହାବୁକା ହାବୁକା ପବନରେ ଦେହ ଯେତିକି ଶୀତେଇ ଉଠୁଥାଉ ନା କାହିଁକି ବରପାଲି ଓ ତା'ର ପାର୍ଶ୍ୱବର୍ତୀ ଗ୍ରାମ ସବୁରୁ ସୁଶିକ୍ଷିତ ମାର୍ଜିତ ଭଦ୍ରବ୍ୟକ୍ତି ମାତ୍ରକେ ଯଥା ସମୟରେ ପହଞ୍ଚି ଯାଆନ୍ତି ସ୍ମୃତି ଭବନରେ ଓଦା ହୋଇଯାଇ । ସତେ ଯେମିତି ଶ୍ରାବଣୀ କନ୍ୟାର ଏହା ହେଉଛି ମୃଦୁ ମଧୁର ସ୍ନେହସିକ୍ତ ସ୍ପର୍ଶ - ଏହି ଭାବନା ଅଜ୍ଞାତରେ ସୁଦ୍ଧା ପ୍ରତ୍ୟେକଙ୍କ ହୃଦୟକୁ ଉତ୍‌ଫୁଲିତ କରି ରଖୁଥାଏ । ସେ ସମୟରେ ନା ଥିଲା ସ୍କୁଟର, ବାଇକ୍ ଅଥବା ଚାରିଚକିଆ ଯାନ ! ସମସ୍ତେ ଆସନ୍ତି ନିଜ ନିଜ ସାଇକେଲରେ । ପୁଣି ଅନେକ ଆଗ୍ରହୀ ଯୁବକ ଆନନ୍ଦ ଲାଭ କରନ୍ତି ପଦବ୍ରଜରେ ଯାତ୍ରା କରିବା ନିମିତ୍ତ। ଏହି ଚାଲିବା, ସାଇକେଲ ଚଢ଼ିବା, ବର୍ଷାରେ ଭିଜିବା ଓ ଗଙ୍ଗାଧର ଜୟନ୍ତୀରେ ଯୋଗଦେବା – ସବୁକିଛି ହେଉଛି ସେହି ଗୋଟିଏ ହିଁ ମହାନ କାର୍ଯ୍ୟକ୍ରମର ଏକ ଏକ ଅଂଶ । ଓଡ଼ିଶାର ବିଶିଷ୍ଟ ରାଜାନୀତିଜ୍ଞ, ପ୍ରଶାସକ, ମନ୍ତ୍ରୀ, ଲେଖକ, କବି ବରପାଲିକୁ ପହଞ୍ଚି ଲୋକ ସମାବେଶ ଦେଖି ହୋଇଯାଆନ୍ତି ଅଭିଭୂତ ।

ଜନ୍ମ ଶତବାର୍ଷିକୀ ନିର୍ଦ୍ଦିଷ୍ଟ ତିଥ୍ୟରେ ଉଦ୍‌ଯାପିତ ହୋଇଗଲା ସିନା; କିନ୍ତୁ ଗଙ୍ଗାଧରଙ୍କୁ କେନ୍ଦ୍ରକରି ସେହି ସ୍ମୃତିଭବନରେ ହିଁ ଯେପରି ଗଢ଼ି ଉଠୁଥିଲା ଏକ ମହାନ ସଂସ୍କୃତି ଯାହାର ନାମକରଣ କରାଯାଇପାରେ 'ଗଙ୍ଗାଧରୀୟ ସଂସ୍କୃତି' । ଏ ପରିସର ବର୍ଷସାରା ବିଭିନ୍ନ ସଭା, ସମିତି, ପ୍ରଦର୍ଶନୀ, ନାଟକ, ଅଭିନୟ ଆଦି କାର୍ଯ୍ୟକ୍ରମରେ ରହୁଥିଲା ଚଳଚଞ୍ଚଳ । ପ୍ରତିଦିନ ସ୍କୁଲ ଛୁଟି ହୋଇଯିବା ପରେ ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ପଞ୍ଚମ, ଷଷ୍ଠ, ସପ୍ତମ ଶ୍ରେଣୀରେ ପଢୁଥିବା କୁନି ବାଳକବାଳିକାଙ୍କ କ୍ରୀଡ଼ା କ୍ଷେତ୍ରରେ ତାହା ଉତ୍ସବମୟ ହୋଇଯାଉଥିଲା । କିଏ କୃଷ୍ଣଚୂଡ଼ା ଫୁଲ ଆଉ କିଏ ଶିଶୁ ମୁଖମଣ୍ଡଳ ତାହା ସ୍ୱତନ୍ତ୍ର ଭାବରେ ଚିହ୍ନଟ କରିବା ନଥିଲା ସମ୍ଭବ । କେତେ ଜାତିର ବିଚିତ୍ର ପ୍ରଜାପତି ଘୂରି ବୁଲୁଥାନ୍ତି ସେଠି । କେତେ କଙ୍କି ଉଡ଼ିବୁଲନ୍ତି ପିଲାଙ୍କ ସହିତ ଲୁଚକାଳି ଖେଳି । ପ୍ରତିଟି ଦୂବଘାସ ସତେଜରୁ ଅଧିକ ସୁନ୍ଦର ଦେଖାଯାଉଥାନ୍ତି । ପକ୍ଷୀମାନଙ୍କ ବିଭିନ୍ନ ରଙ୍ଗର ପୋଷାକ ପରିଧାନ ମନେ ହେଉଥାଏ ସତେକି ସେମାନେ ସମସ୍ତେ ଊର୍ଦ୍ଧ୍ୱ ଜଗତରୁ ଓହ୍ଲାଇ ଆସିଛନ୍ତି ଆକାଶ ପରୀ ପରି । ଆକାଶରେ ସୂର୍ଯ୍ୟକିରଣ ଆଉ ଉତ୍ତପ୍ତ ଉଷ୍ମତା ଢାଳି ଦେଉନଥାନ୍ତି । ପଶ୍ଚିମରେ ତାଙ୍କ ଅସ୍ତଭାଗର ଲାଲିମା ଧରି ରଖଥାନ୍ତି ପୁଳାଏ ପୁଳାଏ ମେଘଖଣ୍ଡ । ନୀଳ ଆକାଶ ବକ୍ଷରେ ଉଙ୍କି ମାରନ୍ତି ଗୋଟିକ ପରେ ଗୋଟିଏ ଉଜ୍ଜ୍ୱଳ ତାରକା । ଠିକ୍ ଏହି ସମୟରେ ଶିଶୁମାନଙ୍କ କଳରବ ହୋଇଆସେ ନୀରବ । କିଛି ମୁହୂର୍ତ୍ତ ମଧ୍ୟରେ ସେମାନେ ଅନ୍ତର୍ହିତ ହୋଇଯାଆନ୍ତି ରାତିର ଅନ୍ଧକାର ଆଚ୍ଛନ୍ନ କରିବା ପୂର୍ବରୁ । ଲାଗେ, ସତେ ଯେମିତି ଏହି ଶିଶୁମାନେ ହୋଇଯାଇଛନ୍ତି ଆକଶମୁଖୀ । ସେମାନେ ହିଁ ସନ୍ଧ୍ୟା ଉତ୍ତୀର୍ଣ୍ଣ ହେବା ଅନ୍ତେ ଅଗଣିତ ତାରା ଫୁଲ ହୋଇ ଫୁଟିଉଠନ୍ତି । ସେମାନଙ୍କ ଜ୍ୟୋତି ସ୍ପର୍ଶ କରେ ସ୍ମୃତିଭବନ ପରିସରକୁ ବୈଜ୍ଞାନିକମାନଙ୍କ ଆଲୋକବର୍ଷ ଗଣନାକୁ ଭୃକ୍ଷେପ ନକରି । ନୀରବତାର ରାଜୁତି ମଧ୍ୟରେ ବି ସେହି ପରିସରରେ ଯଦି କିଏ ସଦା ଜାଗ୍ରତ ରହିଥାନ୍ତି ସେ ହେଉଛନ୍ତି ସ୍ୱୟଂ ଗଙ୍ଗାଧରଙ୍କ ଆବକ୍ଷ ପ୍ରତିମୂର୍ତ୍ତି । ଅର୍ଥାତ୍ କବିଙ୍କ ତାହା ହିଁ ହେଉଛି ଜୀବନ୍ତ ଉପସ୍ଥିତି।

ସମଗ୍ର ରାତ୍ରିକାଳୀନ ପରିବେଶ ଯଦି କାହା ପାଇଁ ହୋଇଉଠୁଥାଏ ଆହ୍ଲାଦମୟ ସେ ହେଉଛନ୍ତି ଚିରଜାଗ୍ରତ ପ୍ରକୃତକବି । ଆମେ ସାଧାରଣ ଦେହଧାରୀ ମଣିଷ ଦେଖିପାରିବା ନାହିଁ ସେହି ଅଦୃଶ୍ୟ ଜଗତକୁ ଯେଉଁଠି ଘାସଫୁଲମାନଙ୍କ ସହିତ ଗଙ୍ଗାଧର ଆଳାପ କରୁଥାନ୍ତି । ଗଛ ଡାଳରେ ବିଶ୍ରାମ ନେଇଥିବା ପକ୍ଷୀକୁଳ ମଧ୍ୟରେ ସେ ବିଚରଣ କରୁଥାନ୍ତି । ସବୁଜ ଘାସ ଉପରେ ଦିବସର ଆଲୋକରେ ଯେଉଁ ସାଧବବୋହୂ ମାନେ ସୃଷ୍ଟି କରନ୍ତି ମସୃଣ ସୌନ୍ଦର୍ଯ୍ୟର ଆଭା, ସେମାନେ ନିଜ ନିକଟରେ ଅନୁଭବ କରିପାରନ୍ତି କବିସତ୍ତାକୁ । ରାତିସାରା କବିଙ୍କ ଆଖରେ ନଥାଏ ନିଦ । ମଣିଷମାନେ ସିନା ନିଦ୍ରାମଗ୍ନ ହୋଇଥାନ୍ତି । ଯିଏ କବି ହୃଦୟ – ସଂପନ୍ନ ସେ ଦେହଧାରୀ ହୋଇଥାଆନ୍ତୁ ଅଥବା ବିଦେହୀ ଆତ୍ମାରେ ପରିଣତ ହୋଇଯାନ୍ତୁ ସିଏ ସଦା ସଚେତନ ରହିଥାନ୍ତି ଗହନ ତମିସ୍ରା ମଧ୍ୟରେ ବି । ସୂର୍ଯ୍ୟୋଦୟମ ପୂର୍ବ ମୁହୂର୍ତ୍ତରେ ବରପାଲିରେ ପ୍ରତ୍ୟେକଙ୍କ ଅନ୍ତଃକର୍ଣ୍ଣରେ ଝଙ୍କୃତ ହୋଇଉଠେ ତପସ୍ୱିନୀର ଚିରନ୍ତନ ସଙ୍ଗୀତ 'ମଙ୍ଗଳେ ଆଇଲା ଉଷା' । କବିପୁତ୍ର ଭଗବାନ ମେହେର ଏହି ଉଷାକାଳ ଉତ୍ତୀର୍ଣ୍ଣ ହେବାବେଳକୁ ପହଞ୍ଚି ଯାଆନ୍ତି ନିଜ ସ୍ୱର୍ଗୀୟ ପିତାଙ୍କ ପ୍ରତିମୂର୍ତ୍ତି ନିକଟରେ । ଷ୍ଟାଚ୍ୟୁକୁ ଘେରି ରହିଥିବା ପାଚେରୀ କଡ଼େ କଡ଼େ ଫୁଟି ରହିଥାଏ ପାରିଜାତ ଫୁଲ । କବିପୁତ୍ର ଭଗବାନ ମେହେର ପୁଷ୍ପ ପ୍ରତି ଭକ୍ତି ନିବେଦନ ପୂର୍ବକ ବୃକ୍ଷକୁ ପ୍ରଣାମ ଜଣାଇ ଅତି ଧୀର କୋମଳ ସ୍ପର୍ଶରେ ବୃନ୍ତଚ୍ୟୁତ କରି ଆଣନ୍ତି କେତୋଟି ଫୁଲ । ପିତାଙ୍କ ବକ୍ଷସ୍ଥଳ ନିକଟରେ ସୁସଜ୍ଜିତ କରି ରଖୁଦିଅନ୍ତି । ଆଉ ସେହି ମୁହୂର୍ତ୍ତରେ ଉଭୟ ପିତାପୁତ୍ରଙ୍କ ମଧ୍ୟରେ କି ଭାବ ବିନିମୟ ହୁଏ ତାହା ସେମାନେ ହିଁ ଜାଣନ୍ତି । ଓଡ଼ିଶାର ବିଶିଷ୍ଟ କଥାଶିଳ୍ପୀ ରାମପ୍ରସାଦ ସିଂହ ଅବସ୍ଥାନ କରୁଥାନ୍ତି ସେତିକିବେଳେ କବିତୀର୍ଥ ବରପାଲି ମାଟିରେ । କବିପୁତ୍ରଙ୍କ ସହିତ ତାଙ୍କର ପ୍ରତ୍ୟୁଷକାଳୀନ ସାକ୍ଷାତ୍‌କାର କି ମାର୍ମିକ? ରାମପ୍ରସାଦ ସିଂହ ଗଙ୍ଗାଧର ସ୍ମୃତିଭବନରୁ ପାଦରେ ଚାଲି ଚାଲି ଯାଆନ୍ତି ଡାକବଙ୍ଗଳାକୁ । ବାରଣ୍ଡା ଉପରେ ବସି ଦେଖନ୍ତି ନିର୍ନିମେଷ ନୟନରେ ପୂର୍ବ ଦିଗକୁ । ତାଙ୍କର ସନ୍ଧାନୀ ଚକ୍ଷୁ ଅନ୍ୱେଷଣ କରୁଥାଏ ଉଷାଦେବୀଙ୍କୁ । ସ୍ୱର୍ଗରୁ ଅବତରଣ କରି ଆସୁଥିବା ସୂକ୍ଷ୍ମ ସୌନ୍ଦର୍ଯ୍ୟର ଦେବୀ ସତ୍ତା ଉଷାଙ୍କୁ ପ୍ରତ୍ୟକ୍ଷ ରୂପରେ ଦେଖିବା କ'ଣ ସହଜ କଥା ! ଦିନ ପରେ ଦିନ, ମାସ ପରେ ମାସ, ଆଉ ବର୍ଷ ପରେ ବର୍ଷ କଥାଶିଳ୍ପୀ ସନ୍ଧାନ କରୁଥାନ୍ତି

ବିଶ୍ୱଶିଳ୍ପୀଙ୍କ ଶ୍ରେଷ୍ଠ, ସୁଷମା ମଙ୍ଗଳମୟୀ ଉଷାଙ୍କ ଶୁଭ୍ର ଆଗମନୀ ମୁହୂର୍ତ୍ତକୁ । ଯିଏ ଖୋଜୁଥାଏ ତାକୁ ଦିନେ ବା ଦିନେ ମିଳିଯାଏ ଅଭିଳଷିତ ସୌନ୍ଦର୍ଯ୍ୟାନୁଭୂତି । ହଠାତ୍ ରାମପ୍ରସାଦ ସିଂହ ଡାକବଙ୍ଗଳା ବାରଣ୍ଡାରେ ବସିଥିବାବେଳେ ଶିଶୁଟିଏ ପରି ଉଲ୍ଲସିତ ଚିତ୍ତରେ ଡେଇଁ ପଡ଼ି କହୁଥାନ୍ତି 'ହୋଇ ହେଇ' ଉଷା ଦେବୀଙ୍କ ଅପୂର୍ବ ରୂପ ଝଲସି ଉଠୁଛି ମୋ ଆଖି ଆଗରେ । ଆହା ! ଆହା ! ହଁ ଠିକ୍ ଏହି ଉଷାଙ୍କୁ ହିଁ ଗଙ୍ଗାଧର ପ୍ରାଣବନ୍ତ ରୂପ ପ୍ରଦାନ କରିଛନ୍ତି 'ତପସ୍ୱିନୀରେ' । ଜୀବନ ସାର୍ଥକ ହୋଇଯାଏ ଏପରି ଏକ ଏକ ମୁହୂର୍ତ୍ତରେ । ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ଅକଳ୍ପନୀୟ ପ୍ରଭା ସମୁଜ୍ଜ୍ୱଳ କରିଦିଏ ବରପାଲି ମାଟିକୁ । ଗଙ୍ଗାଧର ସ୍ମୃତିଭବନ ପ୍ରତି ଦୃଷ୍ଟି ଆକର୍ଷିତ ହେବା ମାତ୍ରକେ ଲାଗୁଥାଏ ଏହା 'ସ୍ୱର୍ଗଚ୍ୟୁତ ନନ୍ଦନବନ' ।



## ଆସିଚି ହସି ରାଖୀ ପୁନେଇଁ

ପ୍ରଶାନ୍ତ କୁମାର ଦାଶ

ହାତଯୋଡିକି ଅଳି କରୁ
ଭଉଣୀ ଭାଇ ପାଇଁ
ଭାଇର ଦୁଃଖ ଲୁହ ଅଭାବ
ଆଉ ରହୁ ନାହିଁ ।।

ଆସିଚି ଧାଇଁ ଗହ୍ମାପୁନେଇଁ
କିଣି ଆଣିଚି ରାଖୀ
ବାନ୍ଧିବ ଭାଇହାତେ ଭଉଣୀ
ଚକାଆଖିକୁ ଡାକି ।।

ଫୁଲ ଚନ୍ଦନ ସିନ୍ଦୂର ଦେଇ
ମିଠାଟି ଦେବ ଖୋଇ
ରେଶମୀ ଡୋର ସୂତାର ରାଖୀ
ବାନ୍ଧିବ ଖୁସୀହୋଇ ।।

ସ୍ନେହ ମମତା ବନ୍ଧନ ଡୋର
ସେଇତ ରାଖୀ ସୂତା
ଦୁଇଟି ଫୁଲେ ସୁନ୍ଦର୍ ହାର
ହୋଇଛି ପୁଣି ଗୁନ୍ଥା ।।

ଭରି ରହିଛି ଭାଇ ଭଉଣୀ
ମନେ ହରଷ ଖୁସୀ
ସୁନା ଭଉଣୀ କହେ ଭାଇର
ଦିନଟି ବିତୁ ହସି ।।

ଭଉଣୀ ରାଗ ରୁଷା ଅଳିକୁ
ସହଇ ହସି ଭାଇ
ଓଠରେ ତାର ଫୁଟାଏ ହସ
ମଧୁର ଗୀତଗାଇ ।।

ଗହ୍ମାପୁନେଇଁ ଆସି ଯୋଡଇ
ସମ୍ପର୍କ ସୂତାଖିଅ
ସେଇ ଦିନକୁ ରହଇ ଚାହିଁ
ସରାଗେ ସୁନାଝିଅ ।।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୭୬୮୮୨୨୧୯୦

## ନବାନ୍ଧିବି କାରେ ରାକ୍ଷୀ

ଜୟନ୍ତ କୁମାର ମଲ୍ଲିକ୍



ଯେଉଁ ଭାଇ ହାତେ ବାନ୍ଧୁଥିଲି ରାକ୍ଷୀ
ସିଏ ଏବେ ବହୁ ଦୂରେ -
ଆସି ପାରିବନି ଆଉ କେବେହେଲେ
କହେ ଥାଇ ପ୍ରେତପୁରେ।
ରାକ୍ଷୀ ପୁନେଇଁରେ ଆସିବ ନିଶ୍ଚୟ
କହିଥିଲା ଗେଲକରି -
ବିମାନ ଚଢ଼ିବା ବେଳେ ତା' ଆଖିରେ
ଲୁହ ଯାଇଥିଲା ଭରି।
ଅଳପ ଉଡ଼ିକି ଜଳିଲା ବିମାନ
ଜଳିଗଲା ମୋର ଭାଇ -
ମନ ଆକାଶକୁ ଢାଙ୍କି ରଖିଅଛି ମୋର
ଦାରୁଣ ଦୁଃଖର ଛାଇ।
ମନେ କୋହ ଭରେ ଲୁହ ହୋଇ
ଝରେ
ଫିକା ଫିକା ସବୁ ଲାଗେ -
ତାକୁ ହରାଇକି ଜୀବନଟା ମୋର
ବଢ଼ି ପାରୁନାହିଁ ଆଗେ।
ରାକ୍ଷୀ ପୁନେଇଁ ମୁଁ ପାଳିବିନି ଆଉ
ନବାନ୍ଧିବି କାରେ ରାକ୍ଷୀ -
ଅନ୍ଧୁଣୀ ଟିଏ ମୁଁ ପାଲଟି ଯାଇଛି
ଥାଉ ଥାଉ ଦୁଇ ଆଖି।

+ଶୁରଡିହ,ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୭୭

# ଆମ ପରମ୍ପରାରେ ପବିତ୍ର ରକ୍ଷା ବନ୍ଧନ ଓ ତାହାର ଇତିହାସ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ରକ୍ଷା ବନ୍ଧନ ! ଭାଇ ଓ ଭଉଣୀଙ୍କ ମଧ୍ୟରେ ଏକ ପବିତ୍ର ସଂପର୍କର ବନ୍ଧନ ହେଉଛି ରାକ୍ଷୀ। ନିଜର ସୁରକ୍ଷା ପାଇଁ ଭାଇ ହାତରେ ରାକ୍ଷୀଟିଏ ବାନ୍ଧିଦିଏ ଭଉଣୀ । ତାହା ସହ ଭଉଣୀ ନିଜ ଅଲିଅଳ ଭାଇକୁ ସ୍ନେହରେ... । ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଏକ ଜନପ୍ରିୟ ପାରମ୍ପରିକ ହିନ୍ଦୁ ପର୍ବ ଓ ଏହା ଦକ୍ଷିଣ ଏସିଆରେ ପାଳନ କରାଯାଏ । ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ । ଏହି ଦିନ ଭଉଣୀ, ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ, ତା'ର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ । ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣମୀ ଦିନ ପାଳନ କରାଯାଇଥାଏ। ତେବେ ଅନ୍ୟ ରାଜ୍ୟମାନଙ୍କରେ ଏହି ଶ୍ରାବଣ ପୂର୍ଣ୍ଣିମାର ପର୍ବ ଭିନ୍ନ ରୀତିରେ ପାଳିତ ହେଇଆସୁଛି । ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ନାରିକେଳ ପୂର୍ଣ୍ଣିମା ଭାବେ ପାଳିତ ହେଇଥାଏ । ଏହି ଦିନ ସମୁଦ୍ର ଦେବତା ବରୁଣଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରାଯାଏ । ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷ କରି ଯେଉଁମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରିଥାନ୍ତି ସେମାଙ୍କ ପାଇଁ ଏହି ପର୍ବ ଯଥେଷ୍ଟ ମହତ୍ତ୍ୱ ରଖେ । ଗୁଜରାଟରେ ଏହି ଦିନ ପବିତ୍ରୋପନ ମଧ ପାଳିତ ହୋଇଥାଏ । ଶ୍ରାବଣର ପ୍ରତି ସୋମବାର ଶିବ ମନ୍ଦିରରେ ଜଳଲାଗି ସହ ପୂର୍ଣ୍ଣମୀରେ ଏହି ପର୍ବ ବହୁତ ଆଡ଼ମ୍ବର ସହିତ ପାଳିତ ହେଇଥାଏ । ଉତ୍ତର ଭାରତରେ ଏହି ପର୍ବ କାଜରି ପୂର୍ଣ୍ଣିମା ଭାବେ ଜଣାଶୁଣା । ଭଲ ଫସଲ ଉତ୍ପାଦନ ପାଇଁ ଏହି ଦିନ ଦେବୀଙ୍କୁ ପୂଜା କରାଯାଇଥାଏ । ତେବେ ଏହା ସବୁ ସ୍ଥାନରେ ନୁହେଁ, ସ୍ଥାନୀୟ ଭାବେ ପାଳିତ ହୋଇଥାଏ । ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ଏହା ପାଳିତ ହେଇଥାଏ । ତେବେ ଦକ୍ଷିଣ ଭାରତରେ ଏହି ତିଥିକୁ ଅବନୀ ଅଭିଟମ୍ ପାଳନ କରାଯାଇଥାଏ । ଏହାକୁ ଓଡ଼ିଶାର ବ୍ରାହ୍ମଣଶାସନରେ ଶ୍ରାବଣୀ ବେଦଉପାକର୍ମ ମଧ କୁହାଯାଏ । ବ୍ରାହ୍ମଣମାନେ ଏହିଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି । ବ୍ରାହ୍ମଣଙ୍କଦ୍ୱାରା କରାଯାଉଥିବା ଉତ୍ସବକୁ ବ୍ରହ୍ମଯଜ୍ଞ ମଧ କୁହାଯାଏ ।

ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା । ପୁରାଣରେ ଅସୁର ରାଜାବଳିଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ





ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି ।ଭାଗବତ ପୁରାଣ ଏବଂ ବିଷ୍ଣୁ ପୁରାଣ ଅନୁଯାୟୀ ଯେତେବେଳେ ଭଗବାନ ବିଷ୍ଣୁ ଭୂତ ରାଜା ବଳିଙ୍କଠାରୁ ତିନୋଟି ଜଗତ ମାନେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଜିତିଥିଲେ, ସେତେବେଳେ ସେ ଭୂତ ରାଜାଙ୍କୁ ରାଜପ୍ରାସାଦରେ ତାଙ୍କ ପାଖରେ ରହିବାକୁ କହିଥିଲେ। ପ୍ରଭୁ ଅନୁରୋଧ ଗ୍ରହଣ କଲେ ଏବଂ ଭୂତ ରାଜାଙ୍କ ସହିତ ରହିବାକୁ ଲାଗିଲେ। ତେବେ ଭଗବାନ ବିଷ୍ଣୁଙ୍କ ପତ୍ନୀ ଦେବୀ ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କୁ ସେଠାରୁ ଫେରି ଆଣିବାକୁ ଚାହୁଁଥିଲେ। ସେତେବେଳେ ନାରଦ ମା'ଲକ୍ଷ୍ମୀ ଙ୍କୁ ଏହି ସମସ୍ୟାର ସମାଧାନର ବାଟ କହିଥିଲେ ତେଣୁ, ସେ ରାକ୍ଷୀକୁ ଭୂତ ରାଜା ବଳିଙ୍କ ହାତରେ ବାନ୍ଧି ତାଙ୍କୁ ନିଜର ଭାଇ କଲେ । ଫେରସ୍ତ ଉପହାର ବିଷୟରେ ପଚାରିବାରୁ ଦେବୀ ଲକ୍ଷ୍ମୀ ବଳିଙ୍କୁ ତାଙ୍କ ସ୍ୱାମୀଙ୍କୁ ଶପଥରୁ ମୁକ୍ତ କରିବାକୁ ଏବଂ ତାଙ୍କୁ ବୈକୁଣ୍ଠକୁ ଫେରିବାକୁ କହିଥିଲେ। ବଳି ଏହି ଅନୁରୋଧରେ ରାଜି ହେଲେ ଏବଂ ଭଗବାନ ବିଷ୍ଣୁ ତାଙ୍କ ପତ୍ନୀ ଦେବୀ ଲକ୍ଷ୍ମୀଙ୍କ ସହ ତାଙ୍କ ସ୍ଥାନକୁ ଫେରିଯିବାକୁ କହିଥିଲେ । ଏହିଦିନ ଶ୍ରାବଣ ମାସର ପୂର୍ଣିମା ଥିଲା କୁହାଯାଏ ସେବେଠାରୁ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଏ ।ଆଉ ମଧ୍ୟ କୃଷ୍ଣ ଭଗବାନ ରାଜା ଶିଶୁପାଳଙ୍କୁ ହତ୍ୟା କରିଥିଲେ। ଯୁଦ୍ଧ ସମୟରେ କୃଷ୍ଣଙ୍କ ବାମ ହାତର ଆଙ୍ଗୁଠି କ୍ଷତାକ୍ତ ହୋଇ ରକ୍ତସ୍ରାବ ହେଉଥିବା ଦେଖି ଦ୍ରୌପଦୀ ଅତ୍ୟନ୍ତ ଦୁଃଖି ହୋଇଥିଲେ ଏବଂ ସେ ତାଙ୍କ ଶାଢୀର କାନି ଚିରି କରି କୃଷ୍ଣଙ୍କ ଆଙ୍ଗୁଠିରେ ବାନ୍ଧି ଦେଇଥିଲେ। ଏହା ଦ୍ୱାରା ତାଙ୍କ ରକ୍ତସ୍ରାବ ବନ୍ଦ ହୋଇଥିଲା। କୁହାଯାଏ ଯେ ସେବେଠାରୁ କୃଷ୍ଣ ଦ୍ରୌପଦୀଙ୍କୁ ତାଙ୍କ ଭଉଣୀ ଭାବରେ ଗ୍ରହଣ କରିଥିଲେ। ବହୁ ବର୍ଷ ପରେ, ଯେତେବେଳେ ପାଣ୍ଡବମାନେ ପଶା ଖେଳରେ ଦ୍ରୌପଦୀଙ୍କୁ ହରାଇଥିଲେ ଏବଂ ଏକ ଜନସମାଗମ ସଭାରେ ତାଙ୍କ ବସ୍ତ୍ରହରଣ ହୋଇଥିଲେ, ସେତେବେଳେ ଭଗବାନ କୃଷ୍ଣ ଭାଇର କର୍ତ୍ତବ୍ୟ ପାଳନ କରି ଭଉଣୀ ଦୌପଦୀଙ୍କ ଲଜ୍ଜା ରକ୍ଷା କରିଥିଲେ। ମହାଭାରତରେ ମଧ ଏପରି ଏକ ପୌରାଣିକ କାହାଣୀ ରହିଛି ।କାହାଣୀଟି କୃଷ୍ଣ ଓ ଦ୍ରୌପଦୀଙ୍କୁ ନେଇ । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହେଇଯାଇଥିଲା । ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ପାଇଥିଲେ । ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ରଦାନକରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ ।

ଇତିହାସରେ ମଧ ରହିଛି ରକ୍ଷାବନ୍ଧନ। ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ ପଛଘୁଞ୍ଚା ଦେଇନାହିଁ। ପ୍ରଥମ ଘଟଣାଟି ହେଲା ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର । ମାସିଡୋନିଆର ସମ୍ରାଟ ଆଲେକଜାଣ୍ଡାର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବା ବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହେଇଥିଲେ । ପ୍ରଥମ ଥର ପୁରୁଙ୍କଠାରୁ ଆଲେକଜାଣ୍ଡାର ପରାସ୍ତ ହେଲେ, ସେତେବେଳେ ଆଲେକଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିଥିଲେ। ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ । ଅନ୍ୟ ଘଟଣାଟି ହେଲା ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ । ମଧ ଯୁଗର ରାଜପୁତ ଯୋଦ୍ଧମାନେ ପରାକ୍ରମୀ ଥିଲେ । ସେମାନେ କୈଣସି ଆକ୍ରମଣକାରୀ ସତ ପ୍ରାଣ ଦେଇ ଲଢୁଥିଲେ । ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ,ସୁଲତାନ ବାହାଦୁରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ, ସେତେ ବେଳେ ସେ ଉପାୟଟିଏ ଚିନ୍ତାକଲେ । ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଦେଲେ । ହୁମାୟୁନ ମଧ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷାପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ ।

ଏହି ଦିନରେ ପାଳନ କରାଯାଉଥିବା ଅନ୍ୟାନ୍ୟ ପର୍ବ ପର୍ବାଣି ମଧ୍ୟରୁ ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ଗ୍ରହଣ କରାଯାଏ । ହଳମୂଷଳ ଧାରଣ କରିଥିବା ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯାଏ । ସେମାନଙ୍କୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିବା ଏବଂ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି । ବ୍ରାହ୍ମଣମାନେ ଏହି ଦିନ ମନ୍ତୁରା ପଇତା ମଧ ପ୍ରଦାନ କରିଥାନ୍ତି, ଏହି ପଇତା ପିନ୍ଧିଲେ ବ୍ରହ୍ମରାକ୍ଷସ କବଳରୁ ମୁକ୍ତି ମିଳେ ବୋଲି ମଧ ବିଶ୍ୱାସ ରହିଛି । କୃଷ୍ଣଙ୍କ ବଡ଼ ଭାଇ ଭଗବାନ ବଳରାମ ଏହି ଦିନ ଅବତୀର୍ଣ୍ଣ ହୋଇଥିଲେ, ତେଣୁ ଏହି ଦିନଟିକୁ ବଳରାମ ଜୟନ୍ତୀ ରୂପେ ପାଳନ କରାଯାଏ । ଏହି ଦିନ ସବୁ ପାଳିତ ପଶୁ ଗାଇ, ଗୋରୁ ଆଦିଙ୍କୁ ସଜାଯାଏ ଏବଂ ପୂଜା କରାଯାଏ । ବିଭିନ୍ନ ପ୍ରକାରର ପିଠା ଓ ମିଠା ତିଆରି କରାଯାଏ ଏବଂ ପରିବାର, ବନ୍ଧୁ ବାନ୍ଧବମାନଙ୍କ ମଧ୍ୟରେ ବଣ୍ଟାଯାଏ । ଶ୍ରାବଣ ମାସରେ ଶୁକ୍ଳ ପକ୍ଷ ଦଶମୀଠାରୁ ଭାଦ୍ରବ ପ୍ରତିପଦ ପର୍ଯ୍ୟନ୍ତ ୭ଦିନ ଏହି ଝୁଲଣ ଯାତ୍ରା ପର୍ବ ପାଳନ କରାଯାଏ। ଭଗବାନ କୃଷ୍ଣ ଏବଂ ରାଧା ଏହି ବର୍ଷା ଋତୁରେ ଦୋଳି ଖେଳି ଆନନ୍ଦ ନେଇଥାନ୍ତି । ରାଧା କୃଷ୍ଣଙ୍କୁ ଝୁଲଣରେ ସଜାଯାଇ ଦୋଳି ଖେଳା ଯାଇଥାଏ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦

# ପଥରପୁରା କ୍ରିକେଟ କମ୍ ଆଥେଲେଟିକ୍ କ୍ଲବ ଓ ଦୈନିକ ବଜାର କମିଟି ପକ୍ଷରୁ ଚାରି ହଜାର ବୋଲବମ୍ ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ



ଜଳେଶ୍ୱର, ୦୮/୮ (ନି.ପ୍ର): ଦେବ ଦେବ ମହାଦେବ ଆମ ପୁରାଣ ଓ ସଂସ୍କୃତି ତଥା ଧର୍ମ ଧାରଣାରେ ଏକ ଅଲୌକିକ ଓ ଅଦ୍ଭୁତ ଚରିତ୍ର।ସେ କେବଳ ଯୋଗୀ ନୁହଁନ୍ତି,ମହାଯୋଗୀ ଓ ମଙ୍ଗଳର ଦ୍ୟୋତକ। 'ଓଁ ନମଃ ଶିବାୟ' ଉଚ୍ଚାରଣ ମାତ୍ରକେ ଜୀବନ ମଙ୍ଗଳମୟ ହୋଇଉଠେ। ସେ ସତ୍ୟ,ଶିବ ଓ ସୁନ୍ଦର। ସଦାସର୍ବଦା ଧ୍ୟାନସ୍ଥ ମୁଦ୍ରାରେ ଉପବିଷ୍ଟ ପ୍ରଭୁ ଶଙ୍କରଙ୍କ ଅତି ପ୍ରିୟ ମାସ ଶ୍ରାବଣ।ଏହି ମାସର ସୋମବାରରେ ଭଗବାନ ଶିବଙ୍କର ଜଳାଭିଷେକ ଲାଗି କଲେ ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।ବହୁ ପୁରାତନ କାଳରୁ ଶିବଭକ୍ତମାନେ ନିଜର ମାନସିକ ପୂରଣ ପାଇଁ ଶ୍ରାବଣମାସ ସାରା ନିଷ୍ପାପର ଜୀବନ ଯାପନ କରିଥା'ନ୍ତି।ତେଣୁ ଶିବଙ୍କ ମହିମାକୁ ଆଧାର କରି ଜଳେଶ୍ୱର ସହର ପାର୍ଶ୍ୱ ଦେଇ ଚିର ସ୍ରୋତା ସୁବର୍ଣ୍ଣରେଖା ନଦୀରୁ ଅଜି ସକାଳଠୁ ବିଭିନ୍ନ ଅଂଚଳର କାଉଡ଼ିଆ ମାନେ ନଦୀପଠାରେ ପୂଜାର୍ଚ୍ଚନା କରି ଜଳ ଉଠାଇ ଫୁଲ ଓ ବେଲପତ୍ରରେ ସୁସଜ୍ଜିତ ବାହୁଙ୍ଗୀ ସାହାଯ୍ୟରେ ଶିବମନ୍ଦିର ଅଭିମୁଖେ ପଦଯାତ୍ରା ଆରମ୍ଭ କରିଥିଲେ। ବାଟରେ ଚାଲିବା ବେଳେ କ୍ଲାନ୍ତି ଦୂର କରିବା ପାଇଁ ବୋଲ୍ ବମ୍,ହରହର ବମ୍,ଭୋଲା ବାବା ପାର୍ କରେଗା,ଜଟିଆ ବାବା ପାର୍ କରେଗା' ଆଦି ଉଚ୍ଚାରଣ କରି ଚନ୍ଦନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।ଯାତ୍ରା ପୂର୍ବରୁ ଜଳେଶ୍ୱର ଥାନା ପଥରପୁରା କ୍ରିକେଟ କମ୍ ଆଥେଲେଟିକ୍ କ୍ଲବ ଓ ଦୈନିକ ବଜାର କମିଟି ପକ୍ଷରୁ ଚାରି ହଜାର ବୋଲବମ୍ ଭକ୍ତଙ୍କ ପାଇଁ ହାଟ ଛକ ଠାରେ ପ୍ରସାଦ ବଣ୍ଟନ କରିଛନ୍ତି।ଏହି ପ୍ରସାଦ ବଣ୍ଟନ ଆଜକୁ ପ୍ରାୟ ୧୩ ବର୍ଷ ହେବ ଅନୁଷ୍ଠିତ ହୋଇ ଆସୁଛି ବୋଲି କ୍ଲବ ର ସଭାପତି ଅଶ୍ୱିନି କର (ବାପି) ସମ୍ପାଦକ ଗୋପୀନାଥ ଧଳ କହିଛନ୍ତି।ଏହି ମହାନ ପ୍ରାସାଦ ବଣ୍ଟନ କାର୍ଯ୍ୟକ୍ରମକୁ କ୍ଲବର ସନ୍ତୋଷ ତରାଇ, ମନୋରଞ୍ଜନ ଗୀରି, ସଙ୍କର ଚନ୍ଦ, ସରୋଜ ଦାସ, ମହେଶ୍ୱର ସେନାପତି, ମହେଶ୍ୱର ବେହେରା, ସନ୍ତୋଷ ସେନାପତି, ସତ୍ୟବାନ୍ ଚାନ୍ଦ, ବରେନ୍ଦ୍ର ଧଳ, ଜୟନ୍ତ କର, ନିଗମା ନନ୍ଦ ପରିଡ଼ା, ରାଜେଶ ଦାସ, ଦିପେନ୍ଦୁ କର, ସୁଶାନ୍ତ ସେଠୀ, ଶୁଭକାନ୍ତ କାସ୍ତ, ମାନସ ନାଥ, ସଞ୍ଜୟ ବେରା,ନିତାଇ କଟାଲ, ଜାମସେଦ ଅଲ୍ଲୀ ପ୍ରମୁଖ ପ୍ରାୟ ୪୦ ରୁ ଉର୍ଦ୍ଧ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟ ତୁଲାଇ ଥିଲେ।

# ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ ସମୂହ ଖେଳକୁଦ, ସ୍କାଉଟସ ଏବଂ ଗାଇଡସ ତଥା ଜୁନିଅର ରେଡକ୍ରସର କାର୍ଯ୍ୟନିର୍ବାହୀ ସଭା ଅନୁଷ୍ଠିତ




ବାଲିଆପାଳ , ୦୮/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ ସମୂହ ଖେଳକୁଦ,ସ୍କାଉଟସ ଏବଂ ଗାଇଡସ ତଥା ଜୁନିଅର ରେଡକ୍ରସର କାର୍ଯ୍ୟନିର୍ବାହୀ ବୈଠକ ଜିଲ୍ଲା ଔଜଡ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲା ସ୍କାଉଟ କମିଶନର ପ୍ରଦୀପ କୁମାର ଦାସ,ଗାଇଡସ କମିଶନର ସୁମତି ମଣ୍ଡଳ, ଜିଲ୍ଲା ସ୍କାଉଟସ ଟ୍ରେନିଂ କମିଶନର ସୁଦର୍ଶନ ପ୍ରଧାନ, ବରିଷ୍ଠ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ନିଗ୍ଧା ପଣ୍ଡା, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଚନ୍ଦ୍ରକାନ୍ତ ଘଡାଇ, ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବ୍ଲକ କ୍ରୀଡା ସମ୍ପାଦକ ଏଥିରେ ଯୋଗଦେଇ ଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ବୈଠକ ର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଗଭୀର ରେଖାପାତ କରିବା ସହ କ୍ରୀଡା,ସ୍କାଉଟସ ଗାଇଡ ତଥା ଜୁନିଅର ରେଡକ୍ରସ ଛାତ୍ର ଛାତ୍ରୀ ମାନଙ୍କର ଶାରୀରିକ ତଥା ମାନସିକ ସୁସ୍ଥତା ପାଇଁ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତପୋଷଣ କରିଥିଲେ। ଆଗାମୀ ଦିନରେ କ୍ରୀଡା,ସ୍କାଉଟ ଗାଇଡ ଓ ଜୁନିଅର ରେଡକ୍ରସ କାର୍ଯ୍ୟକ୍ରମ ର ସଫଳତା ପାଇଁ ସମସ୍ତେ ସଂଘବଦ୍ଧ ହୋଇ କାର୍ଯ୍ୟ କରିବା ଉଚିତ ବୋଲି ଜିଲ୍ଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ନିଗ୍ଧା ପଣ୍ଡା ମତପୋଷଣ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଚନ୍ଦ୍ରକାନ୍ତ ଘଡାଇ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲ୍ଲାର ବରିଷ୍ଠ କ୍ରୀଡା ଶିକ୍ଷକ ବିଭୁଦତ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସଂଯୋଜକ ସାରସ୍ୱତ ସାହୁଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା କ୍ରୀଡା ସମ୍ପାଦକ ଏବଂ ଅନ୍ୟ ବରିଷ୍ଠ ଶିକ୍ଷକ ମାନେ ଏଥିରେ ସହଯୋଗ କରିଥିଲେ।

## ଭୋଟର ତାଲିକାରେ ଯୋଗ୍ୟ ନାଗରିକଙ୍କୁ ବାଦ ନକରିବାକୁ ସି.ପି.ଆଇ.(ଏମ୍)ର ଦାବି

ଭୁବନେଶ୍ୱର, ୦୮/୮ (ନି.ପ୍ର): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଓଡ଼ିଶା ରାଜ୍ୟ କମିଟିର ଏକ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ନିର୍ବାଚନୀ ତାଲିକା ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭୋଟର ତାଲିକାର " ସ୍ୱତନ୍ତ୍ର ଗଭୀର ପୁନଃ ନିରୀକ୍ଷଣ" ପ୍ରକ୍ରିୟା ସମ୍ପର୍କରେ ସି.ପି.ଆଇ.(ଏମ୍) ଚିନ୍ତା ପ୍ରକାଶ କରି ବିଭିନ୍ନ ଦାବି ଉଠାଇଛି।

ସି.ପି.ଆଇ.(ଏମ୍) ମୁଖ୍ୟତଃ ଦାବି କରିଛି ଯେ - ଯେଉଁମାନେ ଯୋଗ୍ୟ ଭୋଟର, ସେମାନେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ଉଚିତ୍। କୌଣସି ଯୋଗ୍ୟ ନାଗରିକଙ୍କୁ ତାଲିକାରୁ ବାଦ୍ ଦେବା ଚେଷ୍ଟା ଗ୍ରହଣୀୟ ନୁହେଁ। ସେହିପରି, ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟତା ଓ ଆବଶ୍ୟକ କାଗଜପତ୍ର/ଡ଼କ୍ୟୁମେଂଟ ସମ୍ପର୍କିତ ମାନଦଣ୍ଡ ଗୁଡ଼ିକୁ ଅତି ସରଳ କରାଯିବା ପାଇଁ ସି.ପି.ଆଇ.(ଏମ୍) ଦାବି କରିଛି।

ଏହି ପ୍ରତିନିଧି ଦଳରେ ସି.ପି.ଆଇ.(ଏମ୍) ରାଜ୍ୟ ସଂପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସଂପାଦକମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ କୁମାର ଦାସ, ଯମେଶ୍ୱର ସାମନ୍ତରାୟ ଏବଂ ବଦ୍ରି ନାରାୟଣ ଦାଶ ପ୍ରମୁଖ ନେତୃବୃନ୍ଦ ଯାଇଥିଲେ।

# ୭୯ତମ ସ୍ୱାଧୀନତା ଦିବସ ଅବସରରେ ବକ୍ତୃତା ପ୍ରତିଯୋଗିତା




ବାରିପଦା , ୦୮/୮ (ନି.ପ୍ର): ୭୯ତମ ସ୍ୱାଧୀନତା ଦିବସ ପାଳନ ଅବଭସରରେ ଗ୍ଲୋବାଲ ନିମ ପ୍ଲାଣ୍ଟେସନ ଆନୁକୂଲ୍ୟରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ଓ 'ମାନବ ହିତରେ ନିମ୍ବବୃକ୍ଷର ଭୂମିକା' ବିଷୟବସ୍ତୁ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପ୍ରତିଯୋଗୀ ମାନେ ଅତିସୁନ୍ଦର ଭାବେ ନିଜନିଜର ମତ ପୋଷଣ କରିଥିଲେ ଓ ସମସ୍ତଙ୍କୁ ଅଂଶଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ଓ ଅଧ୍ୟାପିକା ସ୍ମୃତିରେଖା ଗିରି, ଅଧ୍ୟାପକ ଡଃ ଜୟଦେବ ସାହୁ ଓ ଶିକ୍ଷକ ସୋମନାଥ ସିଂହ ବିଚାରକ ଭାବେ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ ଓ ଏମ ପି ସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଚୀ ବେହେରା ଓ ଭଗବାନ ଧଡ଼ା ୧ମ ଓ ୨ୟ ସ୍ଥାନ ଅଧିକାର କରିଥିବା ବେଳେ ସରକାରୀ ମହିଳା ମହାବିଦ୍ୟାଳୟର ଲିଜା ବର୍ଦ୍ଧନ ୩ୟ ସ୍ଥାନ ଅଧିକାର କରିଥିଲେ ଓ ସ୍ୱାଧୀନତା ଦିବସ ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ତରଫରୁ ୩ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ବିମ୍ବାଧର ସାହୁ ପ୍ରକାଶ କରିଛନ୍ତି ଓ ଏହି ଅବସରରେ ଅଧକ୍ଷ ଉପେନ୍ଦ୍ର କୁମାର ମାଝିଙ୍କ ନେତୃତ୍ୱରେ ଅନୁଷ୍ଠାନର ପରିସରରେ ଛାତ୍ରଛାତ୍ରୀଙ୍କ ଗହଣରେ ନିମ୍ବଚାରା ରୋପଣ କରାଯାଇଥିଲା ଓ ଅଧ୍ୟାପକ ଡଃ ସୁଦର୍ଶନ ସିଂହଙ୍କ ସମେତ ସଂସ୍ଥାର ସଦସ୍ୟ ଅଜିତ କୁମାର କବାଟ, ଡଃ ନିରୋଜ କୁମାର ପୋଥାଳ, ବୀରକିଶୋର କୁଅଁର, ସର୍ଦ୍ଦାର ହରିଚନ୍ଦନ, ରାଜେନ୍ଦ୍ର କୁମାର ରାଉତ, ମାନସ ବାଗ, ଭାସ୍ୱତୀ ପଣ୍ଡା, ରାଜଲକ୍ଷ୍ମୀ ମିଶ୍ର, ରଂଜିତା ଦଳେଇ, ନିଭା ସାହୁ ତଥା ସେଭ ଆର୍ଥ ମିଶନର ଜିଲ୍ଲା ସଭାପତି ତାପସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କ ସମସ୍ୟାକୁ ନେଇ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୦୮/୮ (ନି.ପ୍ର): ଚାଷୀଙ୍କ ସମସ୍ୟାକୁ ନେଇ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ। ବିଜେଡି କୃଷକ ସାମୁଖ୍ୟର ଆବାହକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶଙ୍ଖ ଭବନରେ ବସିଛି ବୈଠକ। ବୈଠକରେ ଦଳର ବରିଷ୍ଠ ନେତା, ବିଧାୟକ, ଓ ଜିଲ୍ଲା ସଭାପତି ମାନେ ଯୋଗ ଦେଇଛନ୍ତି।

# ମୌନଧ୍ୱନି ତରଫରୁ ଜାତୀୟ ହସ୍ତତନ୍ତ ଦିବସ ପାଳିତ




ଉଦଳା , ୦୮/୮ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ସୁନାପାଳ ଗ୍ରାମସ୍ଥିତ ହସ୍ତତନ୍ତ ବୟନକେନ୍ଦ୍ର ପରିସରରେ ସ୍ୱେଚ୍ଛାସେବି ସଂଗଠନ ମୌନଧ୍ୱନିର ନେତୃତ୍ୱରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ତନ୍ତଗାଥା ମହିଳା ବୁଣାକାର ଉତ୍ପାଦକ କମ୍ପାନି ଏବଂ ସରକାରଙ୍କ ବୟନ ବିଭାଗ ମଧ ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ନୂଆଦିଲ୍ଲିଠାରେ ଏକାଦଶତମ ଜାତୀୟ ହସ୍ତତନ୍ତ ଦିବସ ପାଳନ ପୁରସ୍କାର ବିତରଣ ଉତ୍ସବର ସିଧା ପ୍ରସାରଣ ଟିଭି ପରଦାରେ ଦେଖିଥିଲେ। ପରେ ଅନୁଷ୍ଠିତ ସାଧାରଣ ସଭାରେ ମୌନଧ୍ୱନି ଫାଉଣ୍ଡେସନର ନିର୍ଦ୍ଦେଶିକା ବିନ୍ଦୁ ବିନୋଦ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାତା ସଦସ୍ୟ ଗୋବିନ୍ଦ ବଲ୍ଲଭ, ଆକାଶବାଣୀ ସମ୍ବଲପୁରର ଉପସ୍ଥାପିକା ସସ୍ମିତା ପଟ୍ଟନାୟକ, କବି ଦେବେନ୍ଦ୍ର ରାଉଳ ଓ ଆକାଶ କୁମାର ମହାନ୍ତ ହସ୍ତତନ୍ତ ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହିତ ଚାଲିଥିବା ଉତ୍ସବର ଯବନିକା ପଡ଼ିଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଜଗଜ୍ୟୋତି ମହାନ୍ତି, ଚମ୍ପାବତି ହାଁସଦା, ସୀତା ମୁର୍ମୁ, ପ୍ରଦ୍ୟୁମ୍ନ ଦଳାଇ, ମୁକୁନ୍ଦ ମେହେର, କିଶୋର ମହାପାତ୍ର ସହଯୋଗ କରିଥିଲେ।

# ରେଡ୍ ରନ୍ ୩.୦ (ମାରାଥନ) ଅନୁଷ୍ଠିତ

ଖୋର୍ଦ୍ଧା , ୦୮/୮ (ନି.ପ୍ର): ଓଡ଼ିଶା ରାଜ୍ୟ ଏଡ଼ସ୍ ନିୟନ୍ତ୍ରଣ ସମିତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି,, ଜିଲ୍ଲା ଏଡ଼ସ୍ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ୍ ମିଳିତ ଆନୁକୁଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ରେଡ୍ ରନ୍ (୩.୦) ମାରାଥନ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଙ୍କ ନିର୍ଦ୍ଦେଶନାରେ ଓ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ମାରାଥନ ରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରୁ ୭୦ ରୁ ଅଧିକ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୀବନ୍ତ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟି . ବି) ଓ ନୋଡାଲ ଅଧିକାରୀ, ଏଡ଼ସ୍, ଖୋର୍ଦ୍ଧା ପତାକା ଦେଖାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଉଦ୍ଘାଟନ କରିଥିଲେ। ମାରାଥନରାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ଖୋର୍ଦ୍ଧା ସହର ମଧ ଦେଇ ଯୁବଗୋଷ୍ଠୀ ମାନଙ୍କୁ ଏଡସର ଭୟାଭହତା ସମ୍ବନ୍ଧରେ ସଚେତନତା ବାର୍ତ୍ତା,ସ୍ଲୋଗାନ ଦେଇ ନୂଆ ବସଷ୍ଟାଣ୍ଡ ଠାରେ ପହଞ୍ଚି ସେଠାରୁ ପୁନଃର୍ବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ବି ଜେ ବି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ମହର୍ଷି, ପି ଏନ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଗୋଦାବରୀଶ, ବାଲୁଗାଁ, ଗୋବିନ୍ଦପୁର, କେରଙ୍ଗ ପଂଚାୟତ ମହାବିଦ୍ୟାଳୟ ସମେତ ପାଇକ ପ୍ରତିଷ୍ଠାନ, ରିଲାଏନ୍ସ ଫାଉଣ୍ଡେସନ, ୟୁଥ୍ ସ୍ପୋର୍ଟସ, ଆମ୍ବେଦକର ମେମୋରିଆଲ ଶିକ୍ଷା ପ୍ରତିଷ୍ଠାନ , ଆର୍ମି ଶିକ୍ଷା ଓ। ନିଯୁକ୍ତି ପ୍ରତିଷ୍ଠାନର ଉତ୍ସାହୀ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଏବଂ ବିଭିନ୍ନ ବର୍ଗର ସଚେତନ ନାଗରିକ ଯୋଗ ଦେଇଥିଲେ। ମାରାଥନ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ୍ତର ଜୀବନ୍ତ ଆଚାର୍ଯ୍ୟ ,ଟି ବି ନୋଡାଲ ଅଧିକାରୀ, ଏଚ ଆଇ ଭି,ଏଡ଼ସ ଡାକ୍ତର, ମେଡିକାଲ ଅଧିକ୍ଷକ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ପୁରୁଷ ବିଭାଗରେ ଶୁଭମ୍ ବେହେରା, ଗୋବିନ୍ଦପୁର ମହାବିଦ୍ୟାଳୟ ପ୍ରଥମ ସ୍ଥାନ, ଅଜୟ ମୁଦୁଲି ଓ ଶିବ ମାଝୀ, ପାଇକ ପ୍ରତିଷ୍ଠାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପଞ୍ଚାମୁଣ୍ଡାଇ ଛାତ୍ରୀ ...

ତାଙ୍କୁ ସମସ୍ତ ସୋସିଆଲ ମିଡିଆ ସାଇଟରୁ ପୁଅକୁ ବ୍ଲକ୍ କରିବାକୁ କହିଥିଲେ। ଏହି ଘଟଣା ଦୀର୍ଘ ୭-୮ମାସ ଧରି ଚାଲିଥିଲା। ପୁଅର ବ୍ଲାକମେଲିଂରେ ହତାଶ ହୋଇ, ଯୁବତୀ ଜଣକ ଘରେ ଏକୁଟିଆ ଥିବା ସମୟରେ ନିଜ ଜୀବନ ନେବା ଭଳି କଠୋର ନିଷ୍ପତ୍ତି ନେଇଥିଲେ। ଏହା ପରେ ଯୁବତୀ ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ସଦସ୍ୟ ଯୁବକଙ୍କ ବିରୁଦ୍ଧରେ ଅଭିଯୋଗ ଦାଏର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଫଆଇଆର ଦାଖଲ କରିବା ପରିବର୍ତ୍ତେ, ଏଏସଆଇ ତାଙ୍କୁ ସମସ୍ତ ସୋସିଆଲ ମିଡିଆ ସାଇଟରୁ ପୁଅକୁ ବ୍ଲକ୍ କରିବାକୁ କହିଥିଲେ। ଏହି ଘଟଣା ଦୀର୍ଘ ୭-୮ମାସ ଧରି ଚାଲିଥିଲା। ପୁଅର ବ୍ଲାକମେଲିଂରେ ହତାଶ ହୋଇ, ଯୁବତୀ ଜଣକ ଘରେ ଏକୁଟିଆ ଥିବା ସମୟରେ ନିଜ ଜୀବନ ନେବା ଭଳି କଠୋର ନିଷ୍ପତ୍ତି ନେଇଥିଲେ।

### ସନ୍ଦେହରେ ବୋର୍ଡ ...

ଆଉ ଯେତେବେଳେ ଓଟିଇଟି ପ୍ରଶ୍ନପତ୍ର କେଳେଙ୍କାରୀ ହାଟରେ ପଡି ଦାଣ୍ଡରେ ଗଡିଲା ସେତେବେଳେ କ୍ରାଇମବ୍ରାଂଚକୁ ଚିଠି ଲେଖିଲେ। ଚଟୁ ଆମିଷ ବେଣ୍ଟ ନିରାମିଷ ନ୍ୟାୟରେ ନିଜକୁ ସ୍ୱଚ୍ଛ ଦେଖାଇବାକୁ ଉଦ୍ୟମ କରିଥିଲେ ବାବୁ। କ୍ରାଇମବ୍ରାଞ୍ଚ ଓଟିଇଟି ମାମଲାରେ ଦୁଇ ଅଭିଯୁକ୍ତ ଜିତନ ମହାରଣା ଏବଂ ବିଜୟ ମିଶ୍ର କୁ ରିମାଣ୍ଡ ରେ ଆଣିଥିବାରୁ ବୋର୍ଡ ସଭାପତିଙ୍କ ପ୍ରତି ବିପଦ ଘନେଇଛି। ରିମାଣ୍ଡରେ ଥିବା ଅଭିଯୁକ୍ତଙ୍କୁ ପଚରାଉଚୁରା ପରେ ସଭାପତିଙ୍କ ଚୁପ ରହିବା ପଛରେ ଗୁମର ଫିଟିବ । ଗିରଫ ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର ଯାଂଚ ଚାଲିଥିବାରୁ ପ୍ରଶ୍ନପତ୍ର ଚୋରି କରି କେତେ ଟଙ୍କା ଆଦାୟ ହୋଇଥିଲା ? ଆଦାୟ ଟଙ୍କାରେ କାହାର ଭାଗ କେତେ ? କାହା ପାଖକୁ କେତେ ଯାଇଛି ? ଏସବୁ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି। ଅନ୍ୟପଟେ ବୋର୍ଡ ଅଧିନରେ ପାଠ ପଢୁଥିବା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ଚିନ୍ତା ବଢ଼ିଛି। ପ୍ରତିବର୍ଷ ବୋର୍ଡ ଅଧିନରେ ଲକ୍ଷାଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବାରୁ ସେମାନେ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଜିତନ ଓ ବିୟଜଙ୍କ ଜେରା ପରେ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ମଧ ରିମାଣ୍ଡରେ ଆଣିପାରେ କ୍ରାଇମବ୍ରାଂଚ। ହେଲେ ବୋର୍ଡ ସଭାପତିଙ୍କ ଭୂମିକାକୁ ନେଇ କ୍ରାଇମବ୍ରାଞ୍ଚର ତଦନ୍ତ ଉପରେ ନଜର ରହିଛି ।

### ଅପାରଗ ଅଧିକାରୀ...

ଅଗଷ୍ଟ ୭ ତାରିଖ ସୁଦ୍ଧା ଏହି ରିପୋର୍ଟ ଦେବାକୁ କୁହାଯାଇଥିଲା । ବିଡ଼ମ୍ବନାର ବିଷୟ କୌଣସି ବିଭାଗର ମୁଖିଆ ଏହି ତାଲିକା ମୁଖ୍ୟ ସଚିବଙ୍କୁ ଦେଇନେି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବୈଠକରେ ବାରମ୍ବାର ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣା ଯିବ ବୋଲି କହୁଛନ୍ତି । ମୁଖ୍ୟ ସଚିବ ଦୁର୍ନୀତିଗ୍ରସ୍ତ ଅପାରଗ ଅଧିକାରୀଙ୍କୁ ଆଗୁଆ ଚାକିରିରୁ ବିଦା କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । ହେଲେ ସଚିବମାନେ କାହିଁକି ଏହି ନିର୍ଦ୍ଦେଶ ମାନୁନାହାନ୍ତି ତାହା ଜଣାପଡୁନି । ବିଭାଗରେ ଅପାରଗ ଅଧିକାରୀ ନାହାନ୍ତି ନା ଏହିଭଳି ଅପାରଗ ଅଧିକାରୀଙ୍କ ତାଲିକା କରିବାକୁ ମୁଖିଆମାନେ ସକ୍ଷମ ହେଉନାହାନ୍ତି, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି । ଅପରପକ୍ଷେ ଓଡ଼ିଶା ସର୍ଭିସ୍ କୋଡ୍‌କୁ ଆଧାର କରି ସାଧାରଣ ପ୍ରଶାସନ ବିଭାଗର ସେପ୍ଟେମ୍ବର ୨୪, ୨୦୧୯ ମସିହାର ଗାଇଡ୍‌ଲାଇନ୍ ଅନୁଯାୟୀ, ଜଣେ ଗ୍ରୁପ୍-ଏ, ଗ୍ରୁପ୍-ବି ସରକାରୀ କର୍ମଚାରୀ ୫୦ ବର୍ଷ ବୟସ ଭିତରେ ୩୦ ବର୍ଷ ଚାକିରି କରିଥିଲେ, ୫୫ ବର୍ଷ ବୟସ ହୋଇଥିଲେ ତାଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ବିଚାରକୁ ନିଆଯାଇପାରିବ । ଏଥିପାଇଁ ବର୍ଷକୁ ୪ଥର ସମୀକ୍ଷା କରାଯିବ । ଉପରୋକ୍ତ ମାନଦଣ୍ଡ ମାର୍ଚ୍ଚ ୩୧, ଜୁନ୍ ୩୦, ସେପ୍ଟେମ୍ବର ୩୦, ଡିସେମ୍ବର ୩୧ ସୁଦ୍ଧା ପୂରଣ ହେଉଥିଲେ ତାଙ୍କ କାର୍ଯ୍ୟ ସମୀକ୍ଷା ପରିସରଭୁକ୍ତ ହେବ । ସେହିପରି ଅନ୍ୟ କର୍ମଚାରୀଙ୍କର ଜୁନ୍ ୩୦ ଓ ଡିସେମ୍ବର ୩୧ ସୁଦ୍ଧା ଉପରୋକ୍ତ ମାନଦଣ୍ଡ ପୂରଣ କରୁଥିଲେ ତାଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ବିଚାରକୁ ନିଆଯିବ । ହେଲେ କର୍ମଚାରୀଙ୍କର ପ୍ରଥମ ୫ବର୍ଷ ଚାକିରି ଭିତରେ କିମ୍ବା ପଦୋନ୍ନତି ପାଇ ଅବସ୍ଥାପିତ ହୋଇଥିବା ପଦବିରେ ଯଦି ୫ବର୍ଷ ଭଲ କାମ କରିଥିବେ ତେବେ ତାଙ୍କର ପୂର୍ବ କାର୍ଯ୍ୟ ଖରାପ ହୋଇଥିଲେ ବି ଏହାକୁ ସମୀକ୍ଷା ପରିସରଭୁକ୍ତ କରାଯିବନି । ବାଧ୍ୟତାମୂଳକ ଅବସର ଦେବା ପାଇଁ ପ୍ରତି ୪ମାସରେ ଥରେ ଲେଖାଏଁ ସାଧାରଣ ପ୍ରଶାସନ ବିଭାଗକୁ ରିପୋର୍ଟ ଦେବାକୁ କୁହାଯାଇଛି । ଏଥିରେ ଜାନୁଆରିରୁ ମାର୍ଚ୍ଚ ମାସର ସମୀକ୍ଷା କରି ଏପ୍ରିଲ ୧୫ ସୁଦ୍ଧା, ଏପ୍ରିଲରୁ ଜୁନ୍ ମାସର ସମୀକ୍ଷା କରି ଜୁଲାଇ ୧୫, ଜୁଲାଇରୁ ସେପଟ୍ଟେମ୍ବରର ଅକ୍ଟୋବର ୧୫, ଅକ୍ଟୋବରରୁ ଡିସେମ୍ବର ମଧ୍ୟର କାର୍ଯ୍ୟକୁ ସମୀକ୍ଷା କରି ତାହା ପରବର୍ଷର ଜାନୁଆରି ୧୫ ସୁଦ୍ଧା ରିପୋର୍ଟ ଦେବାକୁ ନିୟମ ଅଛି । ଏହାକୁ ଆଧାର କରି ଅପାରଗ ବାବୁଙ୍କୁ ବିଦା କରିବାର ଗାଇଡ୍‌ଲାଇନ୍ ଅଛି । ହେଲେ ଏହାକୁ କୌଣସି ବିଭାଗ ମାନୁନାହାନ୍ତି । ଆସନ୍ତା ୧୨ ତାରିଖରେ ସଚିବସ୍ତରୀୟ ବୈଠକ ବସିବାକୁ ଥିବାରୁ ଏ ସଂପର୍କରେ ଆଲୋଚନା ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

### ରାହୁଲ ବନାମ...

ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କେବଳ କର୍ଣ୍ଣାଟକ ନୁହେଁ, ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରେ ଭୋଟ୍ ଚୋରି ହୋଇଥିବା ଅଭିଯୋଗ କରିଆସୁଛନ୍ତି ରାହୁଲ । ବିହାର ଭୋଟର ତାଲିକା ସଂଶୋଧନ ନେଇ ମଧ ପ୍ରଶ୍ନ ଉଠାଇ ଆସୁଛନ୍ତି । ଏନେଇ ମୁହାଁମୁହିଁ ହୋଇଛନ୍ତି ରାହୁଲ ଓ ନିର୍ବାଚନ କମିସନ ।

### ଗୁଣ୍ଡା ଭଳି କାମ କରିପାରିବ...

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁ କଡା ଟିପ୍ପଣୀ ଦେଇ କହିଛନ୍ତି, ଇଡି ଗୁଣ୍ଡା ଭଳି କାମ କରିପାରିବ ନାହିଁ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ କଡ଼ା ଭର୍ତ୍ସନା କରିଛନ୍ତି ସର୍ବୋଚ୍ଚ ଅଦାଲତ । କୋର୍ଟ କହିଛନ୍ତି, ଇଡି ଗୁଣ୍ଡା ଭଳି କାମ କରି ପାରିବ ନାହିଁ । ଆଇନର ସୀମା ଭିତରେ ରହି କାମ କରୁ ଇଡି । ତେବେ ଇଡିର ଯାଞ୍ଚରେ ସୁଧାର ଆଣିବାକୁ ତାଗିଦ କରିଛନ୍ତି ସୁପ୍ରିମକୋର୍ଟ । ଜନତାଙ୍କ ସ୍ୱତନ୍ତ୍ରତା ଓ ଇଡିର ଛବିକୁ ନେଇ ସୁପ୍ରିମକୋର୍ଟଙ୍କ ଚିନ୍ତା । ୬ ବର୍ଷ ମଧ୍ୟରେ ଜେଲରୁ ଅଭିଯୁକ୍ତ ବାହାରି ଗଲେ ଏ ଅନ୍ୟାୟ ପାଇଁ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ । ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଇଡିର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

### ସ୍ଥିର ରହିବ ଏଲପିଜି ...

କୋଟିର ସବସିଡି ଦିଆଯିବ। ବିଶ୍ୱ ବଜାରରେ ଏଲପିଜି ଦର ବଦଳୁଥିବା ବେଳେ ଘରୋଇ ଗ୍ରାହକଙ୍କୁ ସୁରକ୍ଷା ଦେବା ଓ ସରକାରୀ କମ୍ପାନୀଗୁଡ଼ିକ ଆର୍ଥିକ ସ୍ୱାସ୍ଥ୍ୟକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ସରକାର ଏପରି ପଦକ୍ଷେପ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏପରି ନିଷ୍ପତ୍ତି ହୋଇଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ୩୦ ହଜାର କୋଟିର ସବସିଡି ସମ୍ପର୍କରେ ଘୋଷଣା କରିବା ବେଳେ ବୈଷ୍ଣବ କହିଛନ୍ତି, ମଧ୍ୟବିତ୍ତଙ୍କ ପାଖରେ ଶସ୍ତାରେ ଏଲପିଜି ପହଞ୍ଚାଇବାକୁ ୩୦ ହଜାର କୋଟିର ସବସିଡିକୁ ଅନୁମୋଦନ ମିଳିଛି। ବର୍ତ୍ତମାନର ବିଶ୍ୱ ରାଜନୀତିକ ସ୍ଥିତି ଯୋଗୁ ଗ୍ୟାସ ଦର ଦୋହଲିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସବସିଡି ବ୍ୟବସ୍ଥା କରାଯାଇଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ଏଲପିଜି ସିଲିଣ୍ଡ ଗ୍ରାହକଙ୍କୁ ଦିଆଯାଉଛି। ୨୦୨୪-୨୫ରେ ଅନ୍ତର୍ଜାତୀୟ ସ୍ତରରେ ଏଲପିଜି ଦର ବେଶ ଅଧିକ ରହିଥିଲା। ହେଲେ ସରକାର ଗ୍ରାହକଙ୍କ ଉପରେ ଏହାର ପ୍ରଭାବ ପଡ଼ିବାକୁ ଦେଇ ନଥିଲେ। କମ୍ପାନୀଗୁଡ଼ିକ ଅଧିକ ଦାମରେ କିଣି ଶସ୍ତାରେ ଏଲପିଜି ବିକ୍ରି କରୁଥିବାରୁ ସେମାନଙ୍କୁ ବେଶ କ୍ଷତି ସହିବାକୁ ପଡ଼ିଥିଲା। କ୍ଷତି ସହି ମଧ ସେମାନେ ଗ୍ରାହକଙ୍କ ପାଖରେ ଏଲପିଜି ପହଞ୍ଚାଉଛନ୍ତି। ସେମାନଙ୍କ କ୍ଷତି ଭରଣ କରିବାକୁ ଏପରି ସବସିଡି ଘୋଷଣା କରାଯାଇଛି। ସବସିଡି ଯୋଗୁ କମ୍ପାନୀଗୁଡ଼ିକ ଅଶୋଧିତ ତୈଳ ଓ ଏଲପିଜି କିଣିପାରିବେ। ଋଣ ଟଙ୍କା ପୈଠକ କରି ଅଧିକ ନିବେଶ କରିପାରିବେ।

### ଆଜି ମିଳିବ...

ଯେଉଁମାନଙ୍କ ଘରେ ସୁଭଦ୍ରା ପହଞ୍ଚିବାରେ ଅସୁବିଧା ହୋଇଛି, ସେ ସବୁ ସମସ୍ୟା ଦୂର କରାଯିବ। ତେବେ ଯେଉଁ ହିତାଧିକାରୀ ଭାବେ ପ୍ରଥମ ଦୁଇଟି କିସ୍ତିରେ ଟଙ୍କା ପାଇନାହାଁନ୍ତି, ସେମାନଙ୍କୁ ମଧ ଟଙ୍କା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ । ପ୍ରାୟ ୧ ଲକ୍ଷ ୮୮ ହଜାର ମହିଳା ଏପର୍ଯ୍ୟନ୍ତ ସୁଭଦ୍ରା ଟଙ୍କା ପାଇନାହାଁନ୍ତି । ତୃତୀୟ କିସ୍ତି ଟଙ୍କା ପ୍ରଦାନ ପରେ ଏନେଇ ସମୀକ୍ଷା ହେବ।

# ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର, ୦୮/୮ (ନି.ପ୍ର): ଓଡ଼ିଶା ବିଧାନସଭାର ନୂତନ ୱେବ୍ ସାଇଟ୍ ଉନ୍ମୋଚିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଏହି ୱେବ୍‌ସାଇଟ୍ କୁ ଉନ୍ମୋଚନ କରି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଲେ ଯେ ଏଭଳି ପ୍ରୟାସ ଅଧିକ ସ୍ୱଚ୍ଛ ଓ ପାରଦର୍ଶିତା ଦିଗରେ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍‌ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତି ଏବଂ ପଦକ୍ଷେପ ବିଷୟରେ ସଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ । ଏହି ଉନ୍ମୋଚନ ସୁଶାସନ ଏବଂ ନାଗରିକ ସମ୍ପୃକ୍ତି ପାଇଁ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରିବା କ୍ଷେତ୍ରରେ ପ୍ରତିବଦ୍ଧତାର ଏକ ନିଦର୍ଶନ। ଏହି ପ୍ଲାଟ୍‌ଫର୍ମ କେବଳ ବିଧାନସଭାର କାର୍ଯ୍ୟକାରିତାକୁ ବୃଦ୍ଧି କରିବ ନାହିଁ ବରଂ ଓଡ଼ିଶାର ଜନସାଧାରଣଙ୍କ ଅଧିକ ଅଂଶଗ୍ରହଣ ଏବଂ ସମ୍ପୃକ୍ତିକୁମଧ ପ୍ରୋତ୍ସାହିତ କରିବ। ଚଳିତ ଅଗଷ୍ଟ ମାସ ୨୯ ଓ ୩୦ ତାରିଖରେ ଦୁଇଦିନ ଧରି ଓଡ଼ିଶାରେ ଜାତୀୟ ସ୍ତରର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଯାଉଛି।

ଶନିବାର, ଅଗଷ୍ଟ ୦୯, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଖଇରା ପୋଲିସ ନିକଟରୁ ବଟିନେଇ ୩ ଗିରଫ: ବନ୍ଧୁକ,ପଲସର ବାଇକ ଜବତ



ଖଇରା, ୦୮/୮ (ନି.ପ୍ର): ଖଇରା ଥାନା ଅଧୀନ ବରପଦା ଛକ ନିକଟରେ ଆତଙ୍କ ସୃଷ୍ଟି କରିବା ସହ ପୋଲିସ ନିକଟରୁ ବଟି ନେଇ ଖଇରା ଓ ଔପଦା ଥାନା ଅଞ୍ଚଳର ୩ଯୁବକ ଖଇରା ପୋଲିସ ହାତରେ ଧରା ପଡିଛନ୍ତି । କୋର୍ଟ ଚାଲାଣ ହୋଇଥିବା ଯୁବକ ମାନେ ହେଲେ ଖଇରା ଥାନା ଅଧୀନ ସରସତିଆ ଗ୍ରାମର ସଞ୍ଜିବ ମୁଖି ,ଔପଦା ଥାନା ଅଧିନ ପ୍ରତାପପୁର ଗ୍ରାମର ଉଜ୍ଜ୍ୱଳ ପ୍ରଧାନ ଓ କୃଷ୍ଣଦାସପୁର ଗ୍ରାମର ଦେବାଶିଷ ବିଶ୍ୱାଳ । ଗୁରୁବାର ରାତିରେ ସୋର-କୁପାରୀ ରାସ୍ତାର ବରପଦା ଛକରେ ଉପରୋକ୍ତ ୩ଜଣ ଯୁବକ ବନ୍ଧୁକ ଦେଖାଇ ଲୁଟପାଟ କରୁଥିବା ବେଳେ ଗ୍ରାମବାସୀ ମାନେ ଭୟଭିତ ଅବସ୍ଥାରେ ପୋଲିସକୁ ଖବର ଦେଇଥିଲେ । ଖବରପାଇଁ ପ୍ରଥମେ ଏଏସଆଇ ସଞ୍ଜୀବ ଖୁଣ୍ଟିଆ ଘଟଣାସ୍ଥଳକୁ ସାଧା ପୋଷାକ ଯିବା ରାସ୍ତାରେ ସେମାନେ ପ୍ରଥମେ ଧମକଚମକ ଦେଇ ତାଙ୍କ ପାଖରୁ ୨ଶହ ଟଙ୍କା ଛଡାଇ ନେଇଥିଲେ । ପରେ ଏଏସଆଇ ଖୁଣ୍ଟିଆ ଖଇରା ଆଇଆଇସି ସୁଚନ୍ଦ୍ର ମହାଲିକଙ୍କୁ ଜଣାଇବା ପରେ ଖଇରା ଥାନାରୁ ଏକ ଟିମ ପହଞ୍ଚି ଆତଙ୍କ ସୃଷ୍ଟି କରୁଥିବା ଏହି ଯୁବକ ମାନଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ଏକ ମାମଲା(୨୪୪/୨୫) ରୁଜୁ କରିଥିଲେ । ବନ୍ଧୁକ ବ୍ୟତିତ ନଗଦ ୭ଶହ ଟଙ୍କା,ଏକ ପଲସର ବାଇକ ସହ ଅନ୍ୟକିଛି ମାରଣାସ୍ତ୍ର ଜବତ କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ତପନ କୁମାର ଜେନା ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେବା ଅବସରରେ ପ୍ରକାଶ କରିଛନ୍ତି ।

## ୬ଷ୍ଠ ତମ ନିର୍ମଳ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ



ଭୁବନେଶ୍ୱର, ୦୮/୮ (ନି.ପ୍ର): ଆସନ୍ତା ଅଗଷ୍ଟ ୯ ଏବଂ ୧୦ ତାରିଖରେ ବଲିଉଡର ପ୍ରଖ୍ୟାତ ଅଭିନେତା ସ୍ୱର୍ଗତଃ ନିର୍ମଳ ପାଣ୍ଡେଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ଦିନ ବ୍ୟାପୀ ବିଜୁ ପଟ୍ଟନାୟକ ଫିଲ୍ମ ଇନ୍ଷ୍ଟି ଟ୍ୟୁଟ୍, କଟକଠାରେ ହେବାକୁ ସ୍ଥିର ହୋଇଛି । ସେହି ଅବସରରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ଘୋଷଣା ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ମୁମ୍ବାଇରୁ ଆସିଥିବା ଫେଷ୍ଟିଭାଲର ମୁଖ୍ୟ ପରିଚାଳକ ଅନିଲ ଦୁବେ, ମୁମ୍ବାଇରେ ଅବସ୍ଥାପିତ ବରିଷ୍ଠ କ୍ୟାମେରାମ୍ୟାନ ଓ ନିର୍ଦ୍ଦେଶକ ଚନ୍ଦ୍ରଶେଖର ରଥ, ଫେଷ୍ଟିଭାଲ ମୁଖ୍ୟ ତଥା ସଂରକ୍ଷକ ମୁମ୍ବାଇର ରେଖା ଗୌର, ନିର୍ମଳ ପାଣ୍ଡେଙ୍କ ପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଆମୋଦ ଭଟ୍ଟ, ଶୁଭଶ୍ରୀ ଭଟ୍ଟ, ବିଜୁ ପଟ୍ଟନାୟକ ଫିଲ୍ମ ଇନ୍ଷ୍ଟିଟ୍ୟୁଟ୍ ର ଉପଦେଷ୍ଟା ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ସାହୁ, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଅଭିନେତା ସୁକାନ୍ତ ରଥ, ଅଭିନେତ୍ରୀ ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଫିଲ୍ମ ଫେଷ୍ଟିଭାଲ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି ଫେଷ୍ଟିଭାଲ ରେ ବିଭିନ୍ନ ଭାଷାଭାଷୀର ୩୦ ଟି ଚଳଚ୍ଚିତ୍ର ପ୍ରଦର୍ଶନ ହେବ । ମୁଖ୍ୟ ଚଳଚ୍ଚିତ୍ର ଭାବେ ଓଡ଼ିଆର ନିର୍ବାକ, ଆଭା, ଦମନ, ଅଦମ୍ୟ, ଅନୁଭବ ଏବଂ ଚନ୍ଦ୍ରଶେଖର ରଥଙ୍କର ନିର୍ଦ୍ଦେଶିତ ଡକ୍ୟୁମେଣ୍ଟାରୀ ଫିଲ୍ମ ସାଥ ଚଲନା ହି ଜୀନ୍ଦେଗୀ ହୈ ଏବଂ ଉମିଦ, ମାଇଁ ମଦର ମାଇଁ ୱାର୍ଲଡ, ଯୋଗର୍ସ ପାର୍କ, ଆଡ୍ୟୁ, ଖାରା ମୋଦକ, ନଜରୀୟା, ଡିପସ୍ଟିକ ଆଦି ଫିଲ୍ମ ସ୍କ୍ରିନିଂ ହେବାକୁ ସ୍ଥିର ହୋଇଛି । ନିର୍ମଳ ପାଣ୍ଡେ ଫିଲ୍ମ ଫେଷ୍ଟିଭାଲର ଲକ୍ଷ୍ୟ ସାରା ଭାରତର ପ୍ରତ୍ୟେକ କୋଣରେ ଏହି ଫେଷ୍ଟିଭାଲ ଅନୁଷ୍ଠିତ ହେବ ଯାହାଦ୍ୱାରା ସ୍ୱର୍ଗତଃ ନିର୍ମଳ ପାଣ୍ଡେଙ୍କ କୃତିତ୍ୱକୁ ସମସ୍ତେ ଜାଣିପାରିବେ ।

## ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୮/୮ (ନି.ପ୍ର): ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନରେ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ବାଙ୍ଗାଲୋରର ବେସିକ ନିଡସ ଇଣ୍ଡିଆ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ପ୍ରୟାସରେ ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର , ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ଏହି ସମ୍ମିଳନୀ ରେ ଯୋଗ ଦେଇ ମନୁଷ୍ୟ ଅଧିକ ଦିନ ଧରି ମାନସିକ ଚାପରେ ରହିଲେ ତାହା ମାନସିକ ଅସୁସ୍ଥତା ଆଡକୁ ଗତି କରିଥାଏ । ଏହାର ସଠିକ୍ ପରିଚାଳନା କରିବାକୁ ହେଲେ ଚାପରେ ରହୁଥିବା ସମୟରେ ବ୍ୟବହାରରେ ସକରାତ୍ମକ ଚିନ୍ତା ଆଣିବାକୁ ହେବ ବୋଲି କହିଥିଲେ ।

## ଆଦାନୀ ଧାମରା ପୋର୍ଟରେ ପ୍ରଥମ ଷ୍ଟିଲ ସ୍ଲାବ୍ ରେକ୍ ଲୋଡିଂର ଶୁଭାରମ୍ଭ




ଧାମରା, ୦୮/୮ (ନି.ପ୍ର): ଆଦାନୀ ଧାମରା ପୋର୍ଟ ଷ୍ଟିଲ ସ୍ଲାବ୍ ପରିବହନ ଯୋଗାଣ କ୍ଷେତ୍ରରେ ଐତିହାସିକ ମାଇଲଖୁଣ୍ଟ ହାସଲ କରିପାରିଛି । ଧାମରା ପୋର୍ଟ ପକ୍ଷରୁ ପ୍ରଥମଥର ପାଇଁ ଷ୍ଟିଲ ସ୍ଲାବ୍ ଟ୍ରେନ ମାଧ୍ୟମରେ ଲୋଡିଂର ଶୁଭାରମ୍ଭ କରାଯାଇଛି । ପ୍ରଥମଥର ପାଇଁ ଅଗଷ୍ଟ ୩ ତାରିଖରେ ଏମ୍ପି ଏଚ୍ଟିକେ ନେପ୍ଚ୍ୟୁନ୍ ଜାହାଜରେ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ ଲିମିଟେଡ୍ର ଆମଦାନୀ କରାଯାଇଥିବା ୩୫,୦୦୦ ଏମ୍ଟି ଉଚ୍ଚମାନର ଷ୍ଟିଲ ସ୍ଲାବ୍ ଧାମରା ପୋର୍ଟରେ ସଫଳତାର ସହ ବର୍ଥିଂ କରି ସୁଚାରୁରୂପେ ଅନଲୋଡିଂ କରାଯାଇଥିଲା । ପୋର୍ଟ ଦ୍ୱାରା ଏହି ପଣ୍ୟ ଦ୍ରବ୍ୟରୁ ପ୍ରାୟ ୨୯୦୦ ମେଟ୍ରିକ ଟନ୍ (୧୩୩ ସ୍ଲାବ) କାର୍ଗୋ ୪୫ ଟି ବିଏଫ୍ଏନ୍ଏସ୍ ୱାଗନ୍ରେ ସଫଳତାର ସହ ଲୋଡିଂ କରାଯାଇଛି । ଜିନ୍ଦଲ ଷ୍ଟିଲର ଏହି ସ୍ଲାବ୍ ଏହାର କଳିଙ୍ଗନଗରସ୍ଥିତ ପ୍ଲାଣ୍ଟକୁ ପରିବହନ କରାଯାଇଛି । ଆଦାନୀ ଧାମରା ପୋର୍ଟ ମାନବ ସମ୍ବଳ ବିଭାଗ ମୁଖ୍ୟ ବାସୁକୀ ନାଥ ଏହି ଷ୍ଟିଲ ଲୋଡିଂ ଟ୍ରେନ୍କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ଓ ରେଳ ପରିଚାଳନା ମୁଖ୍ୟ ଚିନ୍ମୟ ଦାଶ, କାର୍ଗୋ ପରିଚାଳନା ମୁଖ୍ୟ ବିଭୂଦତ୍ତ ରାୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ମାଇଲଖୁଣ୍ଟ କେବଳ ଧାମରା ପୋର୍ଟ ପାଇଁ ନୁହେଁ, ବରଂ ଶିଳ୍ପ ଏବଂ ପରିବହନ ତଥା କାର୍ଗୋ ପରିଚାଳନା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ପରିଗଣିତ ହେବ । ଏହି ସଫଳତା ପୋର୍ଟର ସମସ୍ତ କର୍ମଚାରୀ ଏବଂ ଅଂଶୀଦାରଙ୍କ ଅଦମ୍ୟ ପରିଶ୍ରମର ଫଳସ୍ୱରୂପ ପାରଦର୍ଶିତା ହାସଲ କରିପାରିଛି ।

## ହୋମଗାର୍ଡ ନିଯୁକ୍ତି ପରୀକ୍ଷା ବେଳେ ପରୀକ୍ଷାର୍ଥୀଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୮/୮ (ନି.ପ୍ର): ଖୋର୍ଦ୍ଧାରେ ହୋମ୍ ଗାର୍ଡ ନିଯୁକ୍ତି ପାଇଁ ପରୀକ୍ଷା ଚାଲିଥିବା ସମୟରେ ପରୀକ୍ଷାର୍ଥୀ ଅମାଦୁଲା ହକ୍ ଖାନ (ପିତା- ତଜବୁଲା ହକ୍ ଖାନ) ଙ୍କ ଦେହାନ୍ତ ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

## ଡିଜି ଅଫିସ ଘେରିଲା କଂଗ୍ରେସ

ଭୁବନେଶ୍ୱର, ୦୮/୮ (ନି.ପ୍ର): ଦିନକୁ ଦିନ ଓଡ଼ିଶା ଅସୁରକ୍ଷିତ ହେବାରେ ଲାଗିଛି । ମହିଳା ଓ ଛାତ୍ରୀ ମାନଙ୍କ ପାଇଁ ବାହାରକୁ ଯିବା ବି କଷ୍ଟକର ହୋଇପଡ଼ିଲାଣି । ପ୍ରତିଦିନ ନାରୀ ନିର୍ଯ୍ୟାତନାର ଖବର ଆସୁଛି କିନ୍ତୁ ସରକାର ଓ ପୋଲିସର କାର୍ଯ୍ୟାନୁଷ୍ଠାନ ଶୁନ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ଶୁକ୍ରବାର ଦିନ ମହିଳା ମାନଙ୍କୁ ସୁରକ୍ଷା ଏବଂ ବଲଙ୍ଗା ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସରକାର ଓ ପୋଲିସ ପ୍ରଶାସନକୁ ଚେତାଇ ଦେବା ନିମନ୍ତେ କଂଗ୍ରେସ ପକ୍ଷରୁ କଟକ ପୋଲିସ ଡ଼ିଜି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ମାତା ମଠ ଛକ ଠାରୁ ଶୋଭାଯାତ୍ରା ଆରମ୍ଭ କରି ଡ଼ିଜି ଅଫିସ ପହଂଚିବା ସହ ଡ଼ିଜି ଅଫିସ ଆଗରେ ଧାରଣା ପ୍ରଦର୍ଶନ କରାଯାଇଥିଲା । ଏହାପରେ ଡିଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ପିସିସି ସଭାପତି କହିଛନ୍ତି ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ବଦଳରେ ଘଟଣାକୁ ଚପାଇ ଦେବାକୁ ପ୍ରୟାସ କରୁଛନ୍ତି ସରକାର ।

## ଭାରତୀୟ ଜନତା ପାର୍ଟି ରାଇବଣିଆ ମଣ୍ଡଳ ପକ୍ଷରୁ ବୃକ୍ଷ ସ୍ୱଚ୍ଛ ଭାରତ, ରୋପଣ, ଫଳ ବଣ୍ଟନ ଓ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଜଳେଶ୍ୱର, ୦୮/୮ (ନି.ପ୍ର): ଆଜି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାରତୀୟ ଜନତା ପାର୍ଟି ରାଇବଣିଆ ମଣ୍ଡଳ ତରଫରୁ ହତିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଭିତରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା ଓ ଚିକିତ୍ସା ଧିନ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କ ସହିତ ହସ୍ପିଟାଲର ସମସ୍ୟା ଆଲୋଚନା କରି ସିଡିଏମଓ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ସମାଧାନ କରିବା ପାଇଁ ନିଷ୍ପତି ନିଆଯାଇ ଥିଲା । ସେହିପରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇବଣିଆ ମଣ୍ଡଳ ରାୟ ବଳିଆରସିଂହ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା ।ଗୋଟେ ଗଛର ନାମ ରାଣୀ ଲକ୍ଷ୍ମିବାଇ ଯାହାର ଯତ୍ନ ନେବେ ଛାତ୍ରୀ ଗୁନଗୁନ୍ ପାତ୍ର ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଲେ ।ଦ୍ୱିତୀୟ ଗଛ ସରୋଜିନୀ ନାଇଡୁଙ୍କ ନାମରେ ଛାତ୍ର ଅଞ୍ଜନ ଆଚାର୍ଯ୍ୟ ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଲେ ତୃତୀୟ ଗଛ ମହାତ୍ମା ଗାନ୍ଧୀଙ୍କ ନାମରେ ଛାତ୍ରୀ ସନ୍ଧ୍ୟା ରାଣୀ ମଲ୍ଲିକ ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଲେ ।ଏହି କାର୍ଯ୍ୟକ୍ରମରେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ସ୍କୁଲର ସମସ୍ତ ଶିକ୍ଷକ ସହୋଯୋଗ କରିଥିଲେ ।ଶେଷରେ ସ୍କୁଲର ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଶୌଚାଳୟ ମରାମତି ନିମନ୍ତେ ଦାବି କୁ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନ ପ୍ରତିଶୃତି ଦେଇଥିଲେ । ପରେ ପରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇବଣିଆ ମଣ୍ଡଳ ତରଫରୁ ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ କବାଟଘାଟି ଆଶ୍ରମ ବିଦ୍ୟାଳୟରେ ରକ୍ଷା ବନ୍ଧନ କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା ।ପିଲାମାନଙ୍କ ସହିତ ଗୀତ ଗାଇ ରାକ୍ଷୀ ବାନ୍ଧି ମିଷ୍ଟାନ୍ନ ବଣ୍ଟନ କରି ସମସ୍ତ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷଇତ୍ରୀ ଓ କାର୍ଯକର୍ତ୍ତ ଆନନ୍ଦ ଉପୋଭୋଗ କରିଥିଲେ । ଆଜିର ଏହି ସବୁ କାର୍ଯକ୍ରମରେ ବରିଷ୍ଠ ବିଜେପି ନେତା ଶ୍ରୀଯୁକ୍ତ ବ୍ରଜମୋହନ ପ୍ରଧାନ, ରାଇବଣିଆ ମଣ୍ଡଳ ସଭାପତି ସଞ୍ଜୀବ ଜେନା, ପୂର୍ବତନ ସଭପତି ତରୁଣ ପଟ୍ଟନାୟକ, ମଣ୍ଡଳ ପ୍ରଭାରୀ କାଳୀଚରଣ ଦାସ, ରାସ ବିହାରୀ ରଣା, ତାପସ ପାଣିଗ୍ରାହୀ, ଦିଗାମ୍ବର ଦାସ,ନିହାର ରଞ୍ଜନ ଦାସ, ସରୋଜ ସାସମଲ୍, ସୁଜିତ୍ ଦାସ, ସନତ ସାହୁ, ସୁକାନ୍ତ ଜେନା, ହରିପଦ ବେରା,ଗୋଲକ ବାରିକ,ରବୀନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ବାସୁଦେବପୁର ବ୍ଲକ ପଦ୍ମପୁର ୩୩/୧୧କେଭି ବିଦ୍ୟୁତ ଗ୍ରୀଡ଼ କାର୍ଯ୍ୟକ୍ଷମ ହେଲା: ୪ ଗୋଟି ପଂଚାୟତ ବିଦ୍ୟୁତ ପାଇଲେ



ବାସୁଦେବପୁର, ୦୮/୮ (ନି.ପ୍ର): ବାସୁଦେବପୁର ବିଦ୍ୟୁତ ସବ ଡିଭିଜନ ଅଧୀନ ପଦ୍ମପୁର ଠାରେ ବହୁ ପ୍ରତିକ୍ଷୀତ ୩୩/୧୧ ଲଙ୍ଗ ବିଦ୍ୟୁତ ଗ୍ରୀଡ଼ କାର୍ଯ୍ୟକ୍ଷମ ହୋଇ ଆଜି ୨.୨୫ ସମୟରେ ସୁଗୋ ଏରତାଳ ଜଗନ୍ନାଥ ପ୍ରସାଦ ପଦ୍ମପୁର ଗ୍ରାମ ପଂଚାୟତ ମାନଙ୍କ ଅଧୀନରେ ଥିବା ବିଦ୍ୟୁତ ଗ୍ରାହକ ଓ ଉପଭୋକ୍ତା ମାନଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇଛି । ଯାହା ଫଳରେ ଉକ୍ତ ପଂଚାୟତ ମାନଙ୍କୁ ବାସୁଦେବପୁର ୩୩/୧୧ଲଙ୍ଗ ଠାରୁ ବିଦ୍ୟୁତ ଯୋଗାଇ ଦିଆଯାଉଥିଲା । ଫଳରେ ଉପଭୋକ୍ତା ମାନେ ଦିନରେ ୩ ୪ ଥର ବିଦ୍ୟୁତ କଟିବା ଦ୍ୱାରା ହଇରାଣ ହେଉଥିଲେ । ବର୍ତ୍ତମାନ ପଦ୍ମପୁର ୩୩/୧୧କେଭି ସବ ଷ୍ଟେସନ ଠାରୁ ନିରନ୍ତର ବିଦ୍ୟୁତ ପାଇପାରିବେ । ଏ ବାବଦରେ ପୂର୍ବତନ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ସାଂସଦ ଥିବା ସମୟରେ, ଜିଲ୍ଲା ବିଦ୍ୟୁତ କମିଟିର ଅଧକ୍ଷା ଭାବେ ବହୁ ବାର ସମୀକ୍ଷା କରିଛନ୍ତି ଏବଂ ସ୍ଥାନୀୟ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅଶୋକ ଦାସ ବିଧାନସଭା ଓ ଜିଲ୍ଲା କମିଟିରେ ଆଲୋଚନା କରିଛନ୍ତି, ଗତ ତା ୨୪.୦୭.୨୦୨୫ ଜିଲ୍ଲାର ଅନେକ ସମସ୍ୟା ସହିତ ଉକ୍ତ ପ୍ରସଙ୍ଗ ବାବଦରେ ପୂର୍ବତନ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ଏବଂ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳ ସମୀକ୍ଷା ଓ ଆଲୋଚନା କରିଥିଲେ । ଉକ୍ତ ସମସ୍ୟା ୧୫ ଦିନ ମଧ୍ୟରେ ସମାଧାନ ହେବ ବୋଲି ଜିଲ୍ଲାପାଳ ଓ ବିଦ୍ୟୁତ ବିଭାଗ ପ୍ରତିଶୃତି ଦେଇଥିଲେ । ତାହା ଆଜି ସଫଳ ହେଲା,ଲୁଙ୍ଗା ଗୁଆ ଗଡିଆ ଗ୍ରାମ ପଂଚାୟତ ପଦ୍ମପୁର ଗ୍ରୀଡ଼ ସହିତ ସଂଯୋଗ ହେବା ପାଇଁ ପୂର୍ବରୁ ଦାବୀ ଥିଲା କିନ୍ତୁ ତାହା ବାଦ ପଡିଛି । ଉକ୍ତ ପଦ୍ମପୁର ୩୩/୧୧କେଭି ସବ ଷ୍ଟେସନ ରୁ ବହୁ ବାର ଲକ୍ଷ ଲକ୍ଷ ଟଙ୍କା ର ବିଦ୍ୟୁତ ସାମଗ୍ରୀ ଚୋରି ହୋଇଛି ଏବେ ନିକଟରେ ମଧ ଲକ୍ଷ ଲକ୍ଷ ଟଙ୍କାର ବିଦ୍ୟୁତ କେବୁଲ ଚୋରି ହୋଇଛି, ବିଦ୍ୟୁତ ବିଭାଗ କିମ୍ବା ପୋଲିସ ଅଧିକାରୀ ଚୋର ଧରିବାର ସକ୍ଷମ ହେଉନାହାନ୍ତି । ଉକ୍ତ ସବ ଷ୍ଟେସନର କାର୍ଯ୍ୟକ୍ଷମ ପାଇଁ ପୂର୍ବତନ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅଶୋକ ଦାସ,ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପାଳ ଏବଂ ବିଦ୍ୟୁତ ବିଭାଗକୁ ୪ ଗୋଟି ପଂଚାୟତ ବାସୀ କୃତଜ୍ଞତା ଜଣାଇଛନ୍ତି ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ , ୦୮/୮ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍କୁଲ ଲିଟରାସି କ୍ଲବ ଗୁଜିଦରଡ଼ା ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ପରିଚ୍ଛଳନା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ବିଲାମାନଙ୍କୁ ମାନବଚ୍ଛଲାଣ (ଦାଦନ), ଯୌନ ଶୋଷଣରେ ଶିକାର ହେଉଥିବା ପିଲାମାନଙ୍କ ନିମନ୍ତେ ଥିବା ଆଇନ୍, ନିଶାସେବନର ଅପକାରିତା ତଥା ନିଶା ମୁକ୍ତ ନିମିତ୍ତ ସଚେତନତା ମୂଳକ ଶୈକ୍ଷଣୀୟ ତଥ୍ୟ, ମଧ୍ୟସ୍ଥତା ମାଧ୍ୟମରେ କିପରି ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରରେ ଉଭୟ ପକ୍ଷଙ୍କୁ ଡକାଯାଇ ସେମାନଙ୍କର ସମସ୍ୟାକୁ ସମାଧାନ କରାଯାଉଛି ତାହା ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ବୁଝାଇଥିଲେ । ନାଲସା ହେଲ୍‌ପ ଲାଇନ୍ ନମ୍ବର ୧୫୧୦୦ ର ସଠିକ୍ ବ୍ୟବହାର ସଂପର୍କରେ ମଧ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସଚେତନତା କରାଇବା ପାଇଁ ଅତିଥି ବୃନ୍ଦ ପ୍ରଫେସର ଅକ୍ଷୟ କୁମାର ମହାନ୍ତି, ପୂର୍ବତନ ଅଧକ୍ଷ, ଚନ୍ଦବାଲି କଲେଜ, ଭଦ୍ରକ, ତାପସ କୁମାର ମହାନ୍ତି, ସହକାରୀ, ଏଲ୍.ଏ.ଡିସି.ଏସ, ଭଦ୍ରକ, ପଙ୍କଜ କୁମାର ସାହୁ, ମୁଖ୍ୟ ପରିଚ୍ଛଳକ, ବିରଞ୍ଚି ନାରାୟଣ ମହାନ୍ତି, ନିୟୁଲାଇଫ ନିଶା ନିବାରଣ ଓ ଅନୁସନ୍ଧାନ କେନ୍ଦ୍ର, ହଳଦିଡିହ, ବାଇପାସ, ଭଦ୍ରକ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ପ୍ରଧାନ ଶିକ୍ଷୟିତ୍ରୀ, ଗୁଜିଦରଡ଼ା ଉଚ୍ଚବିଦ୍ୟାଳୟ, ଭଦ୍ରକ ସ୍କୁଲ ଲିଗାଲ ଲିଟରାସି କ୍ଲବର ଭାରାପ୍ରାପ୍ତ ଶିକ୍ଷକ ଅଜମଲ ହୋସେନ ଖାନ, ତଥା ଏହି ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ଏବଂ ୧୦୦ ରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କର୍ମୀଗଣ ଏହି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ କରି ସଫଳ କରାଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କୁ ଜଣେ ସୁ-ନାଗରିକ ତଥା ସୁ-ଶିକ୍ଷିତ ହେବା ପାଇଁ ବାର୍ତ୍ତା ଦିଆଯାଇଥିଲା ।

## ମାଲବାହି ଗାଡିରେ ଲେବର ନେଉ ଥିବା ଗାଡି ମାଲିକଙ୍କୁ ଧରିଲା ସଡ଼କ ଓ ପରିବହନ ବିଭାଗ



ବସ୍ତା, ୦୮/୮ (ନି.ପ୍ର): ସୂଚନା ଅନୁସାରେ ଖରିପ ଚାଷ ପାଇଁ ଗ୍ରାମାଞ୍ଚଳ ମାନଙ୍କ ରେ ଚାଷୀ କୁଳ ବ୍ୟସ୍ତ ଥିବା ବେଳେ, ଚଳିତ ବର୍ଷ ବନ୍ୟା ଚାଷୀ ଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି. ତେବେ ବସ୍ତା ଅଞ୍ଚଳ ରେ ବନ୍ୟା ଯୋଗୁଁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ, ତଳି ପାଇଁ ଚାଷୀ ବିଭିନ୍ନ ସ୍ଥାନରୁ ତଳି ସଂଗ୍ରହ କରି ପୁଣି ଚାଷ ପାଇଁ ଚାଷୀ ବ୍ୟସ୍ତ ବିବ୍ରତ ଥିବା ଦେଖିବାକୁ ମିଳିଛି । ତେବେ ଶ୍ରାବଣ ମାସ ସାରିବାକୁ ଯାଉଥିବାରୁ ଚାଷୀ ମାନେ ତଳି ରୁଇବାକୁ ବିଭିନ୍ନ ସ୍ଥାନ ରୁ ଡେଲି ମଜୁରୀଆ ମାନଙ୍କୁ ପିକ ଅପ, ଓଟୋ, ଟାଟା ଏସି ଗାଡି ରେ ବୋହି ଆଣି ଚାଷ କାର୍ଯ୍ୟ ରେ ବ୍ୟବହାର କରିଆସୁଥିବା ବେଳେ,ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ରାସ୍ତା ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମାଲବାହି ଗାଡି ରେ ଦିନ ମଜୁରିଆ ମାନଙ୍କୁ ଅତି ଅମାନୁଷିକ ଭାବେ ନେବା ଆଣିବା କରୁଥିବା ରୁ ଅନେକ ସ୍ଥାନ ରେ ଦୁର୍ଘଟଣା ଘଟି ଆସୁଛି । ତେଣୁ ସଡ଼କ ଓ ପରିବହନ ବିଭାଗ ର କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଆଜି ଟ୍ରାଫିକ ଇନ୍ସପେକ୍ଟର ସମରେନ୍ଦ୍ର ମହାପାତ୍ର ଙ୍କ ସହ ଏକ ଟିମ ବସ୍ତା ଅଞ୍ଚଳ ରେ ଚଢ଼ାଉ କରି ଦିନମଜୁରିଆ ମାନଙ୍କୁ ନେଉଥିବା ଅନେକ ଗାଡି କୁ ଅଟକାଇ ଚାଲାଣ କାଟିବା ସହିତ ସେମାନଙ୍କୁ ତାଗିଦ କରିଥିଲେ ।

## ଭୁବନେଶ୍ୱର ସୈନିକ ସ୍କୁଲ ପରିସରରେ ଅକ୍ଟୋବର ୨୨ରୁ ୩୦ ତାରିଖ ସୈନ୍ୟବାହିନୀ ଅଗ୍ନିବୀର ନିଯୁକ୍ତି ରାଲି

ଖୋର୍ଦ୍ଧା , ୦୮/୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଆସନ୍ତା ଅକ୍ଟୋବର ମାସ ୨୨ ରୁ ୩୦ ତାରିଖରେ ଅଗ୍ନିବୀର ଅଧୀନ ସୈନ୍ୟ ବାହିନୀରେ ନିଯୁକ୍ତି ନିମନ୍ତେ ଶାରୀରିକ ଓମେଡିକାଲ ପରୀକ୍ଷା ଅନୁଷ୍ଠିତ ହେବ । ଯେଉଁ ପ୍ରତିଯୋଗୀ ମାନେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ସେହି ଯୁବକ ମାନେ କେବଳ ଉକ୍ତ ରାଲିରେ ଯୋଗଦେଇ ପାରିବେ । ପ୍ରତିଯୋଗୀ ମାନଙ୍କର ଦୌଡ଼ ପରୀକ୍ଷା, ଶାରୀରିକ ପରୀକ୍ଷା ଏବଂ ପରେ ମେଡିକାଲ ପରୀକ୍ଷା କରାଯିବ । ଯେଉଁ ମାନେ ସମସ୍ତ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେମାନଙ୍କୁ ନିଯୁକ୍ତି ମିଳିବ । ଏହି ପରୀକ୍ଷା ସୈନ୍ୟ ବାହିନୀ ନିଯୁକ୍ତି ପରୀକ୍ଷା ଆର୍ମି ରିକ୍ରୁମେଣ୍ଟ କାର୍ଯ୍ୟାଳୟ କଟକ କରାଇବେ । ଏହା ସମ୍ପୂର୍ଣ୍ଣ ଦକ୍ଷତା ଓ ପାରଦର୍ଶିତା ଭିତିରେ ଅନୁଷ୍ଠିତ ହେବ । ଏଥିପାଇଁ କୌଣସି ଲାଞ୍ଚ ବା କାହା ପ୍ରରୋଚନାରେ ନିଯୁକ୍ତି ମିଳେ ନାହିଁ ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରକାଶ କରିବା ସହ କର୍ଣ୍ଣେଲ ପ୍ରସନ୍ନ, ଆର୍ମି ରୀକ୍ରୁମେଣ୍ଟ ଅଫିସ୍ ନିର୍ଦ୍ଦେଶକ, କଟକ ପ୍ରକାଶ କରିଛନ୍ତି । ଆସନ୍ତା ଅକ୍ଟୋବର ମାସରେ ହେବାକୁ ଥିବା ଏହି ସୈନ୍ୟ ବାହିନୀ ନିଯୁକ୍ତି ପ୍ରକ୍ରିୟା କୁ ସୁଚାରୁରୂପେ ସମ୍ପାଦନ ନିମନ୍ତେ ବାରିକେଡ଼ିଂ,ଆଶୁ ଚିକିତ୍ସା ବ୍ୟବସ୍ଥା, ନିର୍ବାହୀ ମାଜିଷ୍ଟ୍ରେଟ ନିଯୁକ୍ତି , ବସ୍ ଯୋଗାଣ,ମାଇକ ବ୍ୟବସ୍ଥା, ସତର୍କ ସୂଚନା ହୋଡ଼ିଂ ଓ ବି ଏମ୍ ସି ପରିମଳ ଗାଡ଼ିରେ ଅଡିଓ ଜୀଙ୍ଗିଲ ସୂଚନା ବଜାଇବା, ଆଇନଶୃଙ୍ଖଳା ପାଇଁ ପୋଲିସ ବ୍ୟବସ୍ଥା, ବିଜୁଳି ଯୋଗାଣ ଓ ଆଲୋକି କରଣ, ଇଣ୍ଟରନେଟ ସେବା, ପାନୀୟଜଳ, ବାୟୋ ଟୟେଲେଟ, ପଡିଆ ସଫା ସୁତରା ଆଦି ବିଭିନ୍ନ କାର୍ଯ୍ୟ ସହଯୋଗ ଯୋଗାଇ ଦେବାକୁ ଶ୍ରୀ ବେଉରା ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପାୟୁକ୍ତ,ବି.ଏମ.ସି, ଶ୍ରୀମତି ରଶ୍ମିରେଖା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଡେପୁଟି କଲେକ୍ଟର, ସାଧାରଣ ଓ ବିବିଧ,ପ୍ରଧାନ ଟୁଲିଆମା, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା,ଏ ସି ପି,ଡି ଆଇ ବି, ଭୁବନେଶ୍ୱର ଶ୍ରୀ କମଳ ଲୋଚନ ଭୂୟାଁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଅମରେନ୍ଦ୍ର ନାୟକଙ୍କ ନିର୍ବାହୀ ଯନ୍ତ୍ରୀ,ପୂର୍ତ୍ତ, ଭୁବନେଶ୍ୱର ଇଁ ପ୍ରମୋଦ କୁମାର ପ୍ରଧାନ ଙ୍କ ସମେତ ସଂପୃକ୍ତ କାର୍ଯ୍ୟନ୍ୱୟନ ବିଭାଗ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଯୋଗ ଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida